Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ବର୍ଷା ପରେ କ୍ଷେତରେ ହସୁଛି ନୂଆ ଫସଲ




ବର୍ଷ-୧ ସଂଖ୍ୟା-୩୫ ୧୧ - ୧୭ ସେପ୍ଟେମ୍ବର, ୨୦୧୭ ଭୁବନେଶ୍ୱର • Monday Weekly • VOL-1 ISSUE-35 11th -17th September, 2017 BHUBANESWAR ₹ 5/- (8 Pages)


## ଶାହାଙ୍କ ଟାର୍ଗେଟରେ ନବୀନ, କେନ୍ଦ୍ରୀୟ ଅନୁଦାନର ହିସାବ ଦିଅ

# ଖେଳ ୧୨୦



ଭୁବନେଶ୍ୱର : ତିନିଦିନିଆ ଓଡ଼ିଶା ଗସ୍ତ ଶେଷ କରି ଦିଲ୍ଲୀ ଫେରିଯାଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା। ଏହି ଗସ୍ତର ପ୍ରଥମ ଦୁଇଦିନ ବିଭିନ୍ନ ଫୋରମ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିବା ସହ ଅନ୍ତିମ ଦିବସରେ ନବୀନ ସରକାରଙ୍କ ଉପରେ ଶାହା ଗର୍ଜନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଉନାହାନ୍ତି ନବୀନ ସରକାର। ସଭା ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସାରେ ପୋତିଦେବା ପରେ ଅମିତ ନବୀନଙ୍କୁ ଅତ୍ୟନ୍ତ କଟୁ ଶବ୍ଦରେ ସମାଲୋଚନା କରିଥିଲେ। ଶୁକ୍ରବାର ଜନତା ମଇଦାନରେ ଦଳର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଏଭଳି ବହୁ ବାଣ ମାରିବା ସହ ସେ ହିନ୍ଦୀରେ କହିଥିଲେ ମୋର ଜନ୍ମ ଗୁଜୁରାଟରେ, ତେଣୁ ମୁଁ ଓଡ଼ିଆ ଜାଣିନାହିଁ, ଏଥିପାଇଁ ଓଡ଼ିଶାବାସୀଙ୍କୁ କ୍ଷମା ମାଗୁଛି। ହେଲେ ଓଡ଼ିଶାରେ ଓଡ଼ିଆ କହୁନଥିବା ଲୋକ ରାଜ୍ୟବାସୀଙ୍କୁ କ୍ଷମା ମାଗୁଛନ୍ତି କି? କର୍ମୀଙ୍କ ମନରେ ଉତ୍ସାହ ଭରିଦେଇ ସେ କହିଥିଲେ ବିଜେପି କ୍ଷମତାକୁ ଆସିଲେ ଓଡ଼ିଶାରେ ହୋଇଥିବା ଦୁର୍ନୀତିର ତଦନ୍ତ ହେବ। ଏଥିସହ କେନ୍ଦ୍ର ଦେଇଥିବା ୪ଲକ୍ଷ କୋଟି ଟଙ୍କା କ'ଣ କଲ ବୋଲି ହିସାବ ମାଗିଥିଲେ। ସେହିଭଳି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଇ କହିଲେ, ଗତ ଜୁଲାଇ ମାସରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ୧୨୦ ସିଟ୍‌ରେ ଜିତିବା ନେଇ ଘୋଷଣା କରିଥିଲେ। ➤ ପୃ-୭

## 'ପ୍ରଭାବ ପଡିବନି'



ଭୁବନେଶ୍ୱର : ତିନିଦିନ ଧରି ଓଡ଼ିଶାରେ ରାଜ୍ୟ ସରକାର, ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶାଣିତ ସମାଲୋଚନା କରିଛନ୍ତି ବିଜେପି ସଭାପତି ଅମିତ୍ ଶାହା । ହେଲେ ଶାହାଙ୍କ ଏହି ସମାଲୋଚନାର ପ୍ରଭାବ ନବୀନଙ୍କ ଉପରେ ପଡ଼ିନାହିଁ କିମ୍ବା ସେ ଏଥିରେ ବିବ୍ରତ ହୋଇ ନାହାନ୍ତି। ➤ ପୃ-୭

## ଶାସକ ଦଳର ଗୃହ ଅଚଳ



ଭୁବନେଶ୍ୱର : ମୌସୁମୀ ଅଧିବେଶନ ୨ୟ ଦିନର ପ୍ରଶ୍ନକାଳ ସମୟରେ ଧାନର ସହାୟକ ମୂଲ୍ୟ ବୃଦ୍ଧି, ମହାନଦୀ ସମସ୍ୟା ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟର ମାନ୍ୟତା ନେଇ ଶାସକ ଦଳ ସଭ୍ୟ ହୋହଲ୍ଲା ଏବଂ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସୋମବାର ଯାଏ ଗୃହକୁ ମୁଲତବୀ ଘୋଷଣା କରାଯାଇଛି। ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଶାସକ ଦଳର ସଭ୍ୟମାନେ ଗୃହରେ ପାଟିତୁଣ୍ଡ ଆରମ୍ଭ କରିଦେଇଥିଲେ। ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଅବହେଳା କରୁଥିବାର ସ୍ଲୋଗାନ ଦେବା ସହ ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ସରକାର ଛତିଶଗଡ଼କୁ ସମର୍ଥନ କରୁଥିବା ଅଭିଯୋଗ ଆଣିଥିଲେ। ରାଜ୍ୟର ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନଦେବା ଏବଂ ଧାନର ସହାୟକ ମୂଲ୍ୟ କେନ୍ଦ୍ର ସରକାର ବୃଦ୍ଧି କରୁନଥିବା ନେଇ ନାରାବାଜି କରିଥିଲେ। ତେବେ ବାଚସ୍ପତି ପ୍ରଦୀପ କୁମାର ଅମାତ ଶାସକ ଦଳ ସଭ୍ୟମାନଙ୍କୁ ନିଜ ଆସନରେ ବସିବା ପାଇଁ ବାରମ୍ବାର ନିବେଦନ କରିଥିଲେ ସୁଦ୍ଧା ସେମାନେ ଶୁଣିନଥିଲେ। ଗୃହ ମୁଲତବୀ ହେବା ପରେ ଶାସକ ଦଳର ସଭ୍ୟମାନେ ଏକ ଶୋଭାଯାତ୍ରାରେ ରାଜଭବନ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳ ଡ. ଏସ୍‌ସି ଜମିର୍‌ଙ୍କୁ ଦେଇଥିଲେ। ➤ ପୃ-୭

## ସ୍ମାର୍ଟସିଟି : ସ୍ମାର୍ଟକାର୍ଡ଼




ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ 'ବିଏସ୍‌ସିଏଲ୍'ର ତୃତୀୟ ପ୍ରକଳ୍ପ ଏକକ ଦେୟ ପ୍ରଦାନ ସ୍ମାର୍ଟ କାର୍ଡ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୨୦୧୮ ଜାନୁଆରୀ ୧ରୁ ଏହା ଭୁବନେଶ୍ୱର ସହର ଓ ଉପକଣ୍ଠରେ ଏହା କାର୍ଯ୍ୟକାରୀ ହେବ। ➤ ପୃ-୭

## କଳାରାହାଙ୍ଗ ମୌଜା ସରକାରୀ ଜମି ହଡପ ଘଟଣା

# ତଦନ୍ତ ହେଲେ ଖୋଲିବ ଗୁମର

ଭୁବନେଶ୍ୱର : ରାଜଧାନୀରେ ସରକାରୀ ଜମି ହଡପ ଘଟଣା କିଛି ନୂଆ କଥା ନହୋଇଥିଲେ ବି ଏଥିରେ ଯେତେବେଳେ ସରକାରୀ କର୍ମଚାରୀମାନେ ସାମିଲ ହୁଅନ୍ତି ସେତେବେଳେ ପରିସ୍ଥିତି ଭୟଙ୍କର ହୋଇଥାଏ। ତହସିଲ ଅଫିସର ଏଭଳି ଜଣେ ଦୁର୍ନୀତିଗ୍ରସ୍ତ ବାବୁଙ୍କ ପାଇଁ ସରକାରୀ ଖାତାରୁ ହଜିଯାଇଛି ବହୁମୂଲ୍ୟ ଗ୍ରାମ୍ୟ ଜଙ୍ଗଲ କିସମ ଜମି। ନିଜର କ୍ଷମତାକୁ ଦୁରୁପଯୋଗ କରି ଏହି ବାବୁ କିଭଳି ସରକାରଙ୍କ ବହୁମୂଲ୍ୟ ସମ୍ପତ୍ତି ହଡପ କରିପାରନ୍ତି କଳାରାହାଙ୍ଗ ମୌଜା ସରକାରୀ ଜମିହଡପ ଘଟଣାରୁ ଏହା ସ୍ପଷ୍ଟ। ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ଜଣାଶୁଣା କଳାରାହାଙ୍ଗ ମୌଜାରେ ଏଭଳି ଘଟଣା ଘଟିବା ସମସ୍ତଙ୍କୁ ଚକିତ କରିଛି। ➤ ପୃ-୭

## ଧରାପଡୁଛି ଡେରାର ଭିତିରିକଥା



ସିର୍‌ସା : ହରିଆଣାର ସିର୍‌ସାରେ ଥିବା ଡେ଼ରା ସଚ୍ଚା ସୌଦାର ମୁଖ୍ୟ ଆଶ୍ରମରେ ସର୍ଚ୍ଚ ଅପରେସନ୍ ବେଳେ ବିପୁଳ ପରିମାଣର ପୁରୁଣା ଓ ନୂଆ ନୋଟ୍, ପ୍ଲାଷ୍ଟିକ୍ ନୋଟ୍, ବିଳାସ ପୂର୍ଣ୍ଣ କାର୍, ଔଷଧ ପ୍ରଭୃତି ଜବତ ହୋଇଛି। ଏଥିସହିତ ଡେରା ପରିସରରେ ଥିବା କେତେକ ପ୍ରକୋଷ୍ଠକୁ ସିଲ୍ କରାଯାଇଛି। ଡେରା ମୁଖ୍ୟ ଗୁରମିତ୍ ରାମ ରହିମ୍ ସିଂହ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯିବାପରେ ନିରାପତ୍ତା ବାହିନୀ ଓ ଜିଲ୍ଲା କର୍ତ୍ତୃପକ୍ଷ ମିଳିତ ଭାବେ ତଲାସି ଅଭିଯାନ ଚଳାଇଛନ୍ତି। ➤ ପୃ-୭

## ଆମେରିକାକୁ ଉତ୍ତରକୋରିଆର ଚ୍ୟାଲେଞ୍ଜ୍

## 'ସମସ୍ତ ଶକ୍ତିକେନ୍ଦ୍ରକୁ ଅଚଳ କରିଦେବୁ'



ସିଓଲ : ଏବେ ସମଗ୍ର ବିଶ୍ୱ ପାଇଁ ଆତଙ୍କର କାରଣ ପାଲଟିଛି ଉତ୍ତରକୋରିଆ। ଟାର୍ଗେଟରେ ରହିଛି ଆମେରିକା। ଆମେରିକାକୁ ସାନି ଧମକ ଦେଇଛି କମ୍ୟୁନିଷ୍ଟ ରାଷ୍ଟ୍ର ଉତ୍ତରକୋରିଆ। ଭୂତଳ ପରମାଣୁ ବୋମା ପରୀକ୍ଷା କରିବା ପରେ ଉତ୍ତରକୋରିଆର ସ୍ୱେଚ୍ଛାଚାରୀ ରାଷ୍ଟ୍ରମୁଖ୍ୟ କିମ୍ ଜୋଙ୍ଗ୍ ଉନ୍ ଆମେରିକାକୁ ଶକ୍ତିଶାଳୀ ପରମାଣୁ ବୋମା ମାଡ଼ କରି ସଂପୂର୍ଣ୍ଣ ରୂପେ ଅନ୍ଧାର କରିଦେବାକୁ ଧମକ ଦେଇଛନ୍ତି। ବିଦ୍ୟୁତ୍ ଚୁମ୍ବକୀୟ ସ୍ପନ୍ଦନ ବା ଇଲେକ୍ଟ୍ରୋମ୍ୟାଗ୍‌ନେଟିକ ପଲ୍‌ସ(ଇଏମପି) ଆକ୍ରମଣ କରି ଏହାକୁ ସମ୍ପୂର୍ଣ୍ଣ ଅନ୍ଧକାର କରିବା ସହ ମହାବିନାଶ ପରିସ୍ଥିତି ସୃଷ୍ଟି କରିବାକୁ ଉତ୍ତର କୋରିଆର ଧମକ ବିଶ୍ୱସମୁଦାୟକୁ ଚିନ୍ତିତ କରିଛି। ➤ ପୃ-୭

## ମୋଦି-ଜିନ୍‌ପିଙ୍ଗ୍‌କ ଫଳପ୍ରଦ ଆଲୋଚନା

# ଶାନ୍ତି ପାଇଁ ସହମତି

ସିଆମେନ୍ : 'ବ୍ରିକ୍ସ' ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଆଜି ଫଳପ୍ରଦ ଦ୍ୱିପାକ୍ଷିକ ଆଲୋଚନା ହୋଇଛି ଏବଂ ଦୁଇ ନେତା ଡୋକ୍‌ଲାମ୍ ଭଳି ସୀମା ବିବାଦର ଯେପରି ପୁନରାବୃତ୍ତି ନ ଘଟିବ, ସେଥିପାଇଁ ଯତ୍ନବାନ ହେବାକୁ ସହମତ ହୋଇଛନ୍ତି। ସିକ୍କିମ୍ ସେକ୍ଟର୍‌ର ଡୋକ୍‌ଲାମ୍ ଠାରେ ଭାରତଚୀନ୍ ସେନା ୭୩ ଦିନ ଧରି ମୁହାଁମୁହିଁ ହୋଇ ରହିବା ଏବଂ ପରେ ଉଭୟ ସେନା ହଟିଯିବା ପରିପ୍ରେକ୍ଷୀରେ ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଚୀନ୍‌ର ସିଆମେନ୍ ସହରରେ ୯ମ ବ୍ରିକ୍ସ ଶିଖର ବୈଠକ ଶେଷ ଭାଗରେ ପ୍ରଧାନମନ୍ତ୍ରୀ ମୋଦି ଓ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଆଲୋଚନା ଫଳପ୍ରଦ ହୋଇଛି ବୋଲି କୁହାଯାଇଛି। ମୋଦି ଟ୍ୱିଟର୍‌ରେ କହିଛନ୍ତି, "ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ସହ ଭେଟ ହେଲା। ଆମେ ଦ୍ୱିପାକ୍ଷିକ ସମ୍ପର୍କ ନେଇ



ଫଳପ୍ରଦ ଆଲୋଚନା କଲୁ।" ଜିନ୍‌ପିଙ୍ଗ୍ କହିଛନ୍ତି, "ଚୀନ୍ ପଞ୍ଚଶୀଳ ନୀତି ଅନୁଯାୟୀ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଭିତ୍ତିରେ ଭାରତ ସହ ସୁସମ୍ପର୍କ ରକ୍ଷା କରିବାକୁ ଚାହେଁ। ପାରସ୍ପରିକ ବିଶ୍ୱାସ ଓ ଉଭୟଙ୍କୁ ଲାଭଦାୟକ ହେଲା ଭଳି ସହଯୋଗ ଦ୍ୱାରା ଦୁଇ ଦେଶର ସମ୍ପର୍କକୁ 'ଠିକଣା ବାଟ'ରେ ନିଆଯାଇ ପାରିବ।" ➤ ପୃ-୭

## 'ନକ୍ସଲ କାର୍ଯ୍ୟକୁ ଆଉ ସୁଯୋଗ ଦିଆଯିବନି'



ଭୁବନେଶ୍ୱର : ଦୀର୍ଘ ଦିନରୁ ଓଡ଼ିଶାରେ ରହିଥିବା ନକ୍ସଲ ସମସ୍ୟାରେ ସୁଧାର ଆସିଛି ଏବଂ ନକ୍ସଲ କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ଗୁଇନ୍ଦା ବିଭାଗର ନଜର ରହିଛି। ନକ୍ସଲ କାର୍ଯ୍ୟକଳାପ ବୃଦ୍ଧି କରିବାକୁ ଆଉ ସୁଯୋଗ ଦିଆଯିବ ନାହିଁ ବୋଲି କହିଛନ୍ତି ପୁଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା। ସ୍ଥାନୀୟ କ୍ୟାମ୍ପ ଅଫିସରେ ଡିଜି ଡ. ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମନ୍ୱୟ ବୈଠକ ଅନ୍ୟମାନଙ୍କ ମଧ୍ୟରେ ଗୁଇନ୍ଦା ନିର୍ଦ୍ଦେଶକ ସୁନିଲ୍ ରାୟ, ସ୍ୱତନ୍ତ୍ର ଗୁଇନ୍ଦା ନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ, ଆଇଜି ଅପରେସନ୍ ଆର୍ ପି କୋଚେ, ବିଏସ୍‌ଏଫ୍ ଆଇଜି ଏ କେ ସିଂହ, ଆଇଜି ସିଆର୍‌ପିଏଫ୍ କେ କେ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ➤ ପୃ-୭






## ଆତଙ୍କ ରଚୁଛି ବ୍ଲୁ-ହ୍ୱେଲ୍

# ନୀଳ ତିମି ନେଉଛି ଜୀବନ

ଭୁବନେଶ୍ୱର : ବ୍ଲୁ-ହ୍ୱେଲ୍ ନାମକ ବିପଦଜନକ ମୋବାଇଲ୍ ଖେଳ ଏବେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଏହି ଖେଳ ମାୟାରେ ପଡି ଚାଲିଯାଉଛି ବହୁ ନିରୀହ କୋମଳ ଜୀବନ। ବିଶେଷକରି ଯୁବପିଢ଼ି ଓ ଛାତ୍ରଛାତ୍ରୀମାନେ ଏହି ଭୟାନକ ଖେଳ ଜାଲରେ ପଡିଯାଉଛନ୍ତି। ଏହା ଏଭଳି ଏକ ଭୟାନକ ଖେଳ ଯେ ଏଥିରୁ ବର୍ତ୍ତିବାର ଉପାୟ ଖୋଜିବାକୁ ସମୟ ନଥାଏ। ମାରାତ୍ମକ କର୍କଟ ବ୍ୟାଧିଠାରୁ ଆହୁରି ଭୟଙ୍କର ନୀଳ ତିମିର ଚିତ୍ର। ବ୍ଲୁ-ହ୍ୱେଲ୍



ଖେଳର ପରିଣାମ ଯେ ଏତେ ଭୟଙ୍କର ତାହା ଚିନ୍ତାଧାରାର ବାହାରେ। ବ୍ଲୁ-ହ୍ୱେଲ୍ ଆଡମିନ ଯେଉଁ କଠୋର ନିର୍ଦ୍ଦେଶ ଦିଏ, ତାହା ମୃତ୍ୟୁପଥର ଶେଷ ଦସ୍ତାବିଜ। ମୋବାଇଲ୍ ମାଧ୍ୟରେ ଏହି ଖେଳ ଖେଳି ବିଶ୍ୱରେ ଏଯାବତ ୨୦୦ରୁ ଊର୍ଦ୍ଧ୍ୱ ଜୀବନ ପ୍ରଦୀପ ଲିଭିଗଲାଣି। ➤ ପୃ-୭

# ଅବୁ ସାଲେମ୍‌କୁ ଆଜୀବନ

**ମୁମ୍ବାଇ :** ମୁମ୍ବାଇରେ ୧୯୯୩ରେ ଘଟିଥିବା ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ଦୋଷୀ ସାବ୍ୟସ୍ତ ୫ଜଣଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଟାଡା ଅଦାଲତ ଦଣ୍ଡ ବିଧାନ କରିଛନ୍ତି। ତାହିର ମର୍ଚ୍ଚାଣ୍ଟ ଓ ଫିରୋଜ ଅବଦୁଲ ରସିଦ ଖାଁଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରାଯାଇଥିବା ବେଳେ ଗ୍ୟାଙ୍ଗଷ୍ଟର ଅବୁ ସାଲେମ ଓ କରିମୁଲ୍ଲା ଖାଁଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି। ମାତ୍ର ଅବୁ ସାଲେମ୍ ଜଣେ ପ୍ରମୁଖ ଅଭିଯୁକ୍ତ ହେଲେ ମଧ୍ୟ ସେ ମୃତ୍ୟୁଦଣ୍ଡରୁ ବର୍ତ୍ତି ଯାଇଛନ୍ତି। ତେବେ ତାଙ୍କୁ ମୃତ୍ୟୁଦଣ୍ଡ ହେଲାନାହିଁ କାହିଁକି ? ଅବ୍‌ବୁ ସାଲେମ୍ ତାଙ୍କର ଗାର୍ଲଫ୍ରେଣ୍ଡ୍ ତଥା ପୂର୍ବତନ ଅଭିନେତ୍ରୀ ମନିକା ବେଦୀଙ୍କ ସହ ପର୍ତ୍ତୁଗାଲ୍‌ର ଲିସ୍‌ବନ୍‌ରେ ୨୦୦୨ ସେପ୍ଟେମ୍ବର ୨୦ରେ ଗିରଫ ହୋଇଥିଲେ। ଏହାର ୨ ବର୍ଷ ପରେ ପର୍ତ୍ତୁଗାଲ କୋର୍ଟ ଭାରତକୁ ତାଙ୍କର ପ୍ରତ୍ୟର୍ପଣର ଫୈସଲା ଶୁଣାଇଥିଲେ। ୧୯୯୩ ମୁମ୍ବାଇ ବିସ୍ଫୋରଣରେ ସେ ସମ୍ପୃକ୍ତ ଥିବାରୁ ବିଚାରର ସମ୍ମୁଖୀନ ହେବା ନିମନ୍ତେ ପର୍ତ୍ତୁଗାଲ କୋର୍ଟ ଅନୁମତି ଦେଇଥିଲେ। ତେବେ ପ୍ରତ୍ୟର୍ପଣ କରାଯିବା ବେଳେ ତାଙ୍କୁ ମୃତ୍ୟୁଦଣ୍ଡ କିମ୍ବା ୨୫ ବର୍ଷରୁ ଊର୍ଦ୍ଧ୍ୱ ଜେଲ୍‌ଦଣ୍ଡ ଦିଆଯାଇ ପାରିବ ନାହିଁ ବୋଲି ଏହ କୋର୍ଟ ସର୍ତ୍ତାରୋପ କରିଥିଲେ। ସ୍ୱତନ୍ତ୍ର ଟାଡା କୋର୍ଟ ରାୟ ଶୁଣାଇଛନ୍ତି। ପର୍ତ୍ତୁଗାଲର ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଓକିଲ ଉଜ୍ଜ୍ୱଳ ନିକମ୍ ଏହା ସ୍ପଷ୍ଟ କରିଛନ୍ତି ଏବଂ କହିଛନ୍ତି, ଭାରତ ଓ ପର୍ତ୍ତୁଗାଲ ମଧ୍ୟରେ

## ୨ ଜଣଙ୍କୁ ମୃତ୍ୟୁଦଣ୍ଡ

ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଅବ୍‌ବୁ ସାଲେମ୍‌ଙ୍କୁ ମୃତ୍ୟୁଦଣ୍ଡ କିମ୍ବା ୨୫ ବର୍ଷରୁ ଊର୍ଦ୍ଧ୍ୱ ଜେଲ୍ ଦଣ୍ଡ ଦିଆଯାଇ ପାରିବ ନାହିଁ। ଇତିମଧ୍ୟରେ ସେ ୧୨ ବର୍ଷ ଜେଲ୍ ଭୋଗିଲେଣି। ନିକମ୍ ଏବଂ ସିବିଆଇ ଓକିଲ ଦୀପକ ସାଲ୍‌ଭି କହିଛନ୍ତି, ଏବେ ସାଲେମଙ୍କ ୨୫ ବର୍ଷ ଜେଲ୍‌ଦଣ୍ଡ ହ୍ରାସ କରାଯିବ କି ନାହିଁ, ତାହା ଭାରତ ସରକାରଙ୍କ ଉପରେ ନିର୍ଭର କରୁଛି। ଯଦି ଜେଲ୍‌ଦଣ୍ଡ ୨୫ ବର୍ଷରେ ସୀମିତ କରାଯାଏ, ତାହାହେଲେ ସାଲେମଙ୍କୁ ଆଉ ୧୩ ବର୍ଷ ଜେଲ୍‌ରେ ରହିବାକୁ ପଡ଼ିବ। ଟ୍ୟାକ୍ସି ଡ୍ରାଇଭରରୁ ଗ୍ୟାଙ୍ଗ୍‌ଷ୍ଟର୍ ଅବୁ ସାଲେମ୍ ଜଣେ ଡ୍ରାଇଭରରୁ



ଗ୍ୟାଙ୍ଗ୍‌ଷ୍ଟର୍ ପାଲଟିଥିଲେ। ଉତ୍ତରପ୍ରଦେଶର ଆଜମଗଡ଼ ଜିଲ୍ଲାରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଜଣେ ଓକିଲ। ଅବୁ ସାଲେମ୍ ଦିଲ୍ଲୀ ଚାଲିଆସି ଟ୍ୟାକ୍ସି ଡ୍ରାଇଭର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ୮୦ ଦଶକରେ ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ଅନ୍ଧେରିରେ ଏକ ଟେଲିଫୋନ୍ ବୁଥ୍‌ରେ କାମ କରିବା ସହ ଛୋଟ ଛୋଟ ଅପରାଧ କରିଥିଲେ। ଏହି ସମୟରେ ଅଣ୍ଡର୍ ୱାର୍ଲଡ୍ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ସାନ ଭାଇ ଅନିଶଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ଏହା ପରେ ସେ ଗ୍ୟାଙ୍ଗ୍‌ରେ ଧୀରେ ଧୀରେ ସିଡି ଚଢ଼ି ଡି-ଗ୍ୟାଙ୍ଗ୍‌ର ପ୍ରମୁଖ ସଦସ୍ୟ ହୋଇ ପାରିଥିଲେ। ମୁମ୍ବାଇ ବିସ୍ଫୋରଣରେ ବ୍ୟବହୃତ ଅସ୍ତ୍ରକୁ ସେ ଗୁଜରାଟରୁ ମୁମ୍ବାଇକୁ ଆଣିଥିଲେ। ଅବୁ ସାଲେମଙ୍କ ଜୀବନ ପ୍ରତି ବିପଦ! ଟାଡା କୋର୍ଟ ଆଜି ଗ୍ୟାଙ୍ଗଷ୍ଟର୍ ଅବୁ ସାଲେମ୍‌ଙ୍କୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ପରେ ତାଙ୍କୁ ଜେଲ୍‌ରେ ଏକୁଟିଆ ନ ରଖିବାକୁ କୋର୍ଟଙ୍କୁ ନିବେଦନ କରିଛନ୍ତି। ଅବୁ ସାଲେମ୍ ଓକିଲଙ୍କ ଜରିଆରେ କୋର୍ଟଙ୍କୁ କହିଛନ୍ତି, ତାଙ୍କ ଜୀବନ ପ୍ରତି ବିପଦ ରହିଛି। ଅତୀତରେ ଜେଲ୍ ଭିତରେ ତାଙ୍କ ଉପରେ ଏକାଧିକବାର ଆକ୍ରମଣ ହୋଇଥିବା ଦର୍ଶାଇ ସେ ଏଭଳି ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାଛଡ଼ା ତାଙ୍କୁ ଦିଲ୍ଲୀ ଜେଲ୍‌କୁ ପଠାଇ ଦିଆଯିବାକୁ କୋର୍ଟଙ୍କୁ ନିବେଦନ କରିଛନ୍ତି। ଇତିମଧ୍ୟରେ ଜଣେ ମହିଳାଙ୍କୁ ସେ ଗୋପନ ବିବାହ କରିଥିବା ଦର୍ଶାଇ ବିବାହ ପଞ୍ଜୀକରଣ କରାଯିବା ଲାଗି କୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି। ୨୦୧୫ରେ ଏକ ଟାବ୍‌ଲଏଡ୍‌ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଅବୁ ସାଲେମ୍ କୋର୍ଟରେ ହାଜର ହେବା ପାଇଁ ପୁଲିସ ଗହଣରେ ଟ୍ରେନ୍‌ରେ ଯିବାବେଳେ ଫୋନ୍‌ରେ ଏହି ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ।

# ‘ପେଟ୍ରୋଲ୍, ଡିଜେଲ୍ ଦରରେ ଦୈନିକ ସଂଶୋଧନ ଜାରି ରହିବ’

**ନୂଆଦିଲ୍ଲୀ :** ଗତ ଦୁଇ ମାସ ମଧ୍ୟରେ ପେଟ୍ରୋଲ ମୂଲ୍ୟରେ ୬.୬୦ ଟଙ୍କା ପ୍ରତି ଲିଟରର ବୃଦ୍ଧି ହେବା ସତ୍ତ୍ୱେ କେନ୍ଦ୍ର ସରକାର ଦୈନିକ ଆଧାରରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ସଂଶୋଧନ ବ୍ୟବସ୍ଥା ଜାରି ରଖିବେ। ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ସ୍ପଷ୍ଟ କରିଛନ୍ତି। ପ୍ରଧାନଙ୍କୁ ପଦୋନ୍ନତି ପାଇ କ୍ୟାବିନେଟ୍ ପାହ୍ୟା ହାସଲ କରିଛନ୍ତି। ଏଥିସହିତ ତାଙ୍କୁ କୌଶଳ ବିକାଶ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଛି। କୌଶଳ ବିକାଶ ମନ୍ତ୍ରୀ ଭାବେ ପଦଭାର ଗ୍ରହଣ କରିବା ପରେ ପ୍ରଧାନ କହିଛନ୍ତି ଯେ, ପ୍ରତିଦିନ ପରିବର୍ତ୍ତନ ବ୍ୟବସ୍ଥା ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ




ହେବାର ତତ୍କାଳ ଫାଇଦା ଗ୍ରାହକଙ୍କୁ ମିଳିପାରୁଛି। ଏଥିସହିତ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦରରେ ହେଉଥିବା ଅଚାନକ ବୃଦ୍ଧିର ତତ୍କାଳ ପ୍ରଭାବରୁ ମଧ୍ୟ ଏହା ଗ୍ରାହକଙ୍କୁ ସୁରକ୍ଷା ଦେଉଛି। କାରଣ ଏହା ଅଧୀନରେ ଘରୋଇ ସ୍ତରରେ ମୂଲ୍ୟରେ ଏକାଧିକ ପର୍ଯ୍ୟାୟରେ ବୃଦ୍ଧି କରାଯାଉଛି। ତେଣୁ ପଟ୍ରୋଲ, ଡିଜେଲ ଦରରେ ଏହି ଦୈନିକ ସଂଶୋଧନ ବ୍ୟବସ୍ଥା ଗ୍ରାହକଙ୍କ ହିତରେ ରହିଛି ଏବଂ ଏଥିରେ କୌଣସି ପ୍ରକାରର ପରିବର୍ତ୍ତନର ଆବଶ୍ୟକତା ରହିଥିବା ସରକାର ମନେ କରୁନାହାନ୍ତି। ଧର୍ମେନ୍ଦ୍ରଙ୍କ କହିବା ମୁତାବକ, କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଯୁବପିଢିଙ୍କୁ କୁଶଳୀ କରିବା ଓ ସେମାନଙ୍କ ମଧ୍ୟରେ କୌଶଳ ବିକଶିତ କରିବା ନେଇ ନିଜ ଅଭିଯାନକୁ ଆହୁରି ବ୍ୟାପକ କରିବେ। ରୋଜଗାର ପାଇଁ ପରିସ୍ଥିତିର ନିର୍ମାଣ କରିବା ତାଙ୍କର ପ୍ରଥମ ପ୍ରାଥମିକତା ହେବ। ପ୍ରତିବର୍ଷ ଶ୍ରମ ବଜାରକୁ ୧୦ ଲକ୍ଷ ନୂଆ ଯୁବପିଢି ଆସୁଛନ୍ତି। ତେଣୁ ରାଜ୍ୟ ସରକାର ଓ ଅନ୍ୟ ଏଜେନ୍ସିଗୁଡିକ ସହ ମିଶି ସେମାନଙ୍କ ପାଇଁ ରୋଜଗାର ସୁଯୋଗ ସନ୍ଧାନ କରିବା ଲାଗି ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ଗତ ଜୁନ୍‌ରେ ୧୫ ବର୍ଷ ପୁରୁଣା ବ୍ୟବସ୍ଥାକୁ ଉଚ୍ଛେଦ କରି ଦୈନିକ ମୂଲ୍ୟ ସଂଶୋଧନ ବ୍ୟବସ୍ଥାକୁ ଆପଣାଇଥିଲେ। ପୁରୁଣା ବ୍ୟବସ୍ଥାରେ ତୈଳ ବିପଣନ କମ୍ପାନୀଗୁଡିକ ପ୍ରତି ମାସର ୧୬ ତାରିଖରେ ଇନ୍ଧନ ମୂଲ୍ୟ ସମୀକ୍ଷା କରି ସେଥିରେ ପରିବର୍ତ୍ତନ କରୁଥିଲେ। ତେବେ ନୂତନ ବ୍ୟବସ୍ଥା ଲାଗୁ ହେବା ପରେ ପ୍ରଥମ ୧୫ ଦିନ ମଧ୍ୟରେ ପେଟ୍ରୋଲ ଦର ହ୍ରାସ ପାଇଥିଲା। କିନ୍ତୁ ଏହାପରଠାରୁ ପେଟ୍ରୋଲ, ଡିଜେଲ ଦରରେ ଲଗାତାର ବୃଦ୍ଧି ଜାରି ରହିଛି। ସମ୍ପ୍ରତି ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୬.୬ ଟଙ୍କା ବୃଦ୍ଧି ସହ ୬୯.୬୬ ଟଙ୍କା ରହିଥିବା ବେଳେ ଡିଜେଲ ଦର ୪ ଟଙ୍କା ବୃଦ୍ଧି ହୋଇ ୫୭.୩୮ ଟଙ୍କା ପ୍ରତି ଲିଟର ରହିଛି। ଅଗଷ୍ଟ ୨୦୧୪ ପରେ ଏହାଥିବା ସର୍ବାଧିକ ବୃଦ୍ଧି।

# ପୁଣି ହୋଇପାରେ ସର୍ଜିକାଲ ଷ୍ଟ୍ରାଇକ !

**ଜାମ୍ମୁ :** ଶତ୍ରୁଙ୍କୁ ଦମନ କରିବା ପାଇଁ ଭାରତୀୟ ସେନା ନିୟନ୍ତ୍ରଣ ରେଖା ଅତିକ୍ରମ କରି ପୁଣିଥରେ ସର୍ଜିକାଲ ଷ୍ଟ୍ରାଇକ କରିବ ବୋଲି ଲେଫ୍ଟନାଣ୍ଟ ଜେନେରାଲ ଦେବରାଜ ଅନବୁ କହିଛନ୍ତି। ନର୍ଦର୍ଣ୍ଣ କମାଣ୍ଡର ନେତୃତ୍ୱ ନେଉଥିବା ଜିଓସି ଦେବରାଜ କହିଛନ୍ତି ପାକିସ୍ତାନ ଯଦି ତାର ଆତଙ୍କବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ନ କରେ ତେବେ ଭାରତ ପୁଣିଥରେ ସର୍ଜିକାଲ ଷ୍ଟ୍ରାଇକ କରିବ। ଶତ୍ରୁଙ୍କୁ ଦମନ କରିବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ମନେ କରାଗଲେ ସେନା କେବେହେଲେ ପଛଘୁଞ୍ଚା ଦେବ ନାହିଁ। ପାକିସ୍ତାନର ନିୟମିତ ଅସ୍ତ୍ରବିରତି ଉଲ୍ଲଙ୍ଘନ ଓ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପକୁ ନେଇ ଲେଫ୍ଟନାଣ୍ଟ ଜେନେରାଲ ଦେବରାଜ ଏପରି ମନ୍ତବ୍ୟ ଦେଇଛନ୍ତି। ଗତବର୍ଷ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକକୁ ଯଥାର୍ଥ ଦର୍ଶାଇ ସେ କହିଛନ୍ତି ବର୍ତ୍ତମାନ ଆମେ ଆମର ସୀମା ଭିତରେ ରହି କାର୍ଯ୍ୟାନୁଷ୍ଠାନ ନେଉଛୁ। ଆଉ ଯେତେବେଳେ ସମୟ ଆସିବ ସେତେବେଳେ ସୀମା ଅତିକ୍ରମ କରି ଆକ୍ରମଣ କରିବୁ। ଦକ୍ଷିଣ ଓ ଉତ୍ତର ପିର ପାଞ୍ଜଲରେ ବହୁ ସଂଖ୍ୟାରେ ଆତଙ୍କବାଦୀ ଶିବିର ଓ ଲଞ୍ଚ ପ୍ୟାଡ ରହିଛି। ଏହିସବୁ ଆତଙ୍କବାଦୀ ଶିବିରକୁ ଧ୍ୱଂସ ପାଇଁ ସର୍ଜିକାଲ ଷ୍ଟ୍ରାଇକର ଆବଶ୍ୟକତା ରହିଛି। ସୀମାପାର ଆତଙ୍କବାଦକୁ ରୋକିବା ଦିଗରେ ସେନାର କାର୍ଯ୍ୟକୁ ଲେଫ୍ଟନାଣ୍ଟ ଜେନେରାଲ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଯବାନଙ୍କ ସତର୍କତା ଯୋଗୁଁ ସୀମାରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ହ୍ରାସ ପାଇଛି। ଗୁରୁବାର ପାକିସ୍ତାନ ସେନାର ଅସ୍ତ୍ରବିରତି ଉଲ୍ଲଙ୍ଘନରେ ସେନାର ଦୁଇଜଣ ବାହକ (ପୋର୍ଟର) ଆହତ ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ପାକିସ୍ତାନ ସେନା ପୁଞ୍ଚ ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଭାରତୀୟ ସେନା ଶିବିର ଉପରକୁ ଗୁଳିଗୋଳା ମାଡ କରିଥିଲେ। ଏଥିରେ ଦୁଇଜଣ ପୋର୍ଟର ଆହତ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଅସ୍ତ୍ରବିରତି ଉଲ୍ଲଙ୍ଘନ ଉପରେ ଭାରତ କଡା ଜବାବ ଦେଇଥିଲା। ଏହା ପୂର୍ବରୁ ସେପ୍ଟେମ୍ବର ୧,୩,୪ ତାରିଖରେ ଅସ୍ତ୍ରବିରତି ଉଲ୍ଲଙ୍ଘନ ହୋଇଥିଲା। ଚଳିତ ବର୍ଷ ଅଗଷ୍ଟ ୧ ସୁଦ୍ଧା ପାକିସ୍ତାନ ୨୮୫ଥର ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଥିବା ରେକର୍ଡ କରାଯାଇଛି। ଯେତେବେଳେ କି ୨୦୧୬ ବର୍ଷରେ ମୋଟ ୨୨୮ଥର ଅସ୍ତ୍ରବିରତି ଉଲ୍ଲଙ୍ଘନ ହୋଇଥିଲା।

# ଆମେରିକାରେ ପ୍ରମୁଖ ୫ ଭାରତୀୟ ବଂଶୋଦ୍ଭବ ନେତା

**ନୂଆଦିଲ୍ଲୀ :** ଆମେରିକା ରାଜନୀତିରେ ପ୍ରମୁଖ ଯୋଗଦାନ ଦେଇଥିବା ଚଳିତ ବର୍ଷର ଶୀର୍ଷ ୫୦ ଜଣ ରାଜନୀତିଜ୍ଞଙ୍କ ତାଲିକାରେ ୫ ଜଣ ଭାରତୀୟ ବଂଶୋଦ୍ଭବଙ୍କୁ ମଧ୍ୟ ସାମିଲ କରାଯାଇଛି। ଜାତିସଂଘରେ ଆମେରିକା ରାଷ୍ଟ୍ରଦୂତ ଥିବା ନିକି ହେଲି ଏହି ତାଲିକାରେ ଶୀର୍ଷରେ ଥିବା ବେଳେ ଟ୍ରମ୍ପ ପ୍ରଶାସନରେ ଶୀର୍ଷ ସ୍ୱାସ୍ଥ୍ୟ ସେବା ଏଜେନ୍ସିର ପ୍ରମୁଖ ଥିବା ସୀମା ବର୍ମା, ଓକିଲ ନୀଲ କାଟ୍ୟାଲ, ଅର୍ଥଶାସ୍ତ୍ରୀ ଅପର୍ଣ୍ଣା ମାଥୁର ଓ ଓକିଲ ନିୟୋମି ରାଓଙ୍କୁ ମଧ୍ୟ ତାଲିକାରେ ସାମିଲ କରାଯାଇଛି। ପଲିଟିକୋ ମାଗାଜିନ୍ ପକ୍ଷରୁ ପ୍ରସ୍ତୁତ ଏହି ତାଲିକାର ରିପୋର୍ଟ ଅନୁଯାୟୀ, ନିକି ହେଲିଙ୍କୁ ତାଲିକାରେ ୨୨ତମ ସ୍ଥାନରେ ରଖାଯାଇଛି। ସେହିପରି ସୀମାଙ୍କୁ ୨୬, ଅପର୍ଣ୍ଣାଙ୍କୁ ୩୨, ନିଲ୍ କାଟ୍ୟାଲଙ୍କୁ ୪୦ ଓ ନିୟୋମି ରାଓଙ୍କୁ ୪୨ତମ ସ୍ଥାନରେ ରଖାଯାଇଛି।

# ଆତଙ୍କ ଖେଳାଉଛି ନୂଆ ଭାଇରସ୍

**ନୂଆଦିଲ୍ଲୀ :** ୱାନାକ୍ରାଏ ପରେ ଏବେ ଆଉଏକ ନୂଆ ଅନିଷ୍ଟସାଧନକାରୀ ଭାଇସ୍ ଭାଇରସ୍ ‘ଲକି ରାନ୍‌ସମ୍‌ୱେର’ କୁ ନେଇ ଆତଙ୍କ ଖେଳିଛି। ସରକାରଙ୍କ ପକ୍ଷରୁ ଏ ନେଇ ରବିବାର ସତର୍କ ସୂଚନା ଜାରି କରାଯାଇଛି। ‘ଲକି ରାନ୍‌ସମ୍‌ୱେର’ ହେଉଛି ଏକ ଅନିଷ୍ଟସାଧନକାରୀ ସଫ୍ଟୱେର ଯାହା କମ୍ପ୍ୟୁଟରକୁ ଲକ୍ କରିବା ସହ ତାହାକୁ ଅନ୍‌ଲକ୍ କରିବା ଲାଗି ବ୍ୟବହାରକାରୀଙ୍କୁ ସୂଚନା ଦେଇଥାଏ। ଏ ସମ୍ପର୍କରେ ସମସ୍ତଙ୍କୁ ସତର୍କତା ଅବଲମ୍ବନ କରିବାକୁ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି କରାଯାଇଥିବା ସତର୍କତା ଅନୁଯାୟୀ, ଏହି ରାନ୍‌ସମ୍‌ୱେର



କ୍ୟାମ୍ପେନ୍‌ରେ ଏଭଳି ୧କୋଟି ୩୦ ଲକ୍ଷ ଅନିଷ୍ଟସାଧନକାରୀ ମେସେଜ୍ ପଠାଯାଇଛି। ଏହି ମେସେଜ୍‌ରେ ପ୍ଲିଜ୍ ପ୍ରିଣ୍ଟ, ଡକ୍ୟୁମେଣ୍ଟସ,ଫଟୋ, ଇମେଜ୍, ସ୍କାନ୍ସ ଏବଂ ପିକ୍‌ଚର ଭଳି କେତେକ ସାଧାରଣ ବିଷୟ ଉଲ୍ଲେଖ କରାଯାଇଛି। ଏହି ‘ଲକି ରାନ୍‌ସମ୍‌ୱେର’ ଦ୍ୱାରା ପ୍ରଭାବିତ ବିଭାଗର ଅତିରିକ୍ତ ସଚିବ ଅଜୟ କୁମାର ଏକ ଟୁଇଟ୍ ଜରିଆରେ କହିଛନ୍ତି। ‘ଲକି ରାନ୍‌ସମ୍‌ୱେର’ରେ ବ୍ୟବହାରକାରୀଙ୍କ ନିକଟରେ ଅଧା ବିଟ୍ କଏନ୍ ଦାବି କରାଯାଉଛି। ବର୍ତ୍ତମାନର ମୂଲ୍ୟରେ ହିସାବ କରାଗଲେ ଅଧା ବିଟ୍ କଏନ୍ ହେଉଛି ୧.୫ ଲକ୍ଷ ଟଙ୍କାରୁ ଅଧିକ। ସାଇବର ସ୍ୱଚ୍ଛ କେନ୍ଦ୍ର ପକ୍ଷରୁ ଜାରି ହେଉଥିବା କମ୍ପ୍ୟୁଟର ସିଷ୍ଟମ ଲକ୍ ହୋଇଯାଉଛି। ଏଥିରେ ଏକ ଟର୍ ବ୍ରାଉଜର ଇନ୍‌ଷ୍ଟଲ କରି (ଡଟ୍) ଓନିଅନ୍ ସାଇଟ୍‌କୁ ଭିଜିଟ୍ କରିବା ସହ ବ୍ୟବହାରକାରୀଙ୍କଠାରୁ ୫ ବିଟ୍ କଏନ୍ ଦାବି କରାଯାଉଛି। ବ୍ୟବହାରକାରୀଙ୍କ ଟାର୍ଗେଟ୍ କରିବା ଲାଗି ଏଥିରେ ଲକି ଭାଇରସ୍‌କୁ ଅଧିକ ପ୍ରସାରିତ କରିବା ପାଇଁ ନକଲି ଡ୍ରପ୍‌ବକ୍ସ ୱେବ୍‌ସାଇଟ୍‌ର ଲିଙ୍କ୍ ପ୍ରଦର୍ଶିତ କରୁଛି। ସରକାରଙ୍କ ପକ୍ଷରୁ କମ୍ପ୍ୟୁଟର ବ୍ୟବହାରକାରୀଙ୍କୁ ଇ-ମେଲ୍ ଖୋଲିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଏଥିରେ କୁହାଯାଇଛି।

## କଳାଧନ ଉପରେ ଶକ୍ତ ପ୍ରହାର

# ୨ ଲକ୍ଷରୁ ଅଧିକ କମ୍ପାନୀଙ୍କ ପଞ୍ଜୀକରଣ ବାତିଲ

**ନୂଆଦିଲ୍ଲୀ :** ଦେଶରୁ କଳା ଧନ ହଟାଇବା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପର ଅଂଶସ୍ୱରୂପ ସରକାରଙ୍କ ପକ୍ଷରୁ ଜାଲ କମ୍ପାନୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅନୁଯାୟୀ, ସରକାର ୨ ଲକ୍ଷରୁ ଅଧିକ କମ୍ପାନୀଙ୍କ ପଞ୍ଜିକରଣ ବାତିଲ୍ କରିଥିବାବେଳେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ଉପରେ ରୋକ୍ ଲଗାଇଛନ୍ତି। ନିୟାମକଙ୍କ ପକ୍ଷରୁ ଧାର୍ଯ୍ୟ ଆଇନ ଅନୁପାଳନ କରିବାରେ କମ୍ପାନୀଗୁଡିକ ବିଫଳ ହେବା ଯୋଗୁ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଜାଲ କମ୍ପାନୀଗୁଡିକ ଉପରେ ଟିକସ ଠକେଇ କରିବା ସହ ବେଆଇନ ଭାବେ ପାଣ୍ଠି ସ୍ଥାନାନ୍ତରଣ କରୁଥିବା ନେଇ ଅଭିଯୋଗ ରହିଛି। କମ୍ପାନୀ ଆଇନ ଧାରା ୨୪୮(୫) ଅନୁଯାୟୀ ସରକାର ୨,୦୯,୦୩୨ କମ୍ପାନୀଙ୍କ ପଞ୍ଜିକରଣ ରେଜିଷ୍ଟର ଅଫ୍ କମ୍ପାନୀଜ୍‌ରୁ ବାତିଲ୍ କରିଛନ୍ତି। ଏହି କମ୍ପାନୀଗୁଡିକର ନିର୍ଦ୍ଦେଶକ ଏବଂ କର୍ତ୍ତୃପକ୍ଷ ଏବେ କମ୍ପାନୀର ପୂର୍ବତନ ନିର୍ଦ୍ଦେଶକ ଓ କର୍ତ୍ତୃପକ୍ଷ ଭାବେ ପରିଗଣିତ



ହେବେ ବୋଲି ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କମ୍ପାନୀ ଆଇନ ଧାରା ୨୪୮(୫) ଅନୁଯାୟୀ, କମ୍ପାନୀ ବ୍ୟାପାର ମନ୍ତ୍ରାଳୟ ନିଷ୍କ୍ରିୟତା ଭଳି ବିଭିନ୍ନ କାରଣକୁ ନେଇ କମ୍ପାନୀଗୁଡିକର ପଞ୍ଜିକରଣକୁ ବାତିଲ କରିବା କ୍ଷମତା ରଖୁଛି। ଏହାଛଡା ଏହି କମ୍ପାନୀଗୁଡିକ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ସୂଚନା ସବୁକୁ ସେମାନଙ୍କର ଅଂଶୀଦାରଙ୍କୁ ପ୍ରଦାନ କରୁ ନ ଥିଲେ। ମନ୍ତ୍ରାଳୟ ପକ୍ଷରୁ ଲାଗୁ କରାଯାଇଥିବା ରୋକ୍ ପରେ କମ୍ପାନୀଗୁଡିକ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଆଉ ପରିଚାଳନା କରିପାରିବେନାହିଁ। ସରକାରଙ୍କ ଆର୍ଥିକ ସେବା ବିଭାଗ ବିଭିନ୍ନ ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ସହଯୋଗରେ ଏଭଳି କମ୍ପାନୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ୩୩୧ କମ୍ପାନୀଙ୍କୁ ଜାଲ କମ୍ପାନୀ ଭାବେ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଷ୍ଟକ ଏକ୍ସଚେଞ୍ଜକୁ ନିର୍ଦ୍ଦେଶ ଦେଇଥିଲା। ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଜାଲ୍ କମ୍ପାନୀଗୁଡିକ ସମ୍ପର୍କରେ ବକ୍ତବ୍ୟ ରଖି କହିଥିଲେ ଯେ, ବିମୁଦ୍ରାୟନ ପରେ ୩ ଲକ୍ଷ ଜାଲ କମ୍ପାନୀଙ୍କ ମଧ୍ୟରୁ ୧.୭୫ ଲକ୍ଷ କମ୍ପାନୀଙ୍କ ପଞ୍ଜିକରଣ ବାତିଲ୍ କରାଯାଇଛି।

## କେମିତି କଟିବ ଏ ସପ୍ତାହ

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବାନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ। ସବୁଆଡୁ ସହଯୋଗ ମିଳିପାରେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି। ଦୂରଯାତ୍ରା ଗମନ କରିପାରନ୍ତି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୦୬୩୪୧୧

# ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ : ନବୀନ

**ବାରିପଦା/କୋରାପୁଟ :** ରଙ୍ଗାମାଟିଆଠାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ରାଜ୍ୟବାସୀଙ୍କ କଲ୍ୟାଣାର୍ଥେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ଏହା ଜିଲ୍ଲା ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଏବଂ ଆଦିବାସୀ ଭାଷା ସାହିତ୍ୟର ପୂଜାରୀ ତଥା ଲିପିସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଓଡିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ବିଶେଷ କରି ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି । ସେହିପରି ଅନ୍ୟପଟେ କୋରାପୁଟ ଜାନୀଗୁଡ଼ାସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସ୍ୱାସ୍ଥ୍ୟସେବାର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବା ସହ ଡାକ୍ତରୀ ଶିକ୍ଷା ବାସ୍ତବତାରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି । ସ୍ୱାସ୍ଥ୍ୟସେବା ସହ ଡାକ୍ତରୀ ଶିକ୍ଷାଙ୍କୁ ଲୋକଙ୍କ ନିକଟତର କରାଇବା ପାଇଁ ଉଦ୍ୟମ କରାଯାଉଛି । ବିଶେଷ ଭାବେ କେବିକେ ଓ ଆଦିବାସୀ ଅଧ୍ୟୁଷିତ ଜିଲା ଗୁଡ଼ିକରେ ସ୍ୱାସ୍ଥ୍ୟସେବାର ବିକାଶ ନିମନ୍ତେ ଡାକ୍ତରମାନଙ୍କୁ ଅଧିକ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ଏହା ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟ ଶିକ୍ଷା ବିକାଶରେ ସହାୟକ ହୋଇପାରିବ ଏବଂ ଗରିବ ଲୋକମାନେ ଏହାଦ୍ୱାରା ବିଶେଷ ଉପକୃତ ହେବେ । ମେଡିକାଲ କଲେଜ ଲୋକାର୍ପଣ ଉତ୍ସବ ଏକ



ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିବା ସହ ଏହା ରାଜ୍ୟବାସୀଙ୍କ ପାଇଁ ସେ ଉତ୍ସର୍ଗ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଉତ୍ସର୍ଗୀକୃତ ମନୋଭାବ ନେଇ ମାନବସେବାରେ ବ୍ରତୀ ହୋଇ ସେବାର ଏକ ନୂତନ ପରିଭାଷା ସୃଷ୍ଟି କରିବାକୁ ସେ ନବାଗତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

ଗୋଟିଏ ସପ୍ତାହରେ କୋରାପୁଟ ଓ ବାରିପଦାଠାରେ ଦୁଇଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବା ଯୋଗୁଁ ରାଜ୍ୟରେ ଏମବିବିଏସ ସିଟ୍ ସଂଖ୍ୟା ୮୬୦ରେ ପହଞ୍ଚିଛି ଏବଂ ଆଗାମୀ ବର୍ଷ ଆଉ ଦୁଇଟି ମେଡିକାଲ କଲେଜ ବାଲେଶ୍ୱର ଓ ବଲାଙ୍ଗିରରେ ପ୍ରତିଷ୍ଠା ଦେବା ପରେ ଏହି ସିଟ୍ ସଂଖ୍ୟା ୧୦୬୦ରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି । ଉତ୍ସର୍ଗୀକୃତ ମନୋଭାବ ନେଇ ମାନବ ସେବାରେ ବ୍ରତୀ ହେବା ସହ ସେବାର ଏକ ନୂତନ ପରିଭାଷା ସୃଷ୍ଟି କରିବା ପାଇଁ ନବାଗତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଅଭିନନ୍ଦନ ଜଣାଇ ଆଗାମୀ ଦିନରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ଅନ୍ତର୍ଜାତୀୟସ୍ତରର ମେଡିକାଲ କଲେଜରେ ପରିଣତ କରାଯିବ ବୋଲି ଦର୍ଶାଇ କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ସଂକଳ୍ପ ଯୋଗୁଁ ୫୪ ବର୍ଷ ପରେ ଓଡିଶାରେ ଦୁଇଟି ମେଡିକାଲ କଲେଜକୁ ଏକ ସଙ୍ଗରେ ପ୍ରତିଷ୍ଠା କରାଯିବା ସହିତ ଆଦିବାସୀ ସଂପ୍ରଦାୟର ଦୁଇ କିମ୍ବଦନ୍ତୀ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକ ଏବଂ ଆଦିବାସୀ ଭାଷା ସାହିତ୍ୟର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମ୍ମାନରେ ଅର୍ପଣ କରାଯାଇଛି । ଦୁଇ ଜିଲାର ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହେବା ସହିତ ଏହି ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଦୂର ଦୂରାନ୍ତକୁ ନ ଯାଇ ନିଜ ଅଞ୍ଚଳରେ ଉନ୍ନତମାନ ତଥା ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବାରେ ସକ୍ଷମ ହୋଇ ପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ।

## ଭିନ୍ନମୋଡରେ କାଷ୍ଟିଂକାଉଚ୍ ମାମଲା
# ଓହରିଲେ ସରକାରୀ ଓକିଲ

**ଭୁବନେଶ୍ୱର :** ନାବାଳିକା କାଷ୍ଟିଂ କାଉଚ୍ ମାମଲାରେ ଗିରଫ ହୋଇ ଏବେ ଜାମିନ୍‌ରେ ଥିବା ହାସ୍ୟ ଅଭିନେତା ତତ୍ତ୍ୱପ୍ରକାଶ ଶତପଥୀ ଓରଫ ପପୁ ପମ୍‌ପମ୍ ଓ ତାଙ୍କ ସହଯୋଗୀ ପ୍ରଦୀପ୍ତ କୁମାର ସ୍ୱାଇଁ ଓରଫ ଗିଟୁଙ୍କ ମାମଲା ଅଦାଲତରେ ଭିନ୍ନ ମୋଡ଼ ନେଇଛି । ନାବାଳିକାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ସୁବ୍ରତ ପ୍ରିୟଦର୍ଶୀ ନିଜ ପଟୁ ଓହରି ଯାଇଛନ୍ତି । ଏ ନେଇ ସେ ବିଚାରପତିଙ୍କୁ କୋର୍ଟରେ ଆବେଦନ କରିଥିଲେ । ଫଳରେ ପୀଡ଼ିତା ନାବାଳିକା ଓ ତାଙ୍କ ମା'ଙ୍କର ସାକ୍ଷ୍ୟ ଗ୍ରହଣ ହୋଇପାରିନାହିଁ । ପକ୍‌ସୋ କୋର୍ଟରେ ପୀଡ଼ିତା ଓ ତାଙ୍କ ମା' ସାକ୍ଷୀ ପାଇଁ ହାଜର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା । ବିଚାରପତି ତାଙ୍କ ଓକିଲଙ୍କୁ ବୟାନ ନେବା ପାଇଁ କହିଥିଲେ । ହେଲେ ସରକାରୀ ଓକିଲ ଶ୍ରୀ ପ୍ରିୟଦର୍ଶୀ ଏହି ମାମଲାରୁ ଓହରି ଯିବାପାଇଁ ବିଚାରପତିଙ୍କୁ ନିଜପଟୁ ନିବେଦନ କରିଥିଲେ । ଫଳରେ ଆଜି ସାକ୍ଷ୍ୟ ଗ୍ରହଣ ହୋଇପାରି ନଥିଲା । ପରିସ୍ଥିତିକୁ ବିଚାର କରି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅକ୍ଟୋବର ୧୦କୁ ଧାର୍ଯ୍ୟ କରିଥିଲେ ମାନ୍ୟବର ଅଦାଲତ । ସେହି ସମୟ ମଧ୍ୟରେ ଅନ୍ୟ ଜଣେ ଓକିଲ ନିୟୋଜିତ ହେବେ ବୋଲି ଜଣାପଡ଼ିଛି । ସୂଚନାଥାଉକି, ଚଳଚ୍ଚିତ୍ରରେ ନାୟିକା ଭାବେ ସୁଯୋଗ ଦେବାକୁ କହି ଜଣେ ନାବାଳିକାଙ୍କୁ ପପୁ ଯୌନ ନିର୍ଯାତନା ଦେଇଥିବା ଏକ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା । ମହିଳା ଥାନାରେ ହୋଇଥିବା ଅଭିଯୋଗ କ୍ରମେ ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ର ସହଯୋଗ ଲୋଡ଼ାଯାଇଥିଲା । ପୀଡ଼ିତାଙ୍କ କାଉନ୍‌ସେଲିଂ କରି ତାଙ୍କ ବୟାନକୁ ଆଧାର କରି ମହିଳା ଥାନାରେ ସିଡବ୍ଲ୍ୟୁସିର ସଦସ୍ୟ ନିରୁପମା ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗରେ ପୁଲିସ୍ ପପୁ ଓ ଗିଟୁଙ୍କ ବିରୋଧରେ ୩୫୪(ଏ), ୫୦୬, ୫୦୯, ୩୪ ସହ ପକ୍‌ସୋ ଆକ୍ଟ ୮ ଓ ୧୨ରେ ମାମଲା ରୁଜୁ କରିଥିଲା ।

## ଶିକ୍ଷାସହାୟକ ନିଯୁକ୍ତି ବିଜ୍ଞପ୍ତି ମାମଲା
# ବୟସ ସୀମା ଉପରେ ଶୁଣାଣି ଶେଷ

**କଟକ :** ଶିକ୍ଷା ସହାୟକ ନିଯୁକ୍ତି ମାମଲାରେ ଧାର୍ଯ୍ୟ ବୟସସୀମା ଉପରେ ହାଇକୋର୍ଟରେ ଶୁଣାଣି ଶେଷ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ (ଏଜି) ସୂର୍ଯ୍ୟ ପ୍ରସାଦ ମିଶ୍ର ଯୁକ୍ତି ବାଢିଥିଲେ । ଏଜି ଦର୍ଶାଇଥିଲେ ଯେ ୨୦୧୬ ଡିସେମ୍ବର ୨୬ରେ ପ୍ରକାଶିତ ଶିକ୍ଷା ସହାୟକ ନିଯୁକ୍ତି ସଂପର୍କିତ ବିଜ୍ଞପ୍ତି ସଂପୂର୍ଣ୍ଣ ଭାବେ ଆଇନ ଅନୁସାରେ ଜାରି କରାଯାଇଛି । ଏହା ନିୟମ ଅନୁସାରେ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୩୨ ବର୍ଷ ଧାର୍ଯ୍ୟ କରାଯାଇଛି ବୋଲି ଦର୍ଶାଯାଇଥିଲା । ଡିସେମ୍ବର ୨୬ରେ ପ୍ରକାଶିତ ବିଜ୍ଞପ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଓ ଏହା ପୂର୍ବ ବର୍ଷଗୁଡିକରେ ପ୍ରକାଶିତ ବିଜ୍ଞପ୍ତିର ବିରୁଦ୍ଧାଚରଣ କରୁଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା । ଏଥିସହ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା କ୍ଷେତ୍ରରେ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଏବଂ ଶିକ୍ଷା ସହାୟକ ନିଯୁକ୍ତି କ୍ଷେତ୍ରରେ ବିଜ୍ଞାନ ବର୍ଗରେ ଅଧିକ ନିଯୁକ୍ତିକୁ ଗୁରୁତ୍ୱ ଦିଆଯିବା ପ୍ରସଙ୍ଗରେ ଶୁଣାଣି ହୋଇଛି । ସର୍ବାଧିକ ବୟସ ସୀମା ମାନଦଣ୍ଡ ସହ ଉପରୋକ୍ତ ୨ ପ୍ରସଙ୍ଗରେ ଶୁଣାଣି ଶେଷ ହୋଇଥିବାବେଳେ ବିଜ୍ଞପ୍ତିରେ ଥିବା ଅନ୍ୟ ସର୍ତ୍ତ ଉପରେ ୧୧ ତାରିଖରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି । ମାମଲାରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବ ଗତ ୪ରେ ସତ୍ୟପାଠ ଦାଖଲ କରିଥିଲେ । ୨୦୧୬ ଡିସେମ୍ବର ୨୬ତାରିଖରେ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ଏହି ମାମଲା ରୁଜୁ ହୋଇଥିଲା । ସର୍ବାଧିକ ବୟସ ସୀମା, ଶିକ୍ଷାଗତ ଯୋଗ୍ୟତା ଆଦି ଗ୍ରହଣୀୟ ନୁହେ ଓ ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତିକୁ ବିରୁଦ୍ଧାଚରଣ କରୁଥିବା ନେଇ ଆବେଦନକାରୀ ଚାଲେଞ୍ଜ କରି ମାମଲା ରୁଜୁ କରିବା ସହ ବିଜ୍ଞପ୍ତି ରଦ୍ଦ କରିବାକୁ ପ୍ରାର୍ଥନା କରିଥିଲେ ।

# ଅତ୍ୟାବଶ୍ୟକ ଖର୍ଚ୍ଚ ଭରଣା ପାଇଁ ଥାନାକୁ ମିଳିବ ପାଣ୍ଠି

**ଭୁବନେଶ୍ୱର :** କୌଣସି ସ୍ଥାନରେ ଯଦି ଗଳିତ ମୃତଦେହ ମିଳିଲା ତେବେ ତାକୁ ସେଠାରୁ ଜବତ କରି ବ୍ୟବଚ୍ଛେଦ ଲାଗି ହସ୍ପିଟାଲକୁ ପଠାଇବା ନିମନ୍ତେ ଜଣେ ସୁଇପର ଦରକାର । ହସ୍ପିଟାଲକୁ ପଠାଇବା ଲାଗି ଏକ ଗାଡି ଭଡ଼ା କରିବାକୁ ପଡ଼େ । କେବଳ ସେତିକି ନୁହେଁ, ତଦନ୍ତ କରିବାକୁ ଏକାଧିକବାର ଘଟଣାସ୍ଥଳକୁ ଯିବା ପାଇଁ ହୋଇଥାଏ । ରାଜ୍ୟ ବାହାରକୁ କୌଣସି ମାମଲାରେ ତଦନ୍ତ କରିବାକୁ ଯିବାକୁ ହେଲେ ବହୁ ଅର୍ଥ ଦରକାର । ରାଜଧାନୀରୁ ଚୋରି ହୋଇଥିବା ଏକାଧିକ ବାଇକ୍ ମାଲ୍‌କାନଗିରିରେ ମିଳିଲେ ତାହା ଆଣିବା ପାଇଁ ମଧ୍ୟ ଅର୍ଥ ଦରକାର । ଏମିତି ଅନେକ ଘଟଣାରେ ତଦନ୍ତକାରୀ ଅଫିସରଙ୍କୁ ଆର୍ଥିକ ସମସ୍ୟା ଦେଇ ଗତି କରିବାକୁ ହୋଇଥାଏ । ଆଇନସଙ୍ଗତ ଏମିତି ଅନେକ ଖର୍ଚ୍ଚ ଭରଣା ପାଇଁ ପୁଲିସ ବାହିନୀ ସମସ୍ୟାରେ ପଡୁଛି । ଏଥିପାଇଁ ଜଣେ ପୁଲିସ ଅଧିକାରୀ ନିଜ ପକେଟ୍‌ରୁ ଅର୍ଥ ଖର୍ଚ୍ଚ କରିବାକୁ କେତେ ଆଗ୍ରହ ପ୍ରକାଶ କରିବ ତାହା ସହଜରେ ଅନୁମାନ କରାଯାଇପାରେ । ଏଥିଲାଗି ବହୁ ସମୟରେ ଅଭିଯୋଗକାରୀ ତଦନ୍ତକାରୀ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ଅଙ୍ଗୁଳି ଉଠାଇଥାଆନ୍ତି । ତେବେ ଏଭଳି ସମସ୍ୟାକୁ ଦୂର କରିବାକୁ କମିଶନରେଟ୍ ପୁଲିସ ପଦକ୍ଷେପ ନେବାକୁ ଯାଉଛି । ନିକଟରେ ପୁଲିସ କମିଶନର ଯୋଗେଶ ବାହାଦୂର ଖୁରାନିଆ ଏ ସମ୍ପର୍କରେ ନୂତନ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରିଛନ୍ତି । ତେବେ ଏନେଇ ଏକ ପ୍ରସ୍ତାବ ଦେବାକୁ ପୁଲିସ ମହାନିର୍ଦ୍ଦେଶକ ଅନୁମତି ଦେଇଥିବା ଜଣାପଡ଼ିଛି । ପ୍ରତ୍ୟେକ ଥାନାର ମାସିକ ଏହି ବାବଦରେ ଆବଶ୍ୟକ ହେଉଥିବା ଖର୍ଚ୍ଚକୁ ଆକଳନ କରାଯାଇ ୭୦୦୦ ଟଙ୍କା ପ୍ରଦାନ କରାଯିବାକୁ ଚିନ୍ତା କରାଯାଉଥିବା ପୁଲିସ କମିଶନର ଶ୍ରୀ ଖୁରାନିଆ କହିଛନ୍ତି । ସେହିପରି କମିଶନରେଟ୍ ପୁଲିସର ରେଡକ୍ରସ୍ ପାଣ୍ଠିରୁ ମଧ୍ୟ ପ୍ରତ୍ୟେକ ଥାନାକୁ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଛି । ଥାନା ଅଞ୍ଚଳରେ ହଠାତ କୌଣସି ଅସହାୟଙ୍କୁ ପୁଲିସ ସାହାଯ୍ୟ କରିବାକୁ ହେଲେ ନିଜ ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡୁଥିଲା । ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏଣିକି ଅସହାୟ ବ୍ୟକ୍ତିଙ୍କୁ ତାଙ୍କ ଘରକୁ ପଠାଇବା, ଖାଇବାକୁ ଦେବା ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ କାର୍ଯ୍ୟ ପାଇଁ ଏହି ପାଣ୍ଠିରୁ ପୁଲିସ ଖର୍ଚ୍ଚ କରିବ ବୋଲି ଜଣାପଡ଼ିଛି । ଦୀର୍ଘଦିନରୁ ଥାନାଗୁଡ଼ିକ ଏଭଳି ଅର୍ଥ ପ୍ରଦାନ ପାଇଁ ଦାବି କରୁଥିଲେ । ପୁଲିସ ଅଫିସର୍ସ ସଂଘ ମଧ୍ୟ ଏନେଇ ଦାବି କରିଆସୁଛି । ବାର୍ଷିକ ପ୍ରତ୍ୟେକ ଥାନାକୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବାକୁ ସଂଘ ଦାବି କରୁଛି । ହେଲେ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯାଇନାହିଁ । ନୂତନ ପୁଲିସ ମହାନିର୍ଦ୍ଦେଶକ ଥାନାକୁ ଆବଶ୍ୟକ ଖର୍ଚ୍ଚ ଯୋଗାଇ ଦେବା ଲାଗି ଦୀର୍ଘ ଦିନରୁ ରହିଥିବା ଦାବି ପୂରଣ ନେଇ ଆଶା ରହିଛି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି । ଅର୍ଥ ବ୍ୟବସ୍ଥା ହେଲେ ଥାନାସ୍ତରରେ କେତେକାଂଶରେ ଦୁର୍ନୀତି ହ୍ରାସ ପାଇବ ବୋଲି ଜଣେ ବରିଷ୍ଠ ଅଧିକାରୀ ମତ ଦେଇଛନ୍ତି ।

# ୨୦୧୮ ଡିସେମ୍ବର ସୁଦ୍ଧା ସରିବ ଜାଇକା କାର୍ଯ୍ୟ

**ଭୁବନେଶ୍ୱର :** କଟକ ଓ ଭୁବନେଶ୍ୱରରେ ଜାଇକା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶା ଇଣ୍ଟିଗ୍ରେଟେଡ୍ ସାନିଟେସନ୍ ଇମ୍ପ୍ରୁଭମେଣ୍ଟ୍ ପ୍ରୋଜେକ୍ଟ (ଓଆଇଏସ୍‌ଆଇପି)ରେ ଜାଇକା ସହାୟତା କରୁଛି । ଗତ ୮ ମାସରେ ଜାଇକା ପ୍ରକଳ୍ପ ତ୍ୱରାନ୍ୱିତ ହୋଇଥିଲା ବେଳେ ଏହାକୁ ଆହୁରି ଗତିଶୀଳ କରିବାକୁ ବିଭିନ୍ନ ବିଭାଗର ସମନ୍ୱୟ ଉପରେ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ପରାମର୍ଶ ଦେଇଥିଲେ । ଜାଇକା ପ୍ରକଳ୍ପର ୫୫ ପ୍ରତିଶତ କାମ ଶେଷ ହୋଇଛି । ୨୦୧୮ ଡିସେମ୍ବର ସୁଦ୍ଧା ଜାଇକା ପ୍ରକଳ୍ପ ଶେଷ କରିବାକୁ ଆଜି ବୈଠକରେ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ବୈଠକରେ ନଗର ଉନ୍ନୟନ ସଚିବ ଜି ମାଥିଭାତନନ୍ ଯୋଗ ଦେଇଥିଲେ । ଜାଇକା ପ୍ରକଳ୍ପରେ ରେଲୱେ ଓ ଜାତୀୟ ରାଜପଥ ଜମି ବ୍ୟବହାର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଦୁଇ ସହରରରେ ଜାଇକା ସହାୟତାରେ ୬୩୨ କିମି ସ୍ୱେରେଜ ନେଟୱର୍କ, ୩ ସ୍ୱେରେଜ ଟ୍ରିଟମେଣ୍ଟ୍ ପ୍ଲାଣ୍ଟ୍, ୪୮ ପମ୍ପିଂ ଷ୍ଟେସନ୍, ୭ ସ୍ଲୁଇସ୍ ଗେଟ୍ ନିର୍ମାଣ ହେଉଛି । ୨୯୭୪ କୋଟିର ଏହି ପ୍ରକଳ୍ପରେ ରାଜ୍ୟ ସରକାର ୫୯୪ କୋଟି ଟଙ୍କା ବିନିଯୋଗ କରୁଛନ୍ତି । ଜାଇକା ୨୩୮୦ କୋଟି ଟଙ୍କା ଋଣ ମାଧ୍ୟମରେ ପ୍ରଦାନ କରୁଛି । ବୈଠକରେ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ରଙ୍କ ସମେତ ରେଳବ ବିଭାଗ, ଜାତୀୟ କର୍ତ୍ତୃପକ୍ଷ ଓ ଜାଇକା ଅଧିକାରୀ ଅଂଶଗ୍ରହଣ କରିଥିଲେ ।

# ବିକଳ୍ପ ଶକ୍ତିର ବ୍ୟବହାର ଅପରିହାର୍ଯ୍ୟ

**ଭୁବନେଶ୍ୱର :** ବିଦ୍ୟୁତ୍ ଶକ୍ତିର ଅଭାବ ପୂରଣ କରିବା ଦିଗରେ ଏକ ବିକଳ୍ପ ପଦକ୍ଷେପ ସ୍ୱରୂପ ସମସ୍ତ ସରକାରୀ କୋଠାରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି, କିନ୍ତୁ ସରକାରୀ ଅନୁଷ୍ଠାନ ଏଥିରେ ଅବହେଳା ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଉଛି । ଭୁବନେଶ୍ୱର ଏବଂ କଟକର କିଛି ମହାବିଦ୍ୟାଳୟ କୋଠା ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ମନୋନୟନ କରାଯାଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ପ୍ରକଳ୍ପ ଆରମ୍ଭ ହୋଇ ପାରୁନାହିଁ । ଏପରିସ୍ଥଳେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ଶକ୍ତି ବିଭାଗ ଶାସନ ସଚିବ ହେମନ୍ତ ଶର୍ମା ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରିଛନ୍ତି । ଦିନକୁ ଦିନ ବିଦ୍ୟୁତ୍‌ର ଚାହିଦା ବୃଦ୍ଧି ପାଉଛି, ସେହି ଅନୁପାତରେ ଉତ୍ପାଦନ ବଢୁନି । ତେଣୁ ବିକଳ୍ପ ଶକ୍ତିର ବ୍ୟବହାର ଅପରିହାର୍ଯ୍ୟ ହୋଇ ପଡିଛି । ଏପରିସ୍ଥଳେ ଦୈନିକ ବିଦ୍ୟୁତ୍ ଆବଶ୍ୟକତା ପୂରଣ ପାଇଁ ସମସ୍ତ ସରକାରୀ କୋଠାରେ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୌର ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟ ସରକାର ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ତେଣୁ ସରକାରୀ ବିଭାଗ ଅବା ସ୍ୱୟଂଶାସିତ ଅନୁଷ୍ଠାନ ସେସୁ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିବା ପରେ କାମ ଆରମ୍ଭ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ତେବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହର୍ଷି କଲେଜ, ରାଜଧାନୀ କଲେଜ ଏବଂ କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ ସେସୁ ସହିତ ଏହି ଚୁକ୍ତି ସ୍ୱାକ୍ଷର ପାଇଁ ପଦକ୍ଷେପ ନେଉ ନଥିବା ଶକ୍ତି ବିଭାଗ ଦୃଷ୍ଟିକୁ ଆସିଛି । ଅଧିକାଂଶ ସମୟ ବିଦ୍ୟୁତ୍ କାଟ ଯୋଗୁଁ କଲେଜ ଏବଂ ମହାବିଦ୍ୟାଳୟଗୁଡ଼ିକରେ ପାଠ ପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି । ଶ୍ରେଣୀ ଗୃହରେ ହେଉ ଅବା ଛାତ୍ରାବାସରେ ପିଲାମାନେ ଅସୁବିଧାରେ ପଡୁଛନ୍ତି । ପରୀକ୍ଷା ସମୟରେ ଅବସ୍ଥା ଅଧିକ ଜଟିଳ ହେଉଛି । ବିଜ୍ଞାନାଗାର ଗବେଷଣା କାର୍ଯ୍ୟ ବି ବାଧାପ୍ରାପ୍ତ ହେଉଛି । ଛାତ ଉପରେ ୧ ମେଗାୱାଟ୍‌ର ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରାଗଲେ ଏହି ସମସ୍ୟା ଦୂର ହୋଇଯିବ, କିନ୍ତୁ ଉପରୋକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ପଦକ୍ଷେପ ନିଆ ଯାଇ ନଥିବାରୁ ଶକ୍ତି ବିଭାଗ ଏଥିନେଇ ଉଦ୍‌ବେଗ ପ୍ରକାଶ କରିଛି । ସେସୁ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରି ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଶକ୍ତି ବିଭାଗ ସଚିବ ହେମନ୍ତ ଶର୍ମା ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜିଭିଭି ଶର୍ମାଙ୍କୁ ଚିଠି ଲେଖିଛନ୍ତି ।

# ରାଜ୍ୟରେ ୫୦% ଡାକ୍ତର ପଦ ଖାଲି

**ଭୁବନେଶ୍ୱର :** ରାଜ୍ୟରେ ମୋଟ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦ ହେଉଛି ୬୫୩୬ । ସେଥିମଧ୍ୟରେ ୨୨୮୩ ନିୟମିତ, ୪୨୨ ଆଡହକ, ୫୦୪ଜଣ ଚୁକ୍ତିଭିତ୍ତିକ ଓ ୧୪ଜଣ ପିପିପି ଭିତ୍ତିରେ କାର୍ଯ୍ୟରତ ଅଛନ୍ତି । ଏବେ ୩୨୨୩ଜଣ କାର୍ଯ୍ୟରତ ଥିବାବେଳେ ୩୩୧୩ ପଦ ଖାଲିପଡ଼ିଛି । ରାଜ୍ୟରେ ହାରାହାରି ପ୍ରାୟ ୫୦ ପ୍ରତିଶତ ଡାକ୍ତର ପଦ ଖାଲିପଡ଼ିଛି । ରାଜ୍ୟର କେଉଁ ଜିଲାରେ ମଞ୍ଜୁରିପ୍ରାପ୍ତ ବିଶେଷଜ୍ଞ ଓ ଡାକ୍ତର ପଦରୁ କେତେ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଧାୟକ ସଞ୍ଜୀବକୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା । ବିଶେଷ କରି କ୍ୟାପିଟାଲ ହସ୍ପିଟାଲରେ ସର୍ବନିମ୍ନ ୩୦ପ୍ରତିଶତ ଡାକ୍ତର ପଦ ଖାଲିଥିବାବେଳେ କେନ୍ଦ୍ରାପଡ଼ା ଓ ନୟାଗଡ଼ରେ ପ୍ରାୟ ୬୦ପ୍ରତିଶତ ଡାକ୍ତର ପଦ ଖାଲିପଡ଼ିଥିବା ଏହ ତଥ୍ୟରୁ ଜଣାପଡ଼ିଛି । ବିଧାୟକ ସଞ୍ଜୀବ କୁମାର ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି । ଅନୁରୂପ ଭାବେ ବିଧାୟକ ଗୋଲକବିହାରୀ ନାୟକଙ୍କ ସେଇ ସମାନ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ବର୍ଗର ୬୭୧୯ଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦ ରହିଛି । ଏହି ପଦରେ ୪୦୩୨ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି, ଅର୍ଥାତ ଏସବୁ ପଦରୁ ୨,୬୮୭ ପଦ ଖାଲିପଡ଼ିଛି । ଖାଲିଥିବା ବିଭିନ୍ନ ପଦଗୁଡ଼ିକୁ ଲୋକସେବା ଆୟୋଗ ଦ୍ୱାରା ମନୋନୟନ, ବିଭାଗୀୟ ପଦୋନ୍ନତି, ଆଡ଼ହକ ନିଯୁକ୍ତି ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ଦ୍ୱାରା ପୂରଣ କରାଯିବା ପାଇଁ ଜିଲା ଚିକିତ୍ସାଧିକାରୀ ଓ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଡ.ହୃଷିକେଶ ମହାନ୍ତି କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି



**ଭୁବନେଶ୍ୱର :** ପ୍ରଫେସର ଡ. ହୃଷିକେଶ ମହାନ୍ତି କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ହାଇଦ୍ରାବାଦ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ପ୍ରଫେସର ଥିବା ଡ. ମହାନ୍ତି ଆଇଆଇଟି ଖଡଗପୁରରୁ କମ୍ପ୍ୟୁଟର ସାଇନ୍‌ସ୍‌ରେ ପିଏଚଡ଼ି କରିବା ସହ ବିଜିନେସ୍ ପ୍ରୋସେସ୍ ରିଇଞ୍ଜିନିୟରିଂ, ଡିଷ୍ଟ୍ରିବ୍ୟୁଟେଡ୍ କମ୍ପ୍ୟୁଟିଂ, ସଫ୍ଟୱେର ଇଂଜିନିୟରିଂ ଓ ମୋବାଇଲ୍ କମ୍ପ୍ୟୁଟିଂରେ ତାଙ୍କର ଦକ୍ଷତା ରହିଛି । ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ଥିବା ପ୍ରଫେସର ମହାନ୍ତିଙ୍କ ଅନେକ ସନ୍ଦର୍ଭ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରପତ୍ରିକା ଓ ଜର୍ଣ୍ଣାଲ୍‌ରେ ପ୍ରକାଶିତ ହୋଇଛି । ହାଇଦ୍ରାବାଦ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଇଗଭର୍ଣ୍ଣାନ୍‌ସ ବ୍ୟବସ୍ଥା ଲାଗୁ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି । ସେ ମଧ ଓଡ଼ିଆ ସାହିତ୍ୟରେ ରୁଚି ରଖିଥିବା ବେଳେ ତିନୋଟି କବିତା ସଂକଳନ ରଚନା କରିଛନ୍ତି । ପ୍ରଫେସର ପି.ପି.ମାଥୁରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କିଟ୍ ବିଶ୍ୱବିଦ୍ୟାଳୟର ପଞ୍ଚମ କୁଳପତି ଭାବେ ଡ. ମହାନ୍ତି ଯୋଗ ଦେଇଛନ୍ତି । ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ରାମବାବୁ କୋଦାଳି ଯୋଗଦେଇଛନ୍ତି । ଉଭୟ କୁଳପତି ଓ ଉପକୁଳପତିଙ୍କୁ କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ନିଯୁକ୍ତି ପ୍ରଦାନ କରିଛନ୍ତି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଫେସର ମହାନ୍ତି ତଥା ପ୍ରଫେସର କୋଦାଳୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ନେତୃତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅଧିକ ଆଗେଇ ପାରିବ ବୋଲି ସୂଚନା ଦେଇଛନ୍ତି ।

# 'ଶିକ୍ଷକମାନେ ହିଁ ପିଲାଙ୍କ ପଥ ପ୍ରଦର୍ଶକ'



**ଭୁବନେଶ୍ୱର :** ବିଶ୍ୱରେ ଆଦର୍ଶ ଗୁରୁ ହିଁ ସଠିକ୍ ପ୍ରେରଣାଦାତା । ତେଣୁ ଗୁରୁମାନେ ସର୍ବଦା ଶ୍ରେଷ୍ଠ ଏବଂ ପୂଜ୍ୟ । ଯେଉଁଥିପାଇଁ ଆମ ଦେଶରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଶ୍ରେଷ୍ଠ ଗୁରୁଙ୍କ ଆଖ୍ୟା ଦିଆଯିବା ସହିତ ତାଙ୍କର ଜନ୍ମଦିନକୁ ସ୍ମରଣୀୟ ରଖିବା ପାଇଁ ସମସ୍ତ ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଉଛି । ଏଣୁ ଶିକ୍ଷକମାନେ ହିଁ ଛାତ୍ରଛାତ୍ରୀମାନଙ୍କ ପଥ ପ୍ରଦର୍ଶକ ବୋଲି ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ପାଳିତ ଗୁରୁଦିବସ ଅବସରରେ ଏହା କହିଛନ୍ତି ଏହି ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ । ଶ୍ରୀ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଆଚାର୍ଯ୍ୟ ସ୍ୱରୂପାନନ୍ଦ ମିଶ୍ର ପିଲାମାନଙ୍କୁ ସମ୍ବୋଧିତ କରିବା ସହିତ ବହୁମୂଲ୍ୟ ଉପଦେଶ ଦେଇଥିଲେ । ଅଧ୍ୟକ୍ଷା ଶ୍ରୀମତୀ ସ୍ମୃତିରେଖା ଷଡଙ୍ଗୀ ନିଜ ବକ୍ତବ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେବା ସହିତ ଭଲ ପାଠପଢ଼ି ଦେଶର ଯଶ ରଖିବା ପାଇଁ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନାଟକ 'ଦିନା ମାଷ୍ଟର' ଅଭିନୀତ ହୋଇଥିଲା । ଏହା ଅତ୍ୟନ୍ତ ଶିକ୍ଷଣୀୟ ହେବା ସହିତ ପିଲାମାନଙ୍କୁ ପ୍ରଭାବିତ କରିଥିଲା । ଦେବାଶିଷ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବର ଶେଷ ଭାଗରେ ଉପାଧ୍ୟକ୍ଷ କବୀନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଦୁଃଖକୁ ଡାକି ଆଣିଥାଏ । : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ..

## ପରମ୍ପରା-ପ୍ରଦୂଷଣ

ଦେଶରେ ଏବେ ପାର୍ବଣର ଋତୁ ଆରମ୍ଭ । ପ୍ରତିବର୍ଷ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜାରୁ ଏହି ମାହୋଲ ଆରମ୍ଭ ହୋଇଥାଏ । ଆଗକୁ ଦଶହରା ମା' ଦୁର୍ଗା ଓ ମା' କାଳୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେବ । ପରମ୍ପରା ଅନୁଯାୟୀ ଦେବୀମାନଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇ ପରେ ମାଟି ତିଆରି ମୂର୍ତ୍ତି ଗୁଡିକ ବିସର୍ଜିତ ହେବେ । ଧାର୍ମିକ ବିଶ୍ୱାସ ଓ ହିନ୍ଦୁ ପରମ୍ପରା ଅନୁଯାୟୀ ଏହା ଦୀର୍ଘକାଳୁ ଆମ ଦେଶରେ ପାଳିତ ହେଉଛି । ସେଥିରେ କିଛି ନୂତନତା ନଥିଲେ ବି ଏବେ ପୂର୍ବାପେକ୍ଷା ପୂଜା ମଣ୍ଡପ ଓ ମୂର୍ତ୍ତି ସଂଖ୍ୟା ଢ଼େର ବଢ଼ିଯାଇଛି । ହେଲେ ମୃଣ୍ମୟୀ ମୂର୍ତ୍ତି ପୂଜାପାଠ କିମ୍ବା ମଣ୍ଡପକୁ ନେଇ କୌଣସି ବିବାଦ ନଥିଲା ବେଳେ ମୂର୍ତ୍ତି ବିସର୍ଜନକୁ ନେଇ ଚିନ୍ତା ବଢୁଛି ।

କାରଣ ଆଜିକାଲି ମାଟିମୂର୍ତ୍ତି ଗୁଡିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମୂର୍ତ୍ତି କାରିଗରମାନେ ଯଥେଷ୍ଟ ପରିମାଣର ବି ଭିନ୍ନ ରଙ୍ଗ ବ୍ୟବହାର କରୁଛନ୍ତି । ହେଲେ ଏହି ରଙ୍ଗରେ ମାତ୍ରାଧିକ କ୍ଷତିକାରକ ରସାୟନିକ ପଦାର୍ଥ (କେମିକାଲ) ରହିଛି, ଯାହା ପ୍ରାଣୀ ଜଗତର ବିନାଶ ପାଇଁ ଉଦ୍ଦିଷ୍ଟ । ମୂର୍ତ୍ତିରେ ବ୍ୟବହୃତ ବିଷାକ୍ତ ରାସାୟନିକ ପଦାର୍ଥ ଗୁଡ଼ିକୁ ନେଇ ଏବେ ସମସ୍ତେ ଚିନ୍ତିତ । କାରଣ ମୂର୍ତ୍ତି ଗୁଡିକୁ ନଦୀ, ନାଳରେ ଭସାଇ ଦେବା ଦ୍ୱାରା ଏହି ନଦୀ, ନାଳର ଜଳ ବିଷାକ୍ତ ହୋଇଯାଉଛି । ଏହାକୁ ପାନୀୟ ଜଳ ବା ଅନ୍ୟ ଭାବରେ ବ୍ୟବହାର କରୁଥିବା ଲୋକେ ଏହାର ବିଷମୟ ପରିଣତି ଭୋଗୁଛନ୍ତି । ଜଳରେ ମିଶୁଥିବା ବିଷାକ୍ତ ରସାୟନ ଯୋଗୁଁ ଲୋକ ନାନା ରୋଗବ୍ୟାଧିର ଶିକାର ହେଉଛନ୍ତି, ହେଲେ ଏକଥାକୁ ସହଜରେ ଚିନ୍ତା କରାଯାଉନାହିଁ । 'ଜଳ ହିଁ ଜୀବନ' ବୋଲି ବିଚାର କଲେ ଏହାର ମାହାତ୍ମ୍ୟ ସହଜରେ ବୁଝିହେବ । ଏହା ସାଧାରଣ ଲୋକଙ୍କ ମଗଜକୁ ଏଯାବତ୍ ବିଶେଷଭାବେ ପ୍ରଭାବିତ କରିନଥିବାରୁ ନଦୀ, ନାଳରେ ମୂର୍ତ୍ତି ବିସର୍ଜନ ପରମ୍ପରା ବଜାୟ ରହୁଛି । ଭବିଷ୍ୟତରେ ଏଭଳି ଧାରା ଜାରି ରହିଲେ ଏହା ସମସ୍ତଙ୍କ ପାଇଁ ସଙ୍କଟଜନକ ପରିସ୍ଥିତି ଆଣିଦେବ ବୋଲି ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କଲେଣି । ଏଥିନେଇ ଗତ କିଛିବର୍ଷ ହେବ ଆନୁଷ୍ଠାନିକ ଭାବେ କିଛି ସଂଗଠନ ସ୍ୱର ଉଠାଇଥିଲେ ବି ଏହାର ସୁଦୂରପ୍ରସାରୀ ପ୍ରଭାବ ପରିଲକ୍ଷିତ ହୋଇନାହିଁ । ବ୍ୟକ୍ତିଗତ ଭାବରେ କିଛି ସାମାଜିକ କର୍ମୀ ଏନେଇ ବେଳେ ବେଳେ ସ୍ୱର ଉଠାଉଛନ୍ତି, ହେଲେ ଏହାର ପ୍ରଭାବ ଏହି ମୂର୍ତ୍ତିପୂଜା ଆୟୋଜନକାରୀଙ୍କୁ ସେଭଳି ପ୍ରଭାବିତ କରିପାରୁନି ।

ଅନ୍ୟପକ୍ଷରେ ଖାଲି ଯେ ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରଙ୍ଗରେ ଥିବା ବିଷାକ୍ତ ପଦାର୍ଥ ନୁହେଁ ବରଂ ଏଥିରେ ବ୍ୟବହାର ହେଉଥିବା ନଡା, ବାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ନଦୀ ଦଳରେ ମିଶୁଛି । ଏହା ମଧ୍ୟ ନଦୀ, ନାଳ ଜଳକୁ ଅଧିକ ପ୍ରଦୂଷିତ କରୁଥିବା ଜଣାପଡିଛି । ବର୍ତ୍ତମାନ ଆମ ରାଜ୍ୟରେ ନଦୀ, ନାଳର ଅବସ୍ଥା ନକହିବା ଭଲ । ଉପରମୁଣ୍ଡରୁ ପାଣି ନଆସିବାରୁ ମହାନଦୀ ଶୁଖିଲା । ମୌସୁମୀ ସମୟରେ ଏଭଳି ଅବସ୍ଥା ରହିଥିବାବେଳେ ଅଣମୌସୁମୀ ସମୟରେ କିଭଳି ସମସ୍ୟା ଉପୁଜିବ ତାହା ଅନୁମାନ କରାଯାଉ । ରାଜ୍ୟର ବହୁ ନଦୀ ନାଳ ଏବେ ଶୁଖିଲା ପଡିଛି, ହେଲେ ଓଡ଼ିଶାର ଅର୍ଦ୍ଧାଧିକ ଲୋକ ଚାଷବାସ ଓ ପାନୀୟ ଜଳ ଭାବେ ନଦୀ ଜଳକୁ ହିଁ ବ୍ୟବହାର କରିଥାନ୍ତି । ଏଭଳି ସ୍ଥିତିରେ ନଦୀ, ନାଳର ଜଳ ବିଷଯୁକ୍ତ ହେଲେ ଆଗକୁ ପରିସ୍ଥିତି ଭୟଙ୍କର ହେବ । ନଦୀମାନଙ୍କରେ ପ୍ରଭାବିତ ଜଳକୁ ବ୍ୟବହାର ଉପଯୋଗୀ ରଖିବାକୁ ହେଲେ ଏହାର ପ୍ରଦୂଷଣ ଦିଗ ପ୍ରତି ସମସ୍ତଙ୍କୁ ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଜନସାଧାରଣ ସଚେତନ ନହେଲେ ଏତେବଡ କାର୍ଯ୍ୟ ଆପଣାଛାଏଁ ହୋଇପାରିବ ନାହିଁ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସରକାର ମଧ୍ୟ ଏ ଦିଗରେ ବିଶେଷ ଧ୍ୟାନ ଦେଇ କାର୍ଯ୍ୟକ୍ରମ କରିବା ଆବଶ୍ୟକ । ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ପୂଜାପାର୍ବଣର ସଂଖ୍ୟା ଅଧିକ । ତେଣୁ ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ବ୍ୟବହାର ଦିଗରେ ସଚେତନତା ସୃଷ୍ଟି କରାଯିବା ସହ ବିଷାକ୍ତ ରଙ୍ଗ ବ୍ୟବହାର ଉପରେ ରୋକ ଲଗାଯିବାକୁ ନିୟମ ପ୍ରଣୟନ ଜରୁରୀ । ରାଜଧାନୀ ଭୁବନେଶ୍ୱର ସମେତ କଟକ ସହରରେ ମୂର୍ତ୍ତିପୂଜା ଓ ବିସର୍ଜନ ଉପରେ ଅଧିକ ଚିନ୍ତା କରିବାର ଆବଶ୍ୟକତା ରହିଛି । ମହାନଦୀ, କାଠଯୋଡି, କୁଆଖାଇ ଓ ଦୟା ନଦୀର ଜଳକୁ ପ୍ରଦୂଷଣମୁକ୍ତ ରଖାଯିବା ଦିଗରେ ଉଭୟ ସହରର ପୌର ନିଗମମାନେ ଅଧିକ ଧ୍ୟାନ ନଦେଲେ ସମସ୍ୟା ବଢ଼ିଯିବ ।

# ଚାଲୁଣି ବନାମ ଛୁଞ୍ଚିର ବିବାଦ



କେଦାର ମିଶ୍ର

ପ୍ରତିବର୍ଷ କିଛି ପିଲା ଆମ ଘରକୁ ଆସନ୍ତି । କେବଳ ଆମ ଘରକୁ ନୁହଁ, ସେମାନେ ଆମ କଲୋନୀର ପ୍ରାୟ ପ୍ରତ୍ୟେକ ଘରକୁ ଯାଇ କିଛି ପତ୍ରପତ୍ରିକା ବିକ୍ରି କରନ୍ତି ଓ ଚାନ୍ଦା ସଂଗ୍ରହ କରନ୍ତି । କିଏ ଦିଏ, କିଏ ଦିଏନାହିଁ । ସେମାନେ ତାଙ୍କ ପାଖରେ ଥିବା ପତ୍ରିକା ବିକିଲା ପରେ ହୁଏତ ଅତିବେଶୀରେ ଦଶଟଙ୍କା ପାଇବେ । କିନ୍ତୁ ସେମାନେ ପ୍ରତି ଘରକୁ ଯାଇ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତି ଯେ, ସେମାନେ ହେଉଛନ୍ତି ଏକ ରାଜନୈତିକ ଦଳର ସଦସ୍ୟ ଓ ରାଜନୈତିକ ବିଚାରକୁ ବଞ୍ଚାଇବାକୁ ହେଲେ ସାଧାରଣ ଲୋକଙ୍କୁ ଚାନ୍ଦା ଦେବାକୁ ପଡ଼ିବ । ମୁଁ ଯେଉଁମାନଙ୍କ କଥା କହୁଛି, ସେମାନେ ଏକ ଛୋଟିଆ ସାମ୍ୟବାଦୀ ଦଳର ସଦସ୍ୟ । ସାମ୍ୟବାଦୀ ବା କମ୍ୟୁନିଷ୍ଟମାନଙ୍କୁ ଏବେ ଖୁବ୍ ଭଲ ଆଖିରେ ଦେଖୁନାହୁଁ । କିନ୍ତୁ ଏମାନେ ହେଉଛନ୍ତି ଭାରତର ଏମିତି ରାଜନୈତିକ ଗୋଷ୍ଠୀ ଯେଉଁମାନେ ସାଧାରଣ ଜୀବନ ସହିତ ଏକୀଭୂତ ହୋଇ ସାଧାରଣ ଜନତାର ଚାନ୍ଦାରେ ରାଜନୀତି କରୁଛନ୍ତି । ଛୋଟବଡ଼ ସାମ୍ୟବାଦୀ ଦଳଗୁଡ଼ିକ ଏବେ ମଧ୍ୟ ଦଳୀୟ ପାଣ୍ଠି ପାଇଁ ଲୋକଙ୍କଠାରୁ ଚାନ୍ଦା ମାଗନ୍ତି । ତେବେ ଭାରତର ବଡ଼ ରାଜନୈତିକ ଦଳଗୁଡ଼ିକ ପଇସା ପା'ନ୍ତି କୁଆଡୁ ? ମାଳମାଳ ହେଲିକ୍ୟାପ୍ଟର, ଶହ ଶହ ର୍‍ୟାଲି ଓ ମୋର୍ଚ୍ଚା, କୋଟି କୋଟି ପ୍ରଚାର ସାମଗ୍ରୀ ତଥା ଲକ୍ଷ ଲକ୍ଷ ଦଳୀୟ ଆୟୋଜନରେ ଯେଉଁ ଖର୍ଚ୍ଚ ହୁଏ, ସେ ପଇସା ଆସେ କେଉଁଠୁ ? ଏହି ପୃଷ୍ଠଭୂମିରେ ଗତ କିଛି ସପ୍ତାହ ଧରି ଓଡ଼ିଶାରେ ବିଜେପି ରାଜ୍ୟର ଶାସନ କରୁଥିବା ବିଜେଡ଼ି ଦଳ ବିରୋଧରେ ହାୱାଲା କାରବାର ଅଭିଯୋଗ ଆଣିଛି । ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ମାତ୍ରାଧିକ ଟଙ୍କା ବିଜେଡ଼ି ସପକ୍ଷରେ ଜମା ହୋଇଛି ବୋଲି ବିଜେପି ଅଭିଯୋଗ ଆଣିବା ସହିତ ଏ ସମ୍ପର୍କରେ ଆୟକର ବିଭାଗ ଓ ନିର୍ବାଚନ କମିଶନରଙ୍କ ନିକଟରେ ଫେରାଦ୍ ହୋଇଛି । ମଜାକଥା ହେଉଛି, ଏହି ସମଗ୍ର ଅଭିଯୋଗର ପୃଷ୍ଠଭୂମି ହେଉଛି ଏକ ଜନସ୍ୱାର୍ଥ ମାମଲା । ଏହି ମାମଲା ଏବେ ଓଡ଼ିଶା ହାଇକୋର୍ଟର ବିଚାରାଧୀନ ରହିଛି । ବିଜେଡ଼ି ପାଣ୍ଠିରେ ଯଦି କିଛି ସମସ୍ୟା ରହିଛି, ତାହା ଅଦାଲତ ବିଚାର କରିବେ । ତା'ସହ ନିର୍ବାଚନ କମିଶନରେ ବିଜେଡ଼ି ପାଣ୍ଠିର ସବିଶେଷ ବିବରଣୀ ଦାଖଲ ହୋଇଛି । ଯେଉଁ ବ୍ୟାଙ୍କ୍ ଆକାଉଣ୍ଟ କଥା କୁହାଯାଉଛି, ତାହା କାଗଜପତ୍ରରେ ରହିଛି । ତା'ର ତଦନ୍ତ ଯେକୌଣସି ମୁହୂର୍ତ୍ତରୁ ହୋଇପାରିବ । ଏବେ କେନ୍ଦ୍ରର ବିଜେପି ସରକାର ସିବିଆଇ, ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନିଜ ଦଳର ଗୁଣ୍ଡାଭାବରେ ବ୍ୟବହାର କରୁଛି । କର୍ଣ୍ଣାଟକରେ କଂଗ୍ରେସ ବିଧାୟକମାନଙ୍କୁ ଭୟଭୀତ କରିବା ପାଇଁ ଯାହା ଚାଲିଛି, ତାହା ସାରା ଦେଶ ଦେଖୁଛି । ସେ ଦୃଷ୍ଟିରୁ ଯଦି ବିଜେଡ଼ି ପାଣ୍ଠିରେ କିଛି ସମସ୍ୟା ରହିଛି, ତା'ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ବିଭାଗମାନଙ୍କୁ କେହି ମନା କରୁନାହିଁ । ହେଲେ ସମ୍ପୃକ୍ତ ସରକାରୀବିଭାଗ ଗୁଡ଼ିକ କିଛି କରୁନଥିବାବେଳେ ବିଜେପି ଏହାକୁ ନେଇ ନିରନ୍ତର ଚାପ ପ୍ରୟୋଗ କରିବା ପଛରେ ଏକ ରାଜନୈତିକ ଷଡଯନ୍ତ୍ରର ଗନ୍ଧ ବାରି ହୋଇ ପଡୁଛି । ଯଦି ବିଜେଡ଼ିର ପାଣ୍ଠିକୁ ନେଇ କିଛି ହାୱାଲା କାରବାର ରହିଛି, ତା'ର ବିଚାର ଉପଯୁକ୍ତ ଅନୁଷ୍ଠାନ କରିବାରେ କୌଣସି ଅସୁବିଧା ନାହିଁ । ହେଲେ ଏ ଦେଶରେ ସବୁ ବିରୋଧୀଦଳଗୁଡ଼ିକ ବେଇମାନ ଓ ବିଜେପି ହିଁ ଏକମାତ୍ର ସ୍ୱଚ୍ଛ ଦଳ ବୋଲି ଯେଉଁ ମିଛ ପ୍ରଚାର ଚାଲିଛି, ତା'ର ବିଚାର ମଧ୍ୟ ହେବା ଜରୁରୀ ।

ଛୋଟ ଛୋଟ ସାମ୍ୟବାଦୀ ଦଳଗୁଡ଼ିକ ଯେମିତି ନିଜର ପାଣ୍ଠି ଲୋକଙ୍କଠାରୁ ସଂଗ୍ରହ କରନ୍ତି, ବଡ଼ ବଡ଼ ଦଳଗୁଡ଼ିକ ସେମିତି କରନ୍ତି କି ! ଏବେ ବିଜେପିର ପାଣ୍ଠି ସମ୍ପର୍କରେ କିଛି ତଥ୍ୟ ଆମେ ରଖିବାକୁ ଚାହୁଁଛୁ । ୨୦୦୧-୦୨ ମସିହା ବେଳକୁ ବିଜେପିର ସମ୍ପତ୍ତି ଥିଲା ୮୧୪୦.୮୭ଲକ୍ଷ । ଏହି ସମ୍ପତ୍ତି ୨୦୧୪-୧୫ ବେଳକୁ ୭୫୯୯୫.୯୭ଲକ୍ଷରେ ପହଞ୍ଚିଛି । ଏହା ପାଖାପାଖି ୯ଗୁଣ ଅଭିବୃଦ୍ଧି । ୧୫ ବର୍ଷ ଭିତରେ ଏତେଗୁଡ଼ାଏ ସମ୍ପତ୍ତି ଗୋଟାଏ ରାଜନୈତିକ ଦଳ କେଉଁ ସୂତ୍ରରୁ ଓ କେମିତି ବଢାଇଲା, ତା'ର ହିସାବ କିଏ ମାଗିବ । ନିର୍ବାଚନ କମିଶନରଙ୍କ ପାଖରେ ଯେଉଁ ରିପୋର୍ଟ ରହିଛି, ସେଥିରୁ ଜଣାପଡୁଛି ଯେ ୨୦୦୧-୦୨ରେ ଦଳର ଆୟ ଥିଲା ୪୪୨୨.୬୨ଲକ୍ଷ । ୨୦୧୪-୧୫ ବେଳକୁ ଏହା ୯୭୦୪୩.୦୩ରେ ପହଞ୍ଚିଛି । ଏ ସମ୍ପର୍କରେ ଅଡ଼ିଟ୍ କରିବ କିଏ ? କେଉଁ ସୂତ୍ରରୁ ଏ ପଇସା ଆସିଛି ? ଆଉ ଏକ ତଥ୍ୟ ଅନୁସାରେ ଗତ ୧୦ ବର୍ଷ ଭିତରେ ୯୩୯୯ ଜଣ ଦାତା ବିଜେପିକୁ ୧୦୦୬କୋଟି ଟଙ୍କା ଚନ୍ଦା ଦେଇଛନ୍ତି । ଅର୍ଥାତ୍ ଜଣପିଛା ୧୦ଲକ୍ଷ ଟଙ୍କାରୁ ଅଧିକ ବିଜେପି ସଂଗ୍ରହ କରିଛି । ଏଥିରୁ ଗୋଟିଏ କଥା କୁହାଯାଇପାରେ ଯେ, ଏହି ୧୦,୦୦୦ ଲୋକ ହିଁ ବିଜେପିର ଆର୍ଥିକ ନିୟନ୍ତ୍ରକ । ଏତେବଡ଼ ଦଳ ଯେଉଁଥିରେ କୋଟି କୋଟି ସଭ୍ୟ ରହିଛନ୍ତି, ସେମାନେ କେହି ଦଳକୁ ଚାନ୍ଦା ଦେଉନାହାଁନ୍ତି । ହେଲେ ଦଳ ଚାଲିଛି, ୧୦ହଜାର ଲୋକଙ୍କ ମୋଟା ଚାନ୍ଦାରେ । ଏକଥା ବିଜେପି ସ୍ୱୀକାର କରିବ କି ? ନିର୍ବାଚନ କମିଶନର ବିଜେପି ତରଫରୁ ୨୦୧୪-୧୫ର ଅଡିଟ୍ ରିପୋର୍ଟ ଦାଖଲ କରି ଏହାର ଅଡିଟର୍ ଅରୁଣ କୁମାର ଜୈନ୍ ଦର୍ଶାଇଛନ୍ତି ଯେ, ଦଳକୁ ଚାନ୍ଦା ବାବଦରେ ୮୭୨୦୨୭୮୬୭୧ଟଙ୍କା ମିଳିଛି । ସେଥିରୁ ପ୍ରତିନିଧିମାନେ ମାତ୍ର ୪୫,୪୫୦ଟଙ୍କା ଦେଇଛନ୍ତି । ଦଳୀୟ ସଭ୍ୟମାନଙ୍କଠାରୁ ମିଳିଛି ମାତ୍ର ୪କୋଟି ୬୦ଲକ୍ଷ ୪୭ହଜାର ୫୭୦ଟଙ୍କା । ପ୍ରାୟ ୫ କୋଟିଟଙ୍କା ବାଦ୍ ଦେଲେ ବାକି ସବୁ ଅର୍ଥ ଆସିଛି ବଡ଼ ଶିଳ୍ପପତି ଓ ବ୍ୟବସାୟୀମାନଙ୍କଠାରୁ । ତେଣୁ ବିଜେପି ନିଜକୁ ସାଧାରଣ କର୍ମୀମାନଙ୍କର ଦଳ ବୋଲି କେଉଁ ନୈତିକ ଅଧିକାରରେ କହିବ । ଏତେ ବଡ଼ ଦଳରେ ଆୟର ସୂତ୍ର ଖୁବ୍ ସଂକ୍ଷିପ୍ତ । ସେହିପରି ବ୍ୟୟ ତାଲିକା ମଧ୍ୟ ବଡ଼ ହାସ୍ୟାସ୍ପଦ । ଉଲ୍ଲେଖିତ ବର୍ଷରେ ଦଳ ୯୪୪୨୨୬୨୩୭୪ ଟଙ୍କା ଖର୍ଚ୍ଚ କରିଛି । ଦଳର ସଭା, ସମିତି, ମୋର୍ଚ୍ଚା ତଥା ପ୍ରଚାର ପାଇଁ ଯେତିକି ଖର୍ଚ୍ଚ ଦେଖାଯାଇଛି, ତା'କୁ ଦେଖିଲେ ଛୋଟପିଲା ମଧ୍ୟ ହସିବ । କେବଳ ଓଡ଼ିଶାରେ ବିଜେପିର କାର୍ଯ୍ୟକାରିଣୀ ବୈଠକ ପାଇଁ ଶତାଧିକ କୋଟି ଟଙ୍କାର ଖର୍ଚ୍ଚ ଜଳଜଳହୋଇ ଆମ ଆଖିକୁ ଦିଶୁଛି । ତେବେ ଏପ୍ରକାର ଖର୍ଚ୍ଚ ନିର୍ବାଚନ କମିଶନର କିମ୍ବା ଆୟକର ବିଭାଗକୁ ଦେଖାଯାଉନାହିଁ । ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ବିଜେପି ନିରନ୍ତର ମିଛ ପ୍ରଚାର କରି ଚାଲିଛି । ସଭ୍ୟ ଦୃଷ୍ଟିରୁ ଏହା ପୃଥିବୀର ସବୁଠୁ ବଡ଼ ରାଜନୈତିକ ଦଳ ବୋଲି କୁହାଯାଉଥିବାବେଳେ ସଭ୍ୟ ଚାନ୍ଦା ସଂଗ୍ରହ କ୍ଷେତ୍ରରେ ଏହା ଏତେ ପଛରେ କାହିଁକି, ସେ ପ୍ରଶ୍ନ ନିର୍ବାଚନ କମିଶନ ପଚାରୁନାହାନ୍ତି କାହିଁକି ?

ଅନ୍ୟ ରାଜନୈତିକଦଳମାନଙ୍କର ପାଣ୍ଠି ବିଷୟରେ ଏବେ ବିଜେପି ଆକ୍ରମକ ଆଭିମୁଖ୍ୟ ଗ୍ରହଣ କରିଛି । ବିଶେଷକରି ବିରୋଧୀଦଳଗୁଡ଼ିକ ବିଜେପିର ରାଜନୈତିକ ଆକ୍ରୋଶର ଶିକାର ହେଉଛନ୍ତି । ବିଜେପି ଆକ୍ରମଣର ଦୁଇଟି ରଣନୀତି ରହିଛି । ପ୍ରଥମେ ଏହା ନିଜ ଅଧୀନରେ ଥିବା ସିବିଆଇ, ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ବିରୋଧୀଙ୍କ ପଛରେ ଲଗାଉଛି । ଦ୍ୱିତୀୟରେ ନିଜ ସପକ୍ଷରେ ଥିବା କିଛି ଗଣମାଧ୍ୟମକୁ ବ୍ୟବହାର କରି ବିରୋଧୀ ଦଳମାନଙ୍କୁ ବଦନାମ କରାଯାଉଛି । ବିଜେଡ଼ି କ୍ଷେତ୍ରରେ ଠିକ୍ ତାହାହିଁ ଘଟିଛି । ବିଜେଡ଼ିର ପାଣ୍ଠିକୁ ନେଇ ପ୍ରଥମେ ଯେଉଁ ଜନସ୍ୱାର୍ଥ ମାମଲା ଦାଏର୍ ହୋଇଥିଲା, ସେଥିରେ ବିଜେପି ପକ୍ଷଭୁକ୍ତ ନଥିଲା, ଆଜି ମଧ୍ୟ ନାହିଁ । ଏହା ଜଣେ ସ୍ୱେଚ୍ଛାସେବୀ କରିଥିଲେ । ତେବେ ଏହି ତଥ୍ୟକୁ ହଠାତ୍ ଏକ ବିଜେପି ସପକ୍ଷବାଦୀ ଇଂରାଜୀ ଚ୍ୟାନେଲ୍‌ରେ ବଡ଼ ସମ୍ବାଦ କରି ପରିବେଷଣ କରାଗଲା । ସମ୍ବାଦ ପ୍ରକାଶ ପାଇବା ପରେ ତା'କୁ ନେଇ ବିଜେପିର ତିନିଥାକିଆ ପ୍ରଚାର ଅଭିଯାନ ଆରମ୍ଭ ହେଲା । ସାମ୍ବାଦିକ ସମ୍ମିଳନୀ, ବିଭିନ୍ନ ଅନୁଷ୍ଠାନରେ ଅଭିଯୋଗ ତଥା ସୋସିଆଲ୍ ମିଡ଼ିଆରେ ଚାପ ପ୍ରୟୋଗ କରିବାର କୌଶଳ ବିଜେପି ଆରମ୍ଭ କଲା । ତେବେ ବିଜେଡ଼ି ନିଜ ପକ୍ଷ ରଖିବା ପାଇଁ ଯାହା ସବୁ କରିବା କଥା କରିଛି, ହେଲେ ଅସଲ କଥାଟି ଏବେବି ଲୁଚିକି ରହିଛି ।

ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ପ୍ରଚାର ପାଇଁ ଗତ ପାଞ୍ଚବର୍ଷ ଭିତରେ କେତେଟଙ୍କା ଖର୍ଚ୍ଚ ହୋଇଛି, ତା'ର ହିସାବ କେଉଁଠୁ ମିଳିବ ? ଗତ ପଞ୍ଚାୟତ ନିର୍ବାଚନ ସମୟରେ ଏକାଧିକ ହେଲିକ୍ୟାପ୍ଟର ବ୍ୟବହାର କରିବା ସହିତ ଯେଉଁ ଆକ୍ରମକ ପ୍ରଚାର ବିଜେପି ତରଫରୁ କରାଯାଇଥିଲା, ସେଥିରେ କେତେଟଙ୍କା ଖର୍ଚ୍ଚ କରାଯାଇଛି, ତା'ର ହିସାବ ରାଜ୍ୟ ନିର୍ବାଚନ କମିଶନରଙ୍କ ପାଖରେ ଦିଆଗଲାଣି କି ? କେନ୍ଦ୍ରରୁ ଯେକୌଣସି ଛୋଟବଡ଼ ମନ୍ତ୍ରୀ ଆସିଲେ, ରାଜଧାନୀରେ ଯେଉଁ ବ୍ୟାପକ ପ୍ରଚାର କରାଯାଉଛି, ସେଥିରେ କାହାର ଟଙ୍କା ଖର୍ଚ୍ଚ ହେଉଛି ? ରାଜଧାନୀରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ସଂସ୍ଥା ଓ ବିଜ୍ଞାପନ ସଂସ୍ଥା ଜରିଆରେ ବିଜେପି କୋଟି କୋଟି ଟଙ୍କାର ବିଜ୍ଞାପନ ଜାରି କରୁଛି । ଏହାର ହିସାବ ଦେବ କିଏ ? ବିଜେପି ସୂତ୍ରରୁ ଆଜି ସାରା ଓଡ଼ିଶାର ଲୋକ ଜାଣନ୍ତି ଯେ, ବିଜେଡ଼ିର ଆକାଉଣ୍ଟ୍ କେଉଁ ବ୍ୟାଙ୍କ୍‌ରେ ରହିଛି ଓ ସେଥିରେ କେତେ ଟଙ୍କା ଜମା ହୋଇଛି । ବ୍ୟାଙ୍କ୍‌ରେ ଥିବା ଟଙ୍କାକୁ ଯେକୌଣସି ମୁହୂର୍ତ୍ତରେ ହିସାବକୁ ଅଣାଯାଇପାରେ ଓ ଏଥିରେ ଯଦି ଅନିୟମିତତା ଥାଏ, ତା'ର ଅନୁସନ୍ଧାନ ହୋଇପାରେ । ତେବେ ଓଡ଼ିଶା ବିଜେପିର ଖାତା କେଉଁ ବ୍ୟାଙ୍କ୍‌ରେ ରହିଛି ଓ ସେଥିରେ କେତେଟଙ୍କା କିଏ ଜମା କରିଛି, ତା'ର ହିସାବ ଜାଣିବାର ଅଧିକାର ଆମର ନାହିଁ କି ?

ବହୁ ପ୍ରଶ୍ନ ରହିଛି, ଯା'ର ଉତ୍ତର ବିଜେପି ଦବା ଉଚିତ୍ । ତେବେ ଏ ପ୍ରଶ୍ନ ବିଜେପିର ବିରୋଧୀ ରାଜନୈତିକ ଦଳଗୁଡ଼ିକ ପଚାରୁ ନାହାନ୍ତି କାହିଁକି ? ବିଜେଡ଼ି ଉପରେ ବିଜେପି ଯେତିକି ଆକ୍ରମକ ଅଭିଯୋଗ ଆଣୁଛି, ବିଜେଡ଼ି ସେତିକି ଚାପିଚୁପି ରହିବାର ଅର୍ଥ କ'ଣ ? ବିଜେପିର ଅଭିଯୋଗକୁ ମୁକାବିଲା କରିବାକୁ ଯାଇ ବିଜେଡ଼ି ରକ୍ଷଣାତ୍ମକ କୌଶଳ ଅବଲମ୍ବନ କରୁଛି । ହେଲେ ବିଜେପିର ଅର୍ଥ ସମ୍ପର୍କରେ ବିଜେଡ଼ି କୌଣସି ପ୍ରଶ୍ନ ନ ପଚାରିବା ପଛରେ ରହସ୍ୟ କ'ଣ ? ବିଜେପିକୁ ଆସୁଥିବା ବ୍ୟାପକ ଟଙ୍କା ବିଷୟରେ କେବଳ ବିଜେଡ଼ି ନୁହଁ, କଂଗ୍ରେସ କିମ୍ବା କମ୍ୟୁନିଷ୍ଟ ଦଳଗୁଡ଼ିକ ମଧ୍ୟ ପ୍ରଶ୍ନ ପଚାରିବାକୁ ସାହସ କରୁନାହାନ୍ତି । କେବଳ ଇଲେକ୍ସନ କମିଶନଙ୍କ ପାଖରେ ଯେତିକି ତଥ୍ୟ ଅଛି, ତା'କୁ ତର୍ଜମା କଲେ, ବିଜେପିର ଆଭ୍ୟନ୍ତରୀଣ ପାଣ୍ଠିକୁ ନେଇ ଅନେକ ପ୍ରଶ୍ନ ପଚରାଯାଇପାରିବ । ହେଲେ ଏଇ ପ୍ରଶ୍ନ ପଚାରିବ କିଏ ? ଚାଲୁଣୀ ଓ ଛୁଞ୍ଚିର ଏହି ବିବାଦରେ ଆମେମାନେ କେବଳ ଜଳକା ହୋଇ ଚାହିଁ ରହିଛୁ ମାତ୍ର ।

*ଫୋନ୍ : ୯୪୩୭୧୫୪୪୪୫*

# ଯୌତୁକ ଯୁଇ ବନାମ୍ ବିବାହ ବେଦୀ



ଅମିନୀଲୁ ରାୟ

ଝିଅଟିଏ ଜନ୍ମ ହେଲେ ପରିବାରରେ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଖେଳିଯାଏ । ସମସ୍ତେ କହନ୍ତି – ଘରକୁ ଏଥର ଲକ୍ଷ୍ମୀ ଆସିଗଲେ । ସମୟ କ୍ରମେ ଝିଅଟି ଯେତେବେଳେ ବଡ ହୋଇ ଷୋଳଟି ଫଗୁଣରେ ପାଦ ଦିଏ , ସେତେବେଳେ ପିତାମାତାଙ୍କ ଚିନ୍ତା ବଢିଯାଏ ତାର ବିବାହ ପ୍ରସଙ୍ଗକୁ ନେଇ । ଉପଯୁକ୍ତ ବରପାତ୍ର ସହ ଯୌତୁକ କଥା ମନକୁ ଆସିଲେ ବାପମାଆଙ୍କ ଆଖିରୁ ନିଦ ହଜିଯାଏ । କଥାରେ ଅଛି : 'ଝିଅ-ଘିଅ' । ତାକୁ ବେଶୀ ଦିନ ଘରେ ରଖିବା ଠିକ୍ ହେବନି । ତେଣୁ ଯେନତେନ ପ୍ରକାରେ ଧାର୍ କରଜ୍ କରି / ଜମିବାଡି ବିକ୍ରୟ କରି / ଘରବାଡି ବ୍ୟାଙ୍କ୍‌ରେ ବନ୍ଧକ ରଖି ଲୋନ୍ ଆଣି କନ୍ୟାଟିକୁ ହାତକୁ ଦି'ହାତ କରିବା ପାଇଁ ତତ୍ପର ହୋଇଉଠନ୍ତି ପରିବାର ସଦସ୍ୟ ।

ଏବେ ବି ଭାରତରେ ତଥା ହିନ୍ଦୁ ସମାଜରେ ବିବାହ ପ୍ରଥା ସହ ଯୌତୁକ ପ୍ରଥା ଅଙ୍ଗାଙ୍ଗୀ ଭାବେ ଜଡିତ । ହିନ୍ଦୁ ଧର୍ମରେ ଥିବା ଅନେକ ସଂପ୍ରଦାୟ ମଧ୍ୟରୁ ଅବଶ୍ୟ ସବୁ ସଂପ୍ରଦାୟରେ ଯୌତୁକ ପ୍ରଥା ନାହିଁ , କାରଣ କେତେକ ସଂପ୍ରଦାୟରେ ବର ପକ୍ଷରୁ କନ୍ୟା ପକ୍ଷକୁ ବିପୁଳ ଅର୍ଥ ମୂଲ୍ୟ ଦେଇ କନ୍ୟା କିଣିବାକୁ ପଡିଥାଏ । କିନ୍ତୁ ଭାରତରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବେଶ ପରେ ହିନ୍ଦୁ ଧର୍ମରେ ବହୁ ସଂପ୍ରଦାୟର ଶିକ୍ଷିତ ଲୋକେ ଯୌତୁକ ଦାବି କଲେଣି । ଯୌତୁକର ପରିମାଣ ଯେ ପର୍ଯ୍ୟନ୍ତ କନ୍ୟା ପିତାର ଇଚ୍ଛା ଓ ଶକ୍ତି ଉପରେ ନିର୍ଭର କରୁଥିଲା ସେ ପର୍ଯ୍ୟନ୍ତ ହିନ୍ଦୁ ସାମାଜିକ ଜୀବନରେ କୌଣସି ଅସୁବିଧା ଦୃଷ୍ଟିଗୋଚର ହେଉ ନଥିଲା । କିନ୍ତୁ ଆଧୁନିକତାର ସ୍ପର୍ଶରେ ସମାଜରେ ବର ପକ୍ଷ ଯେପରି କପୋଳକଳ୍ପିତ ଭାବରେ ଯୌତୁକର ପରିମାଣ ସ୍ଥିର କରି ଯୌତୁକ ଦାବିକରି ବସିଲେଣି , ତାହା ହିଁ ହିନ୍ଦୁ ରାଷ୍ଟ୍ରରେ ଥିବା ହିନ୍ଦୁମାନଙ୍କ ପ୍ରତି ଏକ ବଡ ସମସ୍ୟା ସୃଷ୍ଟି କରିଛି ।

ଅଧୁନା ବିଭିନ୍ନ ପ୍ରକାରର ଖବରକାଗଜ, ଦୂରଦର୍ଶନ, ଚଳଚିତ୍ର ପ୍ରଭୃତିରୁ ଜଣାଯାଏ ଯେ ଉଚ୍ଚ ଶିକ୍ଷିତ ଯୁବକମାନେ ଯେପରି ବହୁ ପରିମାଣରେ ଯୌତୁକ ଦାବି କରୁଛନ୍ତି , ତାହା ଭାବିଲେ ମନରେ ବିସ୍ମୟ ଭାବ ଜାତ ହୁଏ । ଉଦାହରଣ ସ୍ୱରୁପ – ରାସ୍ତା ଖର୍ଚ୍ଚ ପାଇଁ ୫୦ ହଜାର କିମ୍ବା ତଦୁର୍ଦ୍ଧ ଟଙ୍କା ଦାବି କରି ବସୁଛନ୍ତି । ମୋଟର କାର୍‌ଠାରୁ ଆରମ୍ଭ କରି ଆଲ୍‌ମିରା ପର୍ଯ୍ୟନ୍ତ ଶିକ୍ଷିତ ବରମାନଙ୍କର ଦାବି ଫଳରେ କନ୍ୟାପିତାମାନେ କିଛି ଉପାୟ ନପାଇ ମୁଣ୍ଡରେ ହାତ ଦେଇ ବସୁଛନ୍ତି । ଋଣ କରଜ କରି ସର୍ବସ୍ୱାନ୍ତ ହୋଇଯାଉଛନ୍ତି । ସମାଜରେ ବହୁ କନ୍ୟାପିତାଙ୍କ ପକ୍ଷେ କନ୍ୟାକୁ ବିବାହ ଦେବା ଦିନକୁ ଦିନ ଅସମ୍ଭବ ହେଇପଡୁଛି । କେହି କେହି କନ୍ୟାଟିଏ ଜାତ ହେଲେ କନ୍ୟାପିତା ତାକୁ ନିଜ ପ୍ରତି ଏକ ବଡ ଅଭିଶାପ ବୋଲି ମନେ କରୁଛନ୍ତି ।

କେତେକ କ୍ଷେତ୍ରରେ କନ୍ୟାପିତା କୌଣସି ପ୍ରକାରେ ବିପୁଳ ପରିମାଣରେ ଯୌତୁକ ଦେଲେ ମଧ୍ୟ ନିସ୍ତାର ନାହିଁ । କନ୍ୟାପିତାଠାରୁ ଅଧିକରୁ ଅଧିକ ଅର୍ଥ ଶୋଷଣ କରିବା ପାଇଁ ବରପକ୍ଷ ନବବଧୂ ପ୍ରତି ବିଭିନ୍ନ ପ୍ରକାରର ନିର୍ଯ୍ୟାତନା / ଅତ୍ୟାଚାର ଆରମ୍ଭ କରି ଦିଅନ୍ତି । ନବବଧୂ ପ୍ରତି କଠୋର ବାକ୍ୟବାଣଠାରୁ ଆରମ୍ଭ କରି ମାନସିକ ଓ ଶାରୀରିକ କ୍ଲେଶ ପର୍ଯ୍ୟନ୍ତ ପ୍ରୟୋଗ କରନ୍ତି । ଏଭଳି ଘଟଣାରେ ବରଠାରୁ ଆରମ୍ଭ କରି ବରପିତା, ବରମାତା ଓ ବରର ଭଉଣୀ ପର୍ଯ୍ୟନ୍ତ ସଂପୃକ୍ତ ଥିବାର ପ୍ରମାଣ ମିଳିଛି । ଯାହା ଫଳରେ ବହୁ କ୍ଷେତ୍ରରେ ନବବଧୂ ଅନୋନ୍ୟପାୟ ହୋଇ ଶେଷରେ ଆତ୍ମହତ୍ୟା କରିବାକୁ ଶ୍ରେୟସ୍କର ମନେ କରିଥାଆନ୍ତି । ଏହିଭଳି ଆତ୍ମହତ୍ୟାର ବହୁ କରୁଣ କାହାଣୀ ସମ୍ବାଦପତ୍ରରେ ପ୍ରାୟ ଅଧିକାଂଶ ଦିନ ନଜର୍‌କୁ ଆସୁଛି । ସମ୍ବାଦପତ୍ରରେ ପ୍ରକାଶ ପାଇପାରୁ ନଥିବା ଏଭଳି ଘଟଣାବଳୀ ତ ଅସଂଖ୍ୟ । ନବବଧୂ ପ୍ରତି ଏତାଦୃଶ ଅତ୍ୟାଚାର ଯେଉଁମାନେ କରିଥାନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚଶିକ୍ଷିତ । ଏହାଠାରୁ ବଳି ଦୁଃଖ ଓ ନୈରାଶ୍ୟର କଥା ଆଉ ଦୁନିଆରେ ଦ୍ୱିତୀୟ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ହିନ୍ଦୁ ଜାତି ନିଜକୁ ସମସ୍ତଙ୍କଠାରୁ ବିବେକବାନ୍ , ଉଚ୍ଚତର ଓ ଭଗବାନ୍‌ଙ୍କର ଅଧିକ ନିକଟବର୍ତ୍ତୀ ବୋଲି ମନେ କରେ , ସେହି ହିନ୍ଦୁ ଜାତିର ଉଚ୍ଚଶିକ୍ଷିତ ଯୁବକ ଓ ବୃଦ୍ଧମାନେ ଏଭଳି ଜଘନ୍ୟ ଅପରାଧ କରିବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି ।

ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ବରପକ୍ଷର ଯୌତୁକ ଦାବି ଅଯଥାର୍ଥ । କାରଣ ବର ନିଜର ଆବଶ୍ୟକତା ଓ ବଂଶ ରକ୍ଷା ପାଇଁ କନ୍ୟା ଗ୍ରହଣ କରିଥାଏ । କନ୍ୟା ଯେତେବେଳେ ବର ଗୃହକୁ ଆସେ ସେତେବେଳେ ସେ ସେଠାରେ ନାନା ଗୃହ କର୍ମରେ ଶ୍ରମଦାନ କରିଥାଏ । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କୁ ପରିବାର ମଧ୍ୟରେ ଅଧିକ ଶ୍ରମ କରିବାକୁ ପଡିଥାଏ । ଏପରି ସ୍ଥଳେ କନ୍ୟାର ସମସ୍ତ ବ୍ୟୟ ବର ନିଜ ଉପାର୍ଜନରୁ ବହନ କରିବା ନ୍ୟାୟସଂଗତ । ତେଣୁ କନ୍ୟାପିତାଠାରୁ କୌଣସି ଯୌତୁକ ଦାବି କରିବାରେ ଯଥାର୍ଥତା ନାହିଁ । ଏପରି କଠୋର ଯୌତୁକ ପ୍ରଥା ରହିଲେ ବର ନିଜର ଭଉଣୀ ଓ ଝିଅମାନଙ୍କୁ ବିବାହ ଦେଲାବେଳେ ସେହିଭଳି କଠୋର ପରିସ୍ଥିତିର ସମ୍ମୁଖୀନ ହେବ ଏଥିରେ ସଂଦେହ ନାହିଁ । ଏଣୁ ଯୌତୁକ ପ୍ରଥା ଚାଲୁ ରଖିବାର ଆଦଂ ଯଥାର୍ଥତା ନାହିଁ ।

ଯୌତୁକ ପ୍ରଥାର ଜଘନ୍ୟତା ପ୍ରମାଣିତ ହେବା ପରେ ଦେଶରେ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଉକ୍ତ ପ୍ରଥାର ବିଲୋପ କାମନା କରିଛନ୍ତି । ଦେଶର ସମସ୍ତ ବିବେକବାନ୍ ବ୍ୟକ୍ତି ଏହି ପ୍ରଥା ବିରୋଧରେ ଶହସ୍ରଜିହ୍ୱା ହୋଇଉଠିଛନ୍ତି । ସେମାନେ ସମସ୍ତେ ଏକା ସ୍ୱରରେ ଦୃଢ ଦାବି କରୁଛନ୍ତି ଯେ – ଯୌତୁକ ପ୍ରଥାକୁ ଉଠାଇ ଦିଆଯାଉ । ଏହାକୁ ଉଠାଇ ଦେବା ପାଇଁ ଭାରତର କେନ୍ଦ୍ର ଓ ରାଜ୍ୟ ଶାସନ ସଂସ୍ଥା କେତେକ ଆଇନ୍ ପ୍ରଣୟନ କରିଛନ୍ତି । କିନ୍ତୁ ଜନ ସାଧାରଣ ସହଯାଗ ନଦେବା ଫଳରେ ଉକ୍ତ ଆଇନ୍‌ସବୁ କାର୍ଯ୍ୟକାରୀ ହେଇପାରୁ ନାହିଁ । କେତେକ କନ୍ୟାପିତା ବିଭାଗୀୟ ସାହାଯ୍ୟ ନଲୋଡି ବର ପକ୍ଷର ଯୌତୁକ ଦାବିକୁ ମାନିନେଉଛନ୍ତି ଏବଂ ସରକାରଙ୍କ ଅଜଣାରେ ଅତି ଗୁପ୍ତରେ ବରପକ୍ଷକୁ ଯୌତୁକ ଦେଇଆସୁଛନ୍ତି । ଦୃଢ ଜନମତ ସୃଷ୍ଟି ଓ ସଂଗଠନର ଅଭାବରୁ ଏହିଭଳି ଗୁରୁତର ତୃଟି ଓ ଆଇନ୍‌ର ଖିଲାପ ସଂଭବ ହେଉଛି । ତେଣୁ ସରକାରଙ୍କ ଯୌତୁକ ବିରୋଧୀ ଆଇନକୁ ସଫଳ କରିବା ପାଇଁ ନାରୀମାନଙ୍କ ପକ୍ଷରୁ ଗ୍ରାମେ ଗ୍ରାମେ ନାରୀ ସଂଗଠନମାନ ଗଠନ କରାଯିବା ଆବଶ୍ୟକ । ଅବିବାହିତ ଅବିବାହିତା ଯୁବକ ଯୁବତୀମାନେ ଏଥିପ୍ରତି ଦୃଷ୍ଟି ଦେବା ଉଚିତ । କାରଣ ଯୌତୁକ ପ୍ରଥା ଆମ ସମାଜରେ ଏକ ବଡ କଳଙ୍କ । ଏ କଳଙ୍କ ଥିବା ପର୍ଯ୍ୟନ୍ତ ବିଶାଳ ହିନ୍ଦୁ ସମାଜ ମୁଣ୍ଡ ଟେକି ବାଟ ଚାଲି ପାରିବ ନାହିଁ ।

ପୂର୍ବେ ଏଇ ଭାରତରେ ବିଭିନ୍ନ ପ୍ରକାରର କୁସଂସ୍କାର ମୁଣ୍ଡ ଟେକି ଉଠିଥିଲା । ସତୀଦାହ, ନରବଳୀ, ବାଲ୍ୟ ବିବାହ ଆଦି ହିନ୍ଦୁ ସମାଜକୁ କଳଂକିତ କରିଥିଲା । ଭାରତବର୍ଷରେ ଇଂରେଜ ଶାସନ ସମୟରେ ଇଂରେଜ ସରକାର ଏ ଦେଶର ଲୋକମାନଙ୍କର ମତାମତ ନେଇ ଏସବୁ ଜଘନ୍ୟ କୁସଂସ୍କାରର ମୂଳ ଛେଦନ କରିଥିଲେ । ସେ ସମୟରେ ଯୌତୁକ ପ୍ରଥା ଏଭଳି ଉତ୍କଟ ଓ ବ୍ୟାପକ ହୋଇ ନଥିଲା । କିନ୍ତୁ କାଳକ୍ରମେ ବିଶେଷତଃ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ଆଧୁନିକ ଶିକ୍ଷାର ବିସ୍ତାର ଫଳରେ ଯୌତୁକ ପ୍ରଥା ବଡ ଉତ୍କଟ ଓ ବ୍ୟାପକ ରୂପ ନେଇଛି । ଶିକ୍ଷିତ, ସ୍ୱଳ୍ପଶିକ୍ଷିତ ଓ ଉଚ୍ଚଶିକ୍ଷିତ ସମସ୍ତେ ନିଜ ନିଜ ସ୍ତରରେ ପର୍ଯ୍ୟାପ୍ତ ପରିମାଣରେ ଯୌତୁକ ଦାବିକରି ହିନ୍ଦୁ ବିବାହ ନୀତିର ପବିତ୍ରତା ଓ ମର୍ଯ୍ୟାଦା ନଷ୍ଟ କରି ବସୁଛନ୍ତି ଏବଂ ଏଥି ସହିତ ଏକ ବିରାଟ ସାମାଜିକ ସମସ୍ୟା ସୃଷ୍ଟି କରୁଛନ୍ତି । ତେଣୁ ଯୌତୁକ ପ୍ରଥାର ମୂଳୋତ୍ପାଟନ ପାଇଁ ସର୍ବବିଧ ଉଦ୍ୟମକୁ ସ୍ୱାଗତ କରାଯିବା ଉଚିତ୍ ଓ ଯୌତୁକ ପ୍ରଥାର ବିଲୋପ ପାଇଁ ପ୍ରତ୍ୟେକ ବ୍ୟକ୍ତି ସକ୍ରିୟ ସହଯୋଗ ଦେବା ବିଧେୟ ।

**ଜଗତ୍‌ସିଂହପୁର**

*ଫୋନ୍ : ୯୯୩୭୪୧୨୫୧୫*

# ଏବେବି ବଞ୍ଚିଛି ଓଡ଼ିଆ



ପର୍ଶୁରାମ ଦ୍ୱିବେଦୀ

୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ଯେ ହେଉଛି ତା' ପୂର୍ବର ଅବସ୍ଥା ବା ଘଟଣା । ରୋଗ ଶଯ୍ୟାରେ ପଡିଥିବା କୁଳବୃଦ୍ଧ ମଧୁବାବୁ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ରଙ୍କୁ ଡକାଇ କହିଲେ ତୁମେ ଚେଷ୍ଟା ନକଲେ ଜୟପୁର ରାଜ୍ୟ ଯାହାକି ସମ୍ପୂର୍ଣ୍ଣ ଓଡ଼ିଆ ଅଧ୍ୟୁଷିତ ତାହା ଓଡ଼ିଶାରେ ମିଶିପାରିବ ନାହିଁ । କୃଷ୍ଣଚନ୍ଦ୍ର କହିଲେ ଜୟପୁର ରାଜାଙ୍କ ପଲିଟିକାଲ୍ ଏଜେଣ୍ଟ ଥିବା ଆସିଏସ୍ ପିଲୁରେଡି ଏ କାମଟି କରାଇ ଦେଉନି । ତୀକ୍ଷ୍ଣବୁଦ୍ଧି ମଧୁବାବୁ କହିଲେ ତୁମେ ସ୍ୱୀକୃତି ପତ୍ରଟି ଲେଖି ପ୍ରସ୍ତୁତ ରହିବ ଓ ରେଡି ମାଡ୍ରାସ ଯାଇଥିବା ବେଳେ ଯାଇ ଜୟପୁର ରାଜାଙ୍କ ଦସ୍ତଖତ କରାଇ ଆଣିବ । ସେ ପରା ତୁମର ମାମୁଁ । ତୁମେ ଏତିକି କରି ପାରିବନି ? ଠିକ୍ ସେଇଆ ହେଲା । ପିଲୁ ରେଡିଙ୍କ ଅନୁପସ୍ଥିତିରେ କୃଷ୍ଣଚନ୍ଦ୍ର ଜୟପୁର ମହାରାଜାଙ୍କ ସ୍ୱାକ୍ଷର ଆଣିଦେବାରୁ ନୂତନ ଓଡ଼ିଶାର ମାନଚିତ୍ରରେ ଜୟପୁର ସ୍ଥାନିତ ହେଲା । ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଆରମ୍ଭ ହେଲା ଆମ ନେତାଙ୍କ କ୍ଷମତା ଦଖଲ କଳି । ଏହାରି ସୁଯୋଗ ନେଇ ପିଲୁ ରେଡି ମାନ୍ଦ୍ରାଜ ସରକାରଙ୍କ ଠାରୁ ଚିଠିଟିଏ ଲେଖି ଓଡ଼ିଶାକୁ ଲେଖା ପଠାଇଲେ ଯେ ଏସବୁ ଅଞ୍ଚଳକୁ ତୁମର (ଓଡ଼ିଶାର) ପ୍ରଶାସନିକ ଖୋଳ ଭିତରକୁ ଶୀଘ୍ର ନିଅ । ନଚେତ୍ ସେ ଲୋକେ ଅସୁବିଧାରେ ପଡିବେ । ମାତ୍ର ନାଁ ଆମର ନେତା, ନାଁ ପ୍ରଶାସକ ଏକଥା ବୁଝିଲେ । ବରଂ ଏକଥାକୁ ଭୁଲିଗଲେ । ଏହାରି ଫଳରେ ପୁରାତନ ଜୟପୁର ରାଜ୍ୟର ଏକ ବଡ ଅଂଶ ଯାହାକି ଡୁଡୁମା ଜଳପ୍ରପାତ ପାଖରୁ ମାଛକୁଣ୍ଡ ନଈ ପାର ହୋଇ ବିଶାଖାପାଟଣା ପର୍ଯ୍ୟନ୍ତ ଲମ୍ବିଯାଇଛି ତାହା ସେମିତି ରହିଗଲା ଓ ପରେ ଆନ୍ଧ୍ରପ୍ରଦେଶ ଗଠନ ହେବାରୁ ତାହା ଆନ୍ଧ୍ର ପ୍ରଶାସନରେ ମିଶିଗଲା ଯୋଗକୁ ସେହି ମହାତ୍ମା ପିଲୁ ରେଡି ଆନ୍ଧ୍ରର ମୁଖ୍ୟ ଶାସନ ସଚିବ ହେଲେ । ପୁରାତନ ଜୟପୁର ରାଜ୍ୟ ବିଶାଖାପାଟଣା ଯାଏ ଥିଲା । ଏପରିକି ବିଶାଖାପାଟଣାରେ ଜୟପୁର ରାଜାଙ୍କ କଚେରୀ ଥିଲା । ସେହି ଅଞ୍ଚଳର ଲୋକେ ପୁରା ଓଡ଼ିଆ । କାଳକ୍ରମେ ସେମାନେ ଆଦିବାସୀ ଭାଷା, ଓଡ଼ିଆ ଓ ତେଲୁଗୁକୁ ମିଶାଇ ଦେଶିଆ ଓଡ଼ିଆ କହିଲେ । ବୁଢ଼ାମାନେ ଓଡ଼ିଆ ଲେଖି ପଢ଼ି ଓ କହି ପାରୁଥିବା ବେଳେ ଯୁବକମାନେ ଓଡ଼ିଆ କହୁଛନ୍ତି ଓ ପିଲାଏ ତେଲୁଗୁ ବିଦ୍ୟାଳୟରେ ପଢ଼ି ସମ୍ପୂର୍ଣ୍ଣ ତେଲୁଗୁ ହୋଇଗଲେଣି । ତଥାପି ସେଠାରେ ଦେଶିଆ ଓଡ଼ିଆ ପ୍ରଚଳିତ । ଆମ ସାମ୍ବାଦିକ ବନ୍ଧୁମାନଙ୍କୁ ତ ବେଳନାହିଁ, ଜଣେ ଇଂରାଜୀ ପତ୍ରିକାର ସମ୍ବାଦରେ ଅଞ୍ଚଳ ବୁଲି ଏକ ପ୍ରବନ୍ଧ ଲେଖି ଫଟୋ ସହ ପ୍ରକାଶ କରିଲେ ଯେ ଦେଶିଆ ଓଡ଼ିଆ କହୁଥିବା ଏହି ଅଞ୍ଚଳର ଅନେକ ସ୍ଥାନରୁ ଓଡ଼ିଆରେ ଲିଖିତ ଚିକିତ୍ସା ପଦ୍ଧତି ସମ୍ବନ୍ଧୀୟ ପୋଥି ମିଳିଛି । ଏ ସମ୍ବାଦ ପଢ଼ି, ସେ ଅଞ୍ଚଳକୁ ଯାଇ ବୁଲି 'ପୂର୍ଣ୍ଣାଙ୍ଗ ଉତ୍କଳ'ର ଜଣେ ଆଜୀବନ ସଦସ୍ୟ ଶ୍ରୀଯୁକ୍ତ ସୁରେନ୍ଦ୍ର ବେହେରା ଯେକି ଜଣେ ସମ୍ପୂର୍ଣ୍ଣ ଓଡ଼ିଆ ପ୍ରାଣ ସେ ଆମକୁ ବାରମ୍ବାର ଡାକିବାରେ ଆମ ସଭାପତି ଶ୍ରୀଯୁକ୍ତ ସୀତା ବଲ୍ଲଭ ମହାପାତ୍ର ଓ ଲେଖକ ସୁରେନ୍ଦ୍ର ବେହେରାଙ୍କ ସହ ଯାଇ ଦେଖିଲୁ ଯେ ବାବା ଦୟାନିଧି ଦାସ ନାମକ ଜଣେ ମହିମା ସନ୍ୟାସୀ ସେହି ବିରାଟ ଅଞ୍ଚଳ ଯାହା ବଡବଡ ୧୪ ଖଣ୍ଡ ମୌଜା ଓ ସମ୍ପୂର୍ଣ୍ଣ ଦେଶିଆ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ସେଠାରେ ଏବେ ମଧ୍ୟ ଓଡ଼ିଶା ବଞ୍ଚି ରହିଛି । ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ୧୯୯୬ରୁ କାର୍ଯ୍ୟରତ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ସେହି ମହାପୁରୁଷ ମହିମା ବାବା ଦୟାନିଧି ଦାସଙ୍କ ସହାୟତାରେ ୪୦ଟି ସ୍ଥାନରେ ସାମାନ୍ୟ ମାନଧନ, ଅର୍ଥାତ ମାତ୍ର ମାସିକ ୩୦୦ ଟଙ୍କା ତ୍ରିଭାଷୀ କହିଲେ ବର୍ଣ୍ଣବୋଧ ବହି, ସିଲଟ, ଖଡି, ଖାତା ଇତ୍ୟାଦି ଦେଇ ଚାଟଶାଳୀ ଆରମ୍ଭ କରିଛି । ଯେଉଁମାନେ ନିଜର ମାତୃଭାଷାକୁ ଭୁଲି ନଥିଲେ ତାଙ୍କରି ସହାୟତାରେ ଓଡ଼ିଆ ଭାଷା କାର୍ଯ୍ୟକ୍ରମ ଚାଲିଛି । ହେଲେ ଆମର ସମ୍ବଳ ସମ୍ପୂର୍ଣ୍ଣ ସୀମିତ । ସେଥିପାଇଁ ଓଡ଼ିଆପ୍ରେମୀମାନଙ୍କୁ ହାତ ଗଡାଇ ଏକାମ କରାଯାଉଛି । ଆର୍ଥିକ ସହାୟତା ସହ ବର୍ଣ୍ଣବୋଧ ବହି, ତେଲୁଗୁ ଓଡ଼ିଆ ତ୍ରିଭାଷୀ, ସିଲଟ, ଖଡି, ଖାତା, ପେନ୍‌ସିଲ ଇତ୍ୟାଦି ମିଳିଲେ ଏକାମ ଆଗେଇ ପାରିବ । ଆମେ ସେ ରାଜ୍ୟ ଫେରି ନପାଇଲେ ମଧ୍ୟ ଆମ ଭାଷାକୁ ଫେରିପାଇ ପାରିବା ନିଶ୍ଚିତ । ଏ ସମ୍ବନ୍ଧରେ ଆନ୍ଧ୍ର-ଓଡ଼ିଶା, ଭାରତ ସରକାର ଓ ସଂଖ୍ୟାଲଘୁ ଭାଷା କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ୧୯୯୬ରୁ ପୂର୍ଣ୍ଣାଙ୍ଗ ଉତ୍କଳ, ଝାଡଖଣ୍ଡର ଷଢ଼େଇକଳା ଖରସୂଆଁ, ସିଂହଭୂମି ଓ ଛତିଶଗଡ଼ରେ ଚଳାଇଥିବା ଚାଟଶାଳୀ ଗୁଡିକୁ ଉତ୍କଳ ସମ୍ମିଳନୀକୁ ହସ୍ତାନ୍ତର କରିବାରେ ଓଡ଼ିଶା ସରକାରଙ୍କ ଅନୁଦାନରୁ ସେଠାରେ ନିଯୁକ୍ତ ଓଡ଼ିଆ ଶିକ୍ଷକମାନଙ୍କୁ ଆଗରୁ କମ୍ ଥିଲେ ମଧ୍ୟ ଏବେ ମାସିକ ଟ ୩୦୦୦ଙ୍କା ମିଳୁଛି ଓ ଓଡ଼ିଆକୁ ବଞ୍ଚାଇ ରଖାଯାଇ ପାରିଛି । ସେହିପରି ଆନ୍ଧ୍ରରେ ମଧ୍ୟ ବହୁ ପୁରୁଣା ଓଡ଼ିଆ ବିଦ୍ୟାଳୟକୁ ଏ ସାହାଯ୍ୟ ମିଳୁଛି । ତେଣୁ ସେଠାକାର ଆରୁଖ ମଣ୍ଡଳ ଦେଶୀ । ଓଡ଼ିଆ ଅର୍ଥକୁ ଓଡ଼ିଶା ସରକାର ତାଙ୍କର ସହାୟତା ପ୍ରଦାନ କଲେ ସେଠାରେ ଓଡ଼ିଆ ଭାଷାର ପୁନରୁଦ୍ଧାର ସମ୍ଭବ ହୋଇପାରିବ ଓ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳ ଆରମ୍ଭ କରିଥିବା ପ୍ରଚେଷ୍ଟାରେ ସେଠାରେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ସମ୍ଭବ ହେବ । କାରଣ ଏବେବି ସେଠାରେ ଓଡ଼ିଆ ବଞ୍ଚିଛି ।

**ସମ୍ପାଦକ**

**ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନନ୍ୟାସୀ ମଣ୍ଡଳ**

ଫୋନ୍ : ୯୪୩୭୭୬୪୦୮୮

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୩୩)

ଧାରାବାହିକ ଉପନ୍ୟାସ



କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com



ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

ନାକ ଫାଟି ପଡୁଥିବା ଭଣଭଣ ଦୁର୍ଗନ୍ଧ ବାହାରୁଥିଲା ଜଗନ୍ନାଥ ପାଟିରୁ। ଖରା ଶିଝା ତା' ଆଖି ଦୁଇଟା ଦେଖାଯାଉଥିଲା ନାଲି ମନ୍ଦାର ପରି ଲାଲ୍। ସାରା ଦେହ ଝାଳ ସରସର। ଧୂଳି ସରସର। ସେ ଧଇଁସଇଁ ହୋଇ ଯାଉଥିଲା। ଚକ୍ରଧର ପାଖରେ ପହଞ୍ଚି ପଚାରିଲା– "କିଓ ଭାଇ, ଏମିତି ଲୁଚି ଲୁଚି ପଳାଇ ଯାଉଛ କାଇଁକି? ଏମିତି କାମ କ'ଣ ଠିକ୍?"

– "ମୋର ବଡ଼ ଭୁଲ୍‌ଟାଏ ହୋଇଗଲା ଗାଇ!" ଜଗନ୍ନାଥର ହାତ ଧରିପକାଇ ଚକ୍ରଧର କହିଲା ଏବଂ କେମିତି ଏ ଘୋଡ଼ାମଦୁଆ କବଳରୁ ତ୍ରାହି ପାଇବ ସେଇକଥା ଚିନ୍ତା କରି ପୁଣି କହିଲା– "ତୁମର ଡେରି ହେବା ଦେଖି ମୁଁ ଚାଲିଯାଉଥିଲି ଭାଇ! ତୁମ ଭଡ଼ା ଟଙ୍କା କଥା ମୁଁ ପୁରା ଭୁଲି ଯାଇଥିଲି। ସେଠୁ ଏ ଯାତ କେତେ ଟଙ୍କା ଭଡ଼ା, କୁହ! ଶୀଘ୍ର କୁହ ଭାଇ... ମୋର ଡେରି ହୋଇଯାଉଛି ଭାଇ... ମୁଁ ଭାରି ବ୍ୟସ୍ତରେ ଅଛି ଭାଇ.... ମୁଁ ବଡ ଜଞ୍ଜାଳରେ ଅଛି ଭାଇ... ମତେ ଟିକେ ଶୀଘ୍ର ବିଦା କରିଦିଅ ଭାଇ... ମୋ ଉପରେ ଦୟାକର ଭାଇ....।"

"ଟଙ୍କା! କି ଟଙ୍କା?" – ପହଣ୍ଡି ବିଜେ କଲାପରି ଆଗକୁ ପଛକୁ ଟହଲି ଟହଲି ଜଗନ୍ନାଥ ପଚାରିଲା। ତା' ହାତଗୋଡ଼, ମୁଣ୍ଡ କେହି ବି ଆୟତ୍ତରେ ନଥିଲେ ସେତେବେଳେ।

– "ତୁମ ଭଡ଼ା ଟଙ୍କା। ନର୍ସିଂହୋମ୍ ପାଖ ବଜାରରୁ ଏ ଯାଏ!" –ଚକ୍ରଧର ଦଶଟଙ୍କିଆ ନୋଟ୍ ଖଣ୍ଡେ ତା' ଆଡକୁ ବଢ଼ାଇଦେଇ ଏ ବାଜେ ମାମଲାରୁ ମୁକ୍ତ ହେବାକୁ ଚାହୁଁଥିଲା ଯେତେ ଶୀଘ୍ର। ବାସ୍ତବିକ ସେ ଦୂରେଇ ଯିବାକୁ ଚାହୁଁଥିଲା ଏ ମଦୁଆ ରିକ୍ସାବାଲା ନିକଟରୁ। ତାକୁ ଭାରି ଦିକ୍‌ଦାର ଲାଗୁଥିଲା। ଆଉ ମୁହୂର୍ତ୍ତେ ବି ସମୟ କେଉଁଠି ନଷ୍ଟ କରିବାକୁ ତା' ଆତ୍ମା ଚାହୁଁ ନଥିଲା।

ରିକ୍ସାବାଲା ଓରଫ ଜଗନ୍ନାଥ ଠିଆ ହେଲା ଗୋଟେ ଗଛ ଛାଇରେ। ଚକ୍ରଧରର ହାତକୁ ଧରି ସେଠିକୁ ଟାଣି ନେଇ ପ୍ରଳାପ କଲାପରି କହିଲା– "ହେ, ଭାଇ, ଟିକେ ରୁହ...। ମୋ' କଥା ଟିକେ ଶୁଣ! ତୁମେ ମୋ ଭାଇ ନା ନାଇଁ? ସତ କୁହ...।"

– "ହଁ, ହଁ ମୁଁ ତୁମ ଭାଇ!' ଚକ୍ରଧର କହିଲା ଏବଂ ତରତର ହେଲା।

"ତମେ ମୋ ଭାଇ..." – ଜଗନ୍ନାଥ କହିଲା– "ତା' ମାନେ... ମୁଁ ତମ ଭାଇ ... ହେଲି ନା ନାଇଁ? କୁହ ଭାଇ, ହେଲି ନା ନାଇଁ ? ଏ ଭାଇ... ମୁଁ କିଛି ନାକରା କଥା କହୁଚି କି? ତୁମେ ଭାବନି ଯେ ମୁଁ ମଦପିଇ ୟାଡୁସାଡୁ ଗପୁଚି...। ମୁଁ ପରା ହୋସ୍‌ରେ ଅଛି...। ତମେ ମୋ ଭାଇ... ହେଲେ ମୁଁ ତୁମ ଭାଇ ହେଲି ନା ନାଇଁ? କହୁନ କାଇଁକି?

"ହଁ ... ତମେ ମୋ ଭାଇ ପରା!" – ଚକ୍ରଧର ଅ ଥ ୟ ହୋଇପଡୁଥିଲା। ଚକ୍ରଧର ବିରକ୍ତ ହୋଇଯାଉଥିଲା।

"ମୁଁ ତମ ଭାଇ ଟି!" ଖୁସିରେ ତାଳିଟିଏ ମାରି ଜଗନ୍ନାଥ କହିଲା– "ଭାଇଠାରୁ ଭାଇ କ'ଣ ଭଡାଟଙ୍କା ନିଏ? ମୁଁ କ'ଣ ପା..ଆ..ଗ..ଅ..ଳ.. ନା କ'ଣ?

ନିଶାରେ ଏକଦମ୍ ଚୁର ହୋଇଯାଇଥିଲା ଜଗନ୍ନାଥ। ତା'କଥାବାର୍ତ୍ତାରେ ଜମା ତାଳମେଳ ରହୁ ନଥିଲା। ତା'ଚାଲିଚଳନରେ ଜମା ସ୍ଥିରତା ରହୁ ନଥିଲା। ତା'ମୁଣ୍ଡ କି ଗୋଡ଼ କେହି କାହାର ବୋଲ ମାନିବାକୁ ପ୍ରସ୍ତୁତ ନଥିଲେ। ସେ ଲଥ୍‌କରି ସେଇ ଗଛମୂଳରେ ବସି ପଡିଲା ଏବଂ ଭୁଲ୍‌ଟାଏ କରି ପକାଇଲା ପରି ସହସା ଉଠିପଡି ଚକ୍ରଧର ହାତକୁ ଧରି ଟାଣି ବସାଇବାକୁ ଉଦ୍ୟମ କଲା ସେଇ ଗଛମୂଳରେ।

ଅନନ୍ୟୋପାୟ ହୋଇ ଚକ୍ରଧର ବସିପଡିଲା ତା'ପାଖରେ।

ଜଗନ୍ନାଥ ତା'ସାର୍ଟ ପକେଟ୍‌ରୁ ଦି'ଖଣ୍ଡ ବିଡ଼ି ବାହାର କରି ନିଜେ ଖଣ୍ଡେ ନିଆଁ ଧରାଇଲା ଏବଂ ଅନ୍ୟଟିକୁ ଚକ୍ରଧର ଆଡ଼କୁ ବଢ଼ାଇ ଦେଉ ଦେଉ କହିଲା– "ବୁଝିଲ ଭାଇ, ଜୀବନରେ କୁଡ଼ କୁଡ଼ ଟଙ୍କା କମେଇଲାବାଲା ମୁଁ। ସକାଳୁ ଥରେ ରିକ୍ସାଚକ ଗଡ଼ିବା ଆରମ୍ଭ କଲେ ରାତି ବାରଟାଯାଏ ବନ୍ଦ ହୁଏନା ଆଉ! କୋଉଦିନ ଦୁଇଶ' ତ କୋଉଦିନ ଚାରିଶ'। ଦିନେ ଦିନେ ଭଲ ପାଗଯୋଗ ଥିଲେ ପାଞ୍ଚଶ'କୁ ବି ଟପିଯାଏ। ହେଲେ କ'ଣ ହେବ? ଯେତେ କମେଇଲେ ବି ଏ ଶଳା ବାଇଁଚୋତ୍ ନିଶା ସବୁ ଚୋରେଇ ନେଲା। ସବୁ ମାନେ ସବୁ। ଧନ...ଜୀବନ...ଯୌବନ...ସବୁ। ମତେ ପୁରା କାଙ୍ଗାଳ କରି ଛାଡ଼ିଲା...।"

ଦିକ୍‌ଦାର ହୋଇପଡୁଥିଲା ଚକ୍ରଧର। ଆଚ୍ଛା ମଦୁଆ ହାବୁଡରେ ଆସି ପଡିଲା ମଣିଷ! ସକାଳ ସାତଟାଠାରୁ ସେ ବାହାରିଥିଲା ଗାଁ ଅଭିମୁଖେ, ପତିତପାବନ ନର୍ସିଂହୋମ୍‌ରୁ। ଗାଁ ତ ଦୂରର କଥା, ବସ୍‌ଷ୍ଟାଣ୍ଡରେ ମଧ ସେ ପହଞ୍ଚିପାରି ନାଇଁ ଏ ଯାଏ। ଛାଇ ଲେଉଟିବାକୁ ବସିଲାଣି ଆସି। ଏଇଟା ମଣିଷ ନୁହେଁ ତ ଗୋଟେ ଜନ୍ତୁ। ତା'କବଳରୁ ମୁକୁଳିବାକୁ ଯେତେ ଚେଷ୍ଟା କଲେ ମଧ ଲୋକଟା ଆଜେବାଜେ କଥା କହି ତା' ଦେହରେ ଚିପି ହେଇଯାଉଛି। ଅଠା ପରି ଲାଗିଯାଉଛି ଦେହରେ। ସେ ଅଠାକୁ ଘସିମାଜି ଛଡାଇବାକୁ ଯେତେ ଚେଷ୍ଟା କଲେ ମଧ ତାହା ଆହୁରି ଶକ୍ତ ଭାବେ, ନିବିଡ ଭାବେ ଲାଗିଯାଉଛି ସାରା ଦେହରେ। ଲାଗୁଛି, ଲୋକଟା କବଳରୁ ଆଉ ମୁକ୍ତି ନାହିଁ। ଏମିତି ସାରାଜୀବନ ସେ ଥିବ ତା' ସାଙ୍ଗରେ। ତା'ର ଇଚ୍ଛା ଥାଉ ବା ନଥାଉ, ଆତ୍ମା ଚାହୁଁ ବା ନ ଚାହୁଁ, ସେ ଜଗନ୍ନାଥ ସାଙ୍ଗରେ ରହିବାକୁ ବାଧ୍ୟ। ଏଠୁ ଆଉ ନିସ୍ତାର ନାହିଁ। ବାଟ କାଟି କୁଆଡେ ପଳାଇଯିବାର ଉପାୟ ବି ନାହିଁ। ବର୍ତ୍ତମାନ ସବୁ ରାସ୍ତା ବନ୍ଦ।

ଅସହାୟ ହୋଇପଡିଲା ଚକ୍ରଧର। ଉଚ୍ଛୁର ହୋଇଗଲାଣି ବେଳ। ଛାତି ଭିତରେ ଚାପିହୋଇ ରହିଥିବା ଲୁହ, କୋହ ଦୁଃଖ ଅସହାୟତା ସବୁ ଏକାଠି ହୋଇ ଭିଡିମୋଡି ହେବା ଆରମ୍ଭ କଲେଣି। ଏକାବେଳକେ ଏତେ ଅସୁବିଧା! ପୁଣି ତା'ରି କପାଳରେ!! ହେ ଜଗନ୍ନାଥ!!

*କ୍ରମଶଃ...*

## ବିଶେଷ କବିତା

### ରବିସୂତ୍ର

**ଚିନ୍ମୟ ରାୟ**

ରବିକିରଣ ସିନା ଚାରିଦିଗ ଚମକାଏ
ବସ୍ତିର ନୁଆଁଣିଆ ଘରେ ଭରିଥାଏ ଅନ୍ଧାର
ଗୃହିଣୀ ଲତିକା କୁକୁଡ଼ା ଝୋଳ କରିସାରି
ରୁଟି ବେଲୁଛି ଧୀରେ ଧୀରେ
ଗୁଣୁ ଗୁଣେଉଛି ଯାତ୍ରା ସଂଗୀତ (ଯାହା)
ଏଥର ଦେଖିଥିଲା ଖଣ୍ଡଗିରି ମେଳାରେ।

ଲତିକାର ଝିଅ ସୁଷମା : ଷୋଳବର୍ଷର କଇଁଫୁଲ
ଲାଜଲାଜ ଖୁବ୍ ଡଉଲଡାଉଲ
ଦୁନିଆ ଜାଣେ ସେ ପାଇନି ଭଅଁର ପରଶ
ଯେ'ଦିନ ତା'ଭାଇ ଅଛି ବାହାରେ
ବାପା ମା' ହୁକୁମ୍ ପାଇଁ ରହିଛନ୍ତି ଦୂରଗାଁରେ...।

ସେଦିନ ଏସ୍‌ଏମ୍‌ଏସ୍ କରନ୍ତି ରବିଭାଇ
ଯିଏ ଷ୍ଟେସନ ପାଖ କଦଳୀ ଗୋଦାମ ହିସାବ ରଖାଳି
ସଞ୍ଜରେ ପାଇଟି ସାରି ଇଟିମଳା ଫୁଲ ଝୁଲାଏ
ଗଭାରେ
ଅତର ଛିଞ୍ଚେ ସୁଷମା ତା'ର ନୀଳରଙ୍ଗ ଲାଙ୍ଗାରେ...।

ସାରାବସ୍ତି ଘୁମୋଉଥାଏ ଶୀତ ରାତିରେ
ଟୋପିପିନ୍ଧି ବାଡିପଟ ଦେଇ ରବିଭାଇ ଆସନ୍ତି
ଅନ୍ଧାରରେ .... ଧୀରେ ଧୀରେ
ଝାଳରେ ଭିଜିସେ ଯିବା ବେଳେ ହସି କୁହନ୍ତି
ନର୍ସଦିଦିକୁ କହିବୁ ଅସୁବିଧା ହେଲେ
(ତୋତେ) ମଙ୍ଗଳସୂତ୍ର ପିନ୍ଧାଇବି ପହିଲି
ଫଗୁଣରେ...।

ପୁରୁଣା ଭୁବନେଶ୍ୱର
ମୋ : ୯୮୫୩୮୦୬୪୦୩

## କୁନାବାପାଙ୍କ କୁନିକଥା ୧୬

**ସ୍କୁ**ଲରୁ ଫେରି ଜୋତା ଖୋଲୁଖୋଲୁ ଡାକ ପକେଇଲା କୁନା। "ମାମା, ମିସ୍ କାଲି ଫୁଲ ଆଣିବାକୁ କହିଛନ୍ତି"। କୁନାବୋଉ ଠଉରେଇଲେ, ଆସନ୍ତାକାଲି ଗୁରୁଦିବସ। ତେଣୁ ଗୁରୁପୂଜନ ପାଇଁ ଫୁଲର ଆବଶ୍ୟକତା ଥିବ, ହେଲେ ଏଇ ବାରି ମନ୍ଦାର ଟଗରରେ କ'ଣ ଗୁରୁପୂଜା କରିବ କୁନା? କୁନାକୁ ବୁଝେଇ କହିଲେ, ହଉ ପାପା ଆସିଲେ କହିବୁ। କୁନାବୋଉ ନିଜ କାମରେ ବ୍ୟସ୍ତ ରହିଲେ, ଆଉ ବୋଧେ ପିଲାଦିନ ଗୁରୁଦିବସ ପାଳନ କଥା ମନେ ପକାଇଲେ। କୁନାକୁ ମଝିରେ ମଝିରେ ପଚାରୁଥାନ୍ତି, ଖାଲି ଫୁଲ ନା ଆଉକିଛି ଆଣିବାକୁ କହିଛନ୍ତି? କୁନା ଖାଲି ନାହିଁ କହି ନିଜ ଖେଳରେ ବ୍ୟସ୍ତ ରହିଲା।

ସଂଧ୍ୟାରେ କୁନାବାପା ଫେରିଲେ, ଫ୍ରେସ୍ ହୋଇ କୁନାକୁ ଗେହ୍ଲା କରୁଥିଲେ ଓ ଆଜି କଣ ପଢ଼ିଛ ବୋଲି ପଚାରିଲେ। ହୋମଓ୍ୱାର୍କ ହେଇଛି କି ନାହିଁ ଦେଖୁ ଦେଖୁ ନଜର ପଡିଲା ସ୍କୁଲ ଡାଇରି ଉପରେ। ଲେଖା ହୋଇଥିଲା ଧାର୍ଯ୍ୟ ସମୟର ଘଣ୍ଟା ପୂର୍ବରୁ ସ୍କୁଲ ଛୁଟିହେବ, ତା ୦୫।୦୯।୧୭ ରିଖ ଦିନ। କୁନା ସବୁ ସ୍କୁଲ ପାଠ କରିଦେଇଥିଲା, ତେଣୁ ମାମୁଙ୍କ ସାଙ୍ଗରେ ବୁଲି ବାହାରିଲା। କୁନାବୋଉ ଆସି କହିଲେ, କାଲି କୁନା ସ୍କୁଲକୁ ଫୁଲ ନେଇକି ଯିବ, କାଲି ଟିକେ ଅଧିକ ଫୁଲ ଦରକାର, କାଲି ଗୁରୁଦିବସ ଯେ। କୁନାବାପା ହୁଁ କହି ଟିଭି ଖୋଲିଲେ, ହେଲେ କୁନାବୋଉ ନଛୋଡବନ୍ଧା। କହିଲେ, ଆହେ କହୁନ କି ଫୁଲ ନେଇକି ଯିବ? କୁନାବାପା ଅତି ସହଜ ହୋଇ କହିଲେ, କାଲିକଥା କାଲିକି ଦେଖିବା। ରାଜ୍ୟରେ ଗୁରୁଙ୍କ ସ୍ଥିତି ସଙ୍କଟାପନ୍ନ। କାହାକୁ ଗୁରୁ କହିବ? ଶିକ୍ଷା ଗୁରୁ ହେଲେ ଶିକ୍ଷକ। ତାଙ୍କ ଭିତରେ ସରକାର ଭେଦଭାବ ସୃଷ୍ଟି କରିଛନ୍ତି ଯେ, ଅର୍ଦ୍ଧ ସରକାରୀ, ସରକାରୀ, ଏମିତି କେତେ କ'ଣ। ଏଇ କିଛିଦିନ ତଳେ ପନ୍ଦରରୁ ଅଧିକ ଦିନ ଆନ୍ଦୋଳନ କରି, ପୁଣି ଗୋଟେ ନୂଆ ନାଁ, ଗ୍ରାଣ୍ଟ-ଇନ୍-ଏଲ, ଏ ତାଲିକାରେ ମିଶେଇଛନ୍ତି। ଏଇତ ମିଶ୍ରବାବୁଙ୍କ ପୁଅ ପଲେଇବାବୁଙ୍କ ପୁଅକୁ କହୁଥିଲା, ତୋ ବାପା ଗ୍ରାଣ୍ଟ ଟିଚର ମୋ ବାପା ଫୁଲ ଗମେଣ୍ଟ, ଯା ଧାରଣା ସ୍ଥଳକୁ ଖାଇବା ନେଇଯିବୁ। ଶିକ୍ଷକଙ୍କୁ ଜନଗଣନା ଠୁ ଆରମ୍ଭ କରି ଭୋଟ ପରିଚୟପତ୍ର ଓ ଭୋଟ ଗଣନା ସବୁଥିରେ ଖଟେଇବେ, ଆଉ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ କଲେ। ପିଲେ ଏବେ ଶିକ୍ଷକଙ୍କୁ ଡରାଉଛନ୍ତି, ଆମକୁ କିଛି କହିଲେ ସିଧା ଟୋଲ ଫ୍ରି ନମ୍ବରରେ ଫୋନକରି ତମ ଚାକିରୀ ଖାଇଯିବୁ। ବିଚରା ଶିକ୍ଷକ, ପାଠ ପଢ଼େଇବାକୁ ସମୟ କମ୍, ଆଉ ପାଠ ପଢ଼ିବାକୁ ତାଗିଦା କଲେ, ଚାକିରୀ ଯିବା ଭୟ। ଆଉ ଦୀକ୍ଷାଗୁରୁ, ଏବେ ସବୁ ଜେଲରେ। ଦୀକ୍ଷାଦେବା ନା'ରେ ଶିଷ୍ୟାମାନଙ୍କୁ ଶୋଷଣକରି ଜେଲ ଯାଉଛନ୍ତି ଏଇ ମର୍ତ୍ତ୍ୟ ବାବା କମ୍ ଗୁରୁଦେବ ମାନେ। ଲୋକ ବି ଅନ୍ଧ ଭାବରେ ତାଙ୍କ ସେବାରେ ତନ ମନ ଧନ ଲଗେଇ ଦେଉଛନ୍ତି, କିନ୍ତୁ ଜନ୍ମକଲା ବାପା ମାଆଙ୍କୁ ପଚାରୁ ନାହାନ୍ତି। ଆହେ ପିତା ମାତା ପରା ପ୍ରଥମଗୁରୁ। ଆଉ ରହିଲା ଏଇ ଗୁରୁଦିବସ କଥା, ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ନିଜେ ଜଣେ ଶିକ୍ଷକ ଥିଲେ, ତେଣୁ ନିଜ ଜନ୍ମଦିବସକୁ ଶିକ୍ଷକଙ୍କୁ ସମର୍ପିତ କରି କାଳ କାଳକୁ ଅମର ହୋଇ ରହିଛନ୍ତି। ଆଉ କିଛି କହିଥାନ୍ତେ ବୋଧେ କୁନାବାପା, ହେଲେ କୁନାକୁ ନେଇ କୁନାମାମୁଁ ଘରକୁ ପଶିଆସିଲେ, ଆଉ କୁନାକୁ ଘରେଛାଡ଼ି, ତାଙ୍କ ଘରକୁ ଚାଲିଲେ। କୁନାକୁ କୁନାବୋଉ ଶୁଆଇବାକୁ ନେଲେ।

ପରଦିନ ସକାଳେ କୁନାବାପା, କୁନାକୁ ସ୍କୁଲରେ ଛାଡିବାକୁ ଗଲେ। ଗେଟ ମୁହଁରେ କୁନାର ସାଙ୍ଗମାନେ ଗୋଲାପ ଫୁଲତୋଡା ଦେଖି କୁନାକୁ ସାଙ୍ଗରେ ନେଇ ହଳଦିଆ ଗୋଲାପର ତୋଡାଟିଏ ତିନିଗୁଣା ଟଙ୍କାଦେଇ କିଣିଲେ ଓ କୁନାହାତରେ ଦେଇ ସ୍କୁଲରେ ଛାଡି ଆସିଲେ ଆଉ ମନେ ପକାଉଥାନ୍ତି ପିଲାଦିନର ଗୁରୁପୂଜା କଥା।

ସର୍ବେ ଭବନ୍ତୁ ସୁଖୀନଃ।

– ଶାରଦା ପ୍ରସାଦ ମହାପାତ୍ର
ଦୂରଭାଷ : ୯୭୭୮୭୬୭୩୭୪

## ଇନ୍ଦ୍ରଧନୁ

**ମୂଳହିନ୍ଦୀ – ଅବଧେଶ ଶ୍ରୀବାସ୍ତବ**

**ଅନୁବାଦ – ରମେଶ ପାତ୍ର**

**ସେ**ଦିନର ପାଗ ବିଶେଷ ଥଣ୍ଡା ନଥିଲା କିମ୍ବା ବିଶେଷ ଗରମ ଅନୁଭୂତ ହେଉଥିଲା। ମନକୁ ଲୋଭେଇଲା ଭଳି ପାଗ ଥାଏ। କେତେ ବର୍ଷ ଆଗରୁ ବିବେକ ଓ ଏଲିନାର ହୋଲି ପାଇଁ କାର୍ଯ୍ୟକ୍ରମରେ ଏଇ ମନ୍ଦିରରେ ଉପସ୍ଥିତ ଥିଲେ, ଦୁହେଁ ଦୁହିଁଙ୍କୁ ମିଶିଥିଲେ। ଏଗ୍ଲୋଁ ଇଣ୍ଡିଏନ ହୋଇଥିଲେ ମଧ ଏଠିକାର ମହିଳାମାନଙ୍କ ଅନୁରୋଧକ୍ରମେ ସବୁ ଉତ୍ସବରେ ଏଲିନା ଯୋଗ ଦେଉଥିଲେ। ଏଠାରେ ହଠାତ୍ ବିଜୟ ତା' ପାଇଁ ଆକର୍ଷିତ ହେଉଥିଲା। ମନ୍ଦିର ଚାରିପାଖରେ ବହୁତ ଲୋକଙ୍କ ସମାଗମ ଅନେକ ଦର୍ଶକ, ଭକ୍ତ ଜମା ହୋଇ ପଡିଥିଲେ। ମନ୍ଦିରରେ ପରସ୍ପର ଭିତରେ ରଙ୍ଗ ବୋଳାବୋଳି ହେଉଥିଲେ। ଅଚାନକ ବିବେକ ଏଲିନା ପାଖକୁ ଆସି ଏଲିନା ମୁହଁରେ ରଙ୍ଗ ବୋଳି ଦେଇଗଲା। ସହର ବହୁତ ଛୋଟ ଆଉ ସବୁ ସାମାଜିକ କାର୍ଯ୍ୟକ୍ରମ ମନ୍ଦିର, ଚର୍ଚ୍ଚ କିମ୍ବା ମସ୍‌ଜିଦରେ ହେଉଥିଲା। ଚର୍ଚ୍ଚ ପାଖରେ ତିଆରି ହୋଇଥିବା କ୍ୱାର୍ଟରରେ ରହୁଥିବା ଏକ ଫାର୍ଦି ଏଲିନାକୁ ବୁଝାଇଥିଲେ ଯେ ବିବେକ ସହରର ଜଣେ ଜଣାଶୁଣା ଭଦ୍ରଲୋକ, ଠାକୁର ରଘୁବଂଶ ସିଂହଙ୍କ ନାତୀ। ତାଙ୍କର ଜେଜେ ଓ ବାପା ରିଟାଏର୍ଡ ଫୌଜି ଅଫିସର। ତାର' ମଧ ଫୌଜିରେ ଯିବା ଇଚ୍ଛା ଅଛି। ସେଥିପାଇଁ ବିବେକ କୋଚିଂ ଗ୍ରହଣ କରୁଛି।

ମନ୍ଦିର ଓ ଚର୍ଚ୍ଚ ମଧରେ ତିଆରି ହୋଇଥିବା ପାର୍କରେ ଏଲିନା ଆଉ ବିବେକର ଦେଖା ସାକ୍ଷାତ ହୋଇଥିଲା। ବିବେକର ବ୍ୟକ୍ତିତ୍ୱ ଏଲିନାକୁ ଆକର୍ଷିତ କରିଥିଲା। ବିବେକ କହିଥିଲା" ଏଲିନା ମୋର ସ୍ୱପ୍ନ ଯେ ମୁଁ ମଧ ସୈନ୍ୟ ବିଭାଗରେ ଯୋଗଦେଇ ଜେଜେ ଓ ବାପାଙ୍କ ପରି ଦେଶର ସେବା କରିବି। ଏହି ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ମୋର ଜେଜେ ଓ ପିତାଙ୍କ ପାଖରୁ ବହୁତ ପ୍ରେରଣା ମିଳେ। ଯେଉଁମାନେ ସୈନ୍ୟ ବିଭାଗରେ ରହି ନିଜ ଜନ୍ମଭୂମିର ସୁରକ୍ଷା କରୁଥିଲେ ଏବଂ ଦେଶର ସୁରକ୍ଷାରେ ଜୀବନ ବିତାଇଥିଲେ। ବିବେକ ପଚାରିଲା" ତୁମର କ'ଣ ସ୍ୱପ୍ନ ରହିଛି" ଏଲିନା କହିଥିଲା ମୁଁ ପୋଷ୍ଟ ଗ୍ରାଜୁଏଟ୍ କରି କୌଣସି ଗୋଟିଏ କୋର୍ସ କରିବାକୁ ଇଂଲଣ୍ଡ ଚାଲିଯିବି। ଆଉ ଭଲ ଚାକିରୀଟାଏ କରି ସେଠାରେ ବସବାସ କରି ରହିଯିବି। "କ'ଣ ଭାରତରେ ତୁମେ ଖୋଜୁଥିଲାପରି କାମ ଖଣ୍ଡେ ମିଳିବନି?" ନା' ତୁମର ଏ ଦେଶ ପ୍ରତି ଭଲପାଇବା ମନୋଭାବ ନାହିଁ। ହେଲେ ସବୁଠାରୁ ବଡ କଥା ହେଲା ଏଲିନାକୁ ବିବେକ ବହୁତ ଭଲ ପାଇଯାଇଛି। ସେଥିପାଇଁ ତା'ର ମହତ୍ୱକାଂକ୍ଷା ଜାଣିପାରି ତା'ର ମନ ବଡ ବିଚଳିତ ହୋଇପଡିଥିଲା।

ସେମିତି କିଛି କଥା ନୁହେଁ। ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ଭାବେ ସ୍ଥିର କରିନାହିଁ ଯେ ଇଂଲଣ୍ଡ ଯିବି ବୋଲି। ପ୍ରଥମେ ଭଲ ନମ୍ବର ରଖି ସ୍ନାତକଟାଏ ତ ହୋଇଯାଏ କହି ଏଲିନା ବିବେକକୁ ବୁଝେଇବାରେ ଲାଗିଲା। ହେଲେ ବିବେକ କିନ୍ତୁ ଏଲିନାକୁ ନିଜ ପାଖରୁ ଦୂରେଇ ରଖିବାକୁ ଚାହେଁନା। ବିବେକର ମାତୃଭୂମିର ସେବା କରିବା ସ୍ୱପ୍ନ ସାକାର ହୋଇଥିଲା। ବିବେକ ଏନ୍‌ଡିଏ ପାସ୍ କରିଯାଇଥିଲା। ତା'ର ଜେଜେ ଓ ବାପା ସାରା କଲୋନୀ ବୁଲି ମିଠେଇ ବାଣ୍ଟିଥିଲେ। ତାଙ୍କର ସେହି ଠାକୁର ପରିବାରରେ ବିବେକ ପରି ନାତି ଯେ ତାଙ୍କର ଆଶା ପୂରଣ କରିଛି ଏକଥା ସେମାନଙ୍କୁ ବଡ ମୁଗ୍ଧ କରିଥିଲା। ପୁଅକୁ କିପରି ପଗଡି ପିନ୍ଧାଇବେ ତାହା ହିଁ ସ୍ୱପ୍ନଥିଲା। ସେ ବିବେକ ଏଲିନାକୁ ବହୁତ ଭଲ ପାଉଥିଲା ଓ ଆଗାମୀ ଦିନରେ ତାକୁ ବିବାହ କରିବା କଥା ମଧ ମା' ଆଗରେ ପ୍ରକାଶ କରିସାରିଥିଲା। ଏଲିନାର ମା'ଙ୍କ ସହିତ ବିବେକ ତା' ମାଆଙ୍କୁ ଆଗରୁ କଥାବାର୍ତ୍ତା କରାଇ ଦେଇଥିଲା ମା' ଏଲିନା ଓ ବିବେକକୁ ବୁଝାଇବାକୁ ଚେଷ୍ଟା କରୁଥିଲେ। ସେମାନଙ୍କ ବିବାହ କେବେ ହୋଇପାରିବନାହିଁ। କାରଣ ଏହି ବିବାହକୁ ବିବେକର ବାପା ଓ ଜେଜେ କେବେବି ସ୍ୱୀକୃତି ଦେବେନାହିଁ।

ଦିନେ ଏଲିନାର କେଶ ଦେଖି ବିବେକ କହିଥିଲା "କାନ୍ଧ ପର୍ଯ୍ୟନ୍ତ କେଶରେ ଏଲିନା ତୁମେ କେତେ ସୁନ୍ଦର ଦେଖାଯାଉଛ। ତୁମର ସେହି ହ୍ରଦ ପରି ଆଖି ଦୁଇଟିରେ ସବୁ ସମୟରେ ବୁଡି ରହିବାକୁ ଇଚ୍ଛାହୁଏ।" "ହେଲେ ମୁଁ ଭାବୁଛି ବିଦେଶ ଯାଇ ଭାରତୀୟ ପରିଧାନ ପିନ୍ଧି ପ୍ରବାସୀ ଭାରତୀୟର ଭିନ୍ନ ପରିଚୟ ବଢ଼ାଇବି ଓ କେଶ ବଢ଼ାଇବି"। ବିବେକ ତାକୁ ଅବାକ ହୋଇ ଚାହିଁ ରହିଗଲା। ଏଲିନା କେତେ ଥର ତା' ମନକୁ ବୁଝାଇବାକୁ ଚାହିଁଛି। ବିବେକ କିନ୍ତୁ ବୁଝିପାରିନି। ବିବେକର ବାପା ଓ ଜେଜେଙ୍କ ସ୍ୱପ୍ନ ଥିଲା ବିବେକ ଦେଶର ଫୌଜରେ କାମ କରି ଦେଶକୁ ସୁରକ୍ଷା ଦେବ। ଆଉ ସେ ଭଲ ପାଉଥିବା ଝିଅଟିକୁ ବିବାହ କରିନେଉ। ସେ ମଧ ନିଜେ ବିଦେଶ ଯିବାର ସ୍ୱପ୍ନ ଦେଖୁଥିଲା। ସେ ଯଦି ବିଦେଶ ଚାଲିଯିବ, ବିବେକର ପରିବାରର ସ୍ୱପ୍ନ ସୁଧାରିଯିବ। ହେଲେ ଏଲିନା ବିବେକର ଭାବନାକୁ କ୍ଷତି ପହଞ୍ଚାଇବାକୁ ଚାହେଁନା। ବିବେକକୁ ମଧ ସେ ବୁଝେଇବାକୁ ଚେଷ୍ଟା କରିଥିଲା। ପରେ ବିବେକ କହିଥିଲା କ'ଣ ଆମର କୌଣସି ସ୍ୱପ୍ନ ହୋଇପାରିବ ନାହିଁ। ତା'ର ହୋଲି ଜଳାଇବା ଚାହୁଁଚ ତ! ଏଥିରେ ଦୁଇଟି ଜୀବନ ନଷ୍ଟ ହୋଇଯିବ। ପିଲାଙ୍କର ମନୋଭାବକୁ ମଧ ବଡମାନେ ଚିନ୍ତା କରିବା କଥା।

ଏଥିରେ ଏଲିନା କହିଥିଲା "ଏବେ ତ ଆମ ଭଲପାଇବା ସେଠାରେ ଅଛି, ଯେଉଁଠାରେ କୌଣସି ସମାଜ ଧର୍ମ ନାହିଁ। ହେଲେ ଏଥିରେ ଆଗକୁ ବଢ଼ିଲେ ସମାଜରେ ରହିବା ପାଇଁ କିଛି ସର୍ତ୍ତ ରହିବ। ଜାତି ଧର୍ମ ବିବାଦ ଲୋକମାନେ ଠିଆ କରାଇବେ। ବିବେକ ପ୍ରତିବାଦ କଲା। ଏହିକଥା ଦୁର୍ବଳ ହୃଦୟର ଲୋକମାନେ କରନ୍ତି। ପ୍ରେମର ଫୁଲ ତୋଡା ପ୍ରତ୍ୟେକ ଜାତି, ଧର୍ମ ଆଉ ସମୁଦାୟର ଫୁଲ ଖେଳୁଅଛି ଆଉ ବିଭିନ୍ନ ସଂସ୍କୃତିର ସମାଗମ ହୋଇଥାଏ। ମୋବାଇଲର ଘଣ୍ଟି ବାଜିବା ପରେ ଏଲିନାର ସ୍ମୃତି ଭାଙ୍ଗିବାରେ ଲାଗିଲା। ଆଉ ସେ ବର୍ତ୍ତମାନକୁ ଆସିଲା। ଫୋନ୍ ତା'ର ଉଚ୍ଚ ଆଶାର ଥିଲା। ଯାହାର ଆଗ୍ରହରେ ଗତବର୍ଷ ସେ ମନ୍ଦିରର ହୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲା। ବିବେକର ମଧ ଫୋନ ଆସିଥିଲା। ସେ ମଧ ହୋଲିରେ ଘରକୁ ଯିବା ପାଇଁ ଓ ଉତ୍ସବରେ ମିଳିବା ପାଇଁ କୁହହିଥିଲା। ସେ ସାମଞ୍ଜସ୍ୟରେ ଥିଲା ଯେ ସେ ମନ୍ଦିର ଯାଇ ପାରିବ ନା ନ ଯାଇପାରିବ।

କାରଣ ସେ ଚାହୁଁନଥିଲା ଯେ ପରିବାରରେ କୌଣସି ଅଶାନ୍ତି କରି କୌଣସି ନିର୍ଣ୍ଣୟ ନେବ। ତା ସାଙ୍ଗ ଆଶା ଆସିବା ପରେ ସେ (ଏଲିନା) ତାର ଜିଦ୍ ଆଗରେ ନା କରିପାରିଲା ନାହିଁ। ପରେ ସେ ନିର୍ଣ୍ଣୟ ନେଲା ଯେ ସେ ମନ୍ଦିର ସେହିବାଟେ ଯିବନାହିଁ। ଯେଉଁଠାରେ ଉତ୍ସବ ହେଉଛି। ସେହି ସାମ୍‌ନା ପାର୍କ ଆସିବାକୁ ବିବେକକୁ କହିବାକୁ ଚେଷ୍ଟା କରିବ। ଏଲିନା ତାର ମୋବାଇଲ ସ୍ୱିଚ୍ ଅଫ୍ କରି ରଖିଦେଲା। ଆଉ ଆଶା ସାଥିରେ ପାର୍କ ଆଡେ ଚାଲିଲା ଏବଂ ଦେଖିଲା ଯେଉଁଠି ସେ ବିବେକ ସାଥିରେ ବେଞ୍ଚରେ ବସି କଥା ହେଉଥିଲେ ସେଠାରେ କେହି ଜଣେ ଆଗରୁ ବସିଛି। ଆଶା! ସେଠାରେ ଆଉଜଣେ କେହିଅଛନ୍ତି, ଆମେ ଆଉ ଗୋଟାଏ ବେଞ୍ଚରେ ବସିବା। ଏଲିନା ମଧ ଶୀଘ୍ର ଗଲା। ଆଶା କହିଲା, ଚାଲ ସେହି ପଛ ବେଞ୍ଚରେ କିଏ ବସିଛି ଦେଖିବା। ସେହି ବେଞ୍ଚରେ ଆଉ କିଏ ନୁହେଁ ହେଲେ ବିବେକ ମୁଣ୍ଡ ନୁଆଇଁ ବସିଥିଲା। ଫୌଜି ପୋଷାକରେ ସେ ସେଦିନ ଆହୁରି ହେଣ୍ଡସମ ଦେଖାଯାଉଥିଲା। ଏଲିନା ଭାବିଲା ବିବେକ ଦୁଃଖ କରୁଛି ଆଉ ରଙ୍ଗ ଆଣି ତା' ମୁହଁରେ ସତେ ଯେମିତି ବୋଳୁଛି। ତା'ଭିତରେ କେତେଥର ସେ ବୁଲାବୁଲି ମଧ କରିଛି। ରଙ୍ଗ ଖେଳ ଆରମ୍ଭ ହେଲା। ଏଲିନା ବିବେକର ସୌମ୍ୟ ଚେହେରାକୁ ନିରଖାଇଲା– କହିଲା ତୁମ କେଶ ତ ବହୁତ ଛୋଟ ହୋଇଯାଇଛି। ତୁମେ ଯେଉଁ ଲମ୍ବା କେଶ ରଖିବାକୁ ଚାହୁଁଥିଲ, ହଁ ମୁଁ ଭାବିଲି କଣ୍ଟ୍ରାଷ୍ଟ ଠିକ୍ ନ ରହିବ। ତା'ପରେ ଆମର ମନ୍ଦିରରେ ସମସ୍ତେ ଅପେକ୍ଷା କରିଥିବେ, ଚାଲ ଯିବା। କିଏ ଅପେକ୍ଷା କରିଥିବ? ଏଲିନା ପ୍ରଶ୍ନ ବାଣ ସ୍ୱରରେ ବିବେକକୁ ଚାହିଁଲା। ଆରେ ସମସ୍ତେ ଆମର। ମନ୍ଦିରରେ ସମସ୍ତେ ଅପେକ୍ଷାରେ ପୂଜା ଆରମ୍ଭ ହେଲାଣି ବୋଧେ। ସତକୁ ସତ ଉତ୍ସବ ଆରମ୍ଭ ହୋଇସାରିଥିଲା। ସମସ୍ତଙ୍କ ମନରେ ଉତ୍ସାହ ଭରି ଯାଇଥିଲା। ଜଣେ ଅନ୍ୟ ଜଣକ ଉପରେ ରଙ୍ଗ ବୋଳୁଥିଲେ। ମନ୍ଦିରର ଗୋଟାଏ ପାର୍ଶ୍ୱରେ ବିବେକ ଏଲିନାକୁ ନେଇଗଲେ। ସେ ମମ୍ମିକୁ ଦେଖି ଭୟଭୀତ ହୋଇପଡିଲା, କାରଣ ସେ ତାକୁ କେତେଥର ବିବେକଠାରୁ ଦୂରରେ ରହିବାକୁ ବୁଝାଇଥିଲେ।





## ଝଙ୍କଡ ଶାରଳାଙ୍କ ଶାରଦୀୟ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ

**ତିର୍ତ୍ତୋଲ :** ଚଳିତ ବର୍ଷ ଓଡିଶାର ପ୍ରସିଦ୍ଧ ବାଣୀକ୍ଷେତ୍ର ଝଙ୍କଡର ଅଧିଷ୍ଠାତ୍ରୀ ମା ଶାରଳା ଠାକୁରାଣୀଙ୍କର ସାର୍ବଜନୀନ ଶାରଦୀୟ ପାର୍ବଣ ପୂଜା ଉପଲକ୍ଷେ ଶାରଳା ମନ୍ଦିର ପରିସରସ୍ଥିତ ସଭାଗୃହରେ ଜଗତସିଂହପୁର ଉପଜିଲ୍ଲାପାଳ ତଥା ଶାରଳା ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଭାଷ ଚନ୍ଦ୍ର ନାଥଶର୍ମାଙ୍କ ସଭାପତିତ୍ୱରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ସେପଟେମ୍ବର ୧୩ତାରିଖ ମୂଳାଷ୍ଟମୀ ଠାରୁ ସେପଟମ୍ବର ୨୭ତାରିଖ ମହାଷ୍ଟମୀ ପର୍ଯ୍ୟନ୍ତ ମା ଶାରଳାଙ୍କର ଶାରଦୀୟ ପାର୍ବଣ ପୂଜା ପାଳନ ନିମନ୍ତେ ଭିନ୍ନଭିନ୍ନ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା । ବୈଦିକ ବିଧି ବିଧାନରେ ଓ ଶାନ୍ତି ଶୃଙ୍ଖଳା ପବିତ୍ରତାର ସହିତ ଏହି ପାର୍ବଣ ପୂଜା ପାଳନ ନିମନ୍ତେ ଶ୍ରଦ୍ଧାଳୁ ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ, ମାଙ୍କ ଯଥାବିଧି ପୂଜାର୍ଚ୍ଚନା, ସମୁହଚଣ୍ଡୀପାଠ, ବିଶ୍ୱଶାନ୍ତି ଯଜ୍ଞ, ପ୍ରତ୍ୟେହ ରାତ୍ର ୧୦ଟା ବେଳେ ସମ୍ପୂର୍ଣ୍ଣ ସୁନାବେଶ, ୨୫-୨୬-୨୭ ଷଷ୍ଠୀ, ସପ୍ତମୀ ଓ ମହାଷ୍ଟମୀ ଉପଲକ୍ଷେ ସନ୍ଧ୍ୟାରେ ମହିଷାମର୍ଦ୍ଦିନୀ ବେଶ, ସେପଟେମ୍ବର ୫ତାରିଖ ନବମୀଦିନଠାରୁ ପ୍ରତ୍ୟେହ ରାତ୍ରରେ ନଗରଭ୍ରମଣ ଓ ଦାଣ୍ଡଯାତ୍ରାକୁ ପାଳନ କରିବା ପାଇଁ ପ୍ରସ୍ତାନ ଗୃହୀତ ହୋଇଥିଲା । ମନ୍ଦିର ପ୍ରଶାସନକୁ ସକ୍ରିୟ କରିବା ନିମନ୍ତେ ଶାରଳାମନ୍ଦିର ପରିଚାଳନା ସମିତି ଗଠନ, ହସ୍ତପାଦପ୍ରକ୍ଷାଳନ ଓ ହାଇମାକ୍ସଲାଇଟଗୁଡିକ କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ସର୍ବସାଧାରଣଙ୍କ ଦାବୀ ଉପରେ ଆଲୋଚନା ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ତିର୍ତ୍ତୋଲ ତହସିଲଦାର ରଞ୍ଜନ କୁମାର ପରିଡା, ଶାରଳା ଠାକୁରାଣୀଙ୍କ ବଡପଣ୍ଡା ପ୍ରଜ୍ଞାଦୀପ୍ତ ପଣ୍ଡା, ପରିଛାପଣ୍ଡିତ ସୁଦାମ ଚରଣ ପଣ୍ଡାଙ୍କ ସମେତ ସେବାୟତ ମାନଙ୍କର ପ୍ରତିନିଧି ସର୍ବଶ୍ରୀ ରମାକାନ୍ତ ରାଉଳ, କ୍ଷୀରୋଦ କୁମାର ରାଉଳ, ଲକ୍ଷ୍ମୀଧର ମହାପାତ୍ର, ସଚିଦାନନ୍ଦ ନାୟକ, ନୃସିଂହ ଚରଣ ରାଉଳ, ଜ୍ୟୋତିଷ ନିରଞ୍ଜନ ନାୟକ ସମେତ ସ୍ଥାନୀୟ ଅଧିବାସୀମାନେ ନିଜ ନିଜର ସୁଚୀତ ମତାମତା ପ୍ରଦାନ କରିଥିବା ଜଣାପଡିଛି ।

### ତହସିଲଦାରଙ୍କୁ କଡ଼ା ତାଗିଦ

# ନିର୍ଦ୍ଧାରିତ ଅବଧିରେ ସେବା ନଦେଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ଲୋକଙ୍କୁ ନିର୍ଦ୍ଧାରିତ ସମୟରେ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ଓଡ଼ିଶା ଜନସେବା ଅଧିକାର ନିୟମକୁ ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକ ଖୋଲାଖୋଲି ଉଲ୍ଲଘଂନ କରୁଛନ୍ତି । ଆବାସିକ ଓ ଆୟ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଜମିଜମା ମ୍ୟୁଟେସନ୍, ଜମିର କିସମ ପରିବର୍ତ୍ତନ ଆଦି ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ସମୟସୀମାକୁ ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକ ଗୁରୁତ୍ୱ ଦେଉନଥିବାରୁ ଏବେ ରାଜ୍ୟରେ ମୋଟ ୩୦ହଜାରରୁ ଊର୍ଦ୍ଧ୍ୱ ଆବେଦନ ପଡ଼ିରହିଛି । ଏହାକୁ ନେଇ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ସଚିବ ସିଏସ୍ କୁମାର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଦାୟିତ୍ୱ ଖିଲାପୀ ଅଫିସର୍‌ମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ଜନସେବା ଅଧିକାର ଆଇନ-୨୦୧୨ ଅନୁସାରେ ଆବେଦନ ମିଳିବାର ସର୍ବାଧିକ ୧୫ଦିନ ମଧ୍ୟରେ ଆବାସିକ ଓ ଆୟ ପ୍ରମାଣପତ୍ର, ମାସକ ମଧ୍ୟରେ ଜାତିଗତ ପ୍ରମାଣପତ୍ର ଓ ଲିଗାଲ୍ ଏୟାର୍, ୩ମାସ ମଧ୍ୟରେ ମ୍ୟୁଟେସନ୍ ମାମଲା ଓ ୨ମାସ ମଧ୍ୟରେ ଜମିର କିସମ ପରିବର୍ତ୍ତନ ପ୍ରସଙ୍ଗରେ ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକ ଚୂଡ଼ାନ୍ତ ନିଷ୍ପତ୍ତି ନେବା କଥା । କିନ୍ତୁ ଏବେ ଏହାକୁ ରାଜସ୍ୱ କାର୍ଯ୍ୟାଳୟର ଅଫିସର୍ ଯଥା- ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକମାନେ ଗୁରୁତ୍ୱ ଦେଉ ନଥିବାରୁ ଏଭଳି ଆବେଦନ ଦୀର୍ଘମାସ ଧରି ପଡ଼ିରହୁଛି । ଯେଉଁଥିପାଇଁ ଓଡ଼ିଶା ଜନସେବା ଅଧିକାର ଆଇନ ଏବେ ଲକ୍ଷ୍ୟଭ୍ରଷ୍ଟ ହୋଇଛି । ଏପରିକି ଏହି ବକେୟା ଆବେଦନକୁ ନେଇ ଭୂଲେଖ ଆପ୍ଲିକେସନ୍‌ର ତଥ୍ୟ ଓ ଓଡ଼ିଶା ଜନସେବା ଅଧିକାର ଆଇନରେ ମିଳିଥିବା ତଥ୍ୟ ମଧ୍ୟ ମେଳ ଖାଉନି । ଶ୍ରୀ କୁମାର ଏହି ଆଇନରେ ମିଳୁଥିବା ସେବାର ଅଗ୍ରଗତି ନିୟମିତ ସମୀକ୍ଷା ନିମନ୍ତେ ଜିଲ୍ଲାପାଳମାନଙ୍କୁ ତାଗିଦ୍ କରିଛନ୍ତି । ମୁଖ୍ୟ ସଚିବ କହିଛନ୍ତି ଯେ ଏହି ସେବାଗୁଡ଼ିକ ଲୋକମାନଙ୍କୁ ନିର୍ଦ୍ଧାରିତ ଅବଧିରେ ମିଳୁନଥିବାରୁ ତା'ର ପ୍ରଭାବ ତୃଣମୂଳସ୍ତରରେ ଅନୁଭୂତ ହେଉଛି ଓ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । କ୍ଷେତ୍ର ପରିଦର୍ଶନରେ ଯାଉଥିବା ବିଭାଗର ବରିଷ୍ଠ ଅଧିକାରୀମାନେ ଏବେ ବହୁ ପରିମାଣର ମାମଲା ପଡ଼ିରହିଥିବା ଜାଣିବାକୁ ପାଇଛନ୍ତି । ଏସବୁକୁ ଅକ୍ଟୋବର ୩୦ତାରିଖ ସୁଦ୍ଧା ସମାଧାନ ପାଇଁ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ତଥ୍ୟ ଅନୁସାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୭୯୭୨ଟି ଆବେଦନ, ଖୋର୍ଦ୍ଧା ଜିଲ୍ଲାରେ ୪୯୯୬ଟି, ପୁରୀରେ ୩୧୨୩ଟି, ସମ୍ବଲପୁରରେ ୨୧୪୭ଟି, ବରଗଡ଼ରେ ୧୩୬୫ଟି, ଭଦ୍ରକରେ ୧୪୬୨ଟି ଓ କଟକରେ ୧୭୬୫ଟି ଆବେଦନ ପଡ଼ିରହିଛି । କେବଳ ଝାରସୁଗୁଡ଼ା ଜିଲ୍ଲାରେ କୌଣସି ଆବେଦନ ବକେୟା ରହିନାହିଁ । ଯଦି କୌଣସି ଅଫିସର୍ ନିଜସ୍ତରରେ ଏହି ଆବେଦନକୁ ଅଣଦେଖା କରନ୍ତି ଓ ନିର୍ଦ୍ଧାରିତ ଅବଧିରେ ସେବା ଯୋଗାଇବାରେ ବିଫଳ ହୁଅନ୍ତି, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ପାରାଦୀପ ତୈଳ ବିଶୋଧନାଗାରରେ ଶ୍ରମିକ ମୃତ୍ୟୁ ଘଟଣା

# କ୍ଷତିପୂରଣକୁ ନେଇ ରାଜନୀତି ବଢୁଛି

**ପାରାଦୀପ :** ପାରାଦୀପ ତୈଳ ବିଶୋଧନାଗାରରେ ଏକ ବିଦେଶୀ କମ୍ପାନୀରେ କାମ କରୁଥିବା ଠିକା ଶ୍ରମିକ ସନ୍ତୋଷ ସାହୁ (୩୦)ଙ୍କ ଅସ୍ୱାଭାବିକ ଘଟଣାକୁ ନେଇ ବିଜେପି କର୍ମୀମାନେ ଅଧିକାର ସାବ୍ୟସ୍ତ ପାଇଁ ଶବ ରାଜନୀତି କରୁଥିବାର ଦେଖିବାକୁ ମିଳିଛି । ଗୋଟିଏ ପଟେ ଶବ ସଢୁଥିଲା ବେଳେ ଅପର ପଟେ ତୈଳ ବିଶୋଧନାଗାରରେ ଉତ୍ତେଜନା ବଢିବାରେ ଲାଗିଛି । ସୂଚନା ଥାଉକି ତୈଳବିଶୋଧନାଗାରରେ ପ୍ରଚଣ୍ଡ ରୌଦ୍ରତାପରେ କାର୍ଯ୍ୟରତ ଜଣେ ଶ୍ରମିକର ହଠାତ୍ ମୃତ୍ୟୁ ହୋଇଯାଇଥିଲା । ଖବରରୁ ପ୍ରକାଶଯେ ସ୍ଥାନୀୟ କୁଜଙ୍ଗ ବ୍ଲକ୍ ଅନ୍ତରର୍ଗତ ଗଣ୍ଡିକିପୁର ନିକଟସ୍ଥ କାବଲପୁର ଗ୍ରାମର ସନ୍ତୋଷ ସାହୁ ବିଶୋଧନାଗାରରେ କାର୍ଯ୍ୟକରୁଥିବା ପୁଞ୍ଜଲଏଡ୍ କମ୍ପାନୀରେ ଠିକାଶ୍ରମିକ ଭାବେ କାର୍ଯ୍ୟକରନ୍ତି । କାର୍ଯ୍ୟକରୁଥିବା ସମୟରେ ହଠାତ୍ ସନ୍ତୋଷ ଅସୁସ୍ଥ ହୋଇପଡି ଅଚେତ ହୋଇଯାଇଥିଲେ । କମ୍ପାନୀର ଆଶୁଚିକିତ୍ସା ତାଲିମ ପାଇଥିବା କର୍ମଚାରୀ ସନ୍ତୋଷକୁ ଏକ ଔଷଧ ସେବନ କରିବାକୁ ଦେଇଥିଲେ । ଔଷଧ ଖାଇବାପରେ ସ୍ୱାସ୍ଥ୍ୟରେ ଉନ୍ନତି ପରିବର୍ତ୍ତେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବିଜୁ ମେମୋରିୟାଲ ଚିକିତ୍ସାଳୟକୁ ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ସେଠାରେ ଉପସ୍ଥିତ ଥିବା କିଛି ଶ୍ରମିକ ଅଭିଯୋଗ କରିଛନ୍ତି ଯେ କମ୍ପାନୀର ଆମ୍ବୁଲାନ୍ସ ସେବା ଥିଲେ ମଧ୍ୟ ଘଣ୍ଟାଏ ବିଳମ୍ବ ହେବାରୁ ସେହିଠାରେ ହିଁ ସନ୍ତୋଷର ମୃତ୍ୟୁ ହୋଇଥିଲା । ତେବେ କିଛି ସାଥି ଶ୍ରମିକ କ୍ୟାମ୍ପର ଏକ ଗାଡିରେ ସନ୍ତୋଷଙ୍କୁ ଆଣି ଡାକ୍ତରଖାନାରେ



ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଏତେ ରୌଦ୍ରତାପରେ ସାଧାରଣ ଲୋକେ ବାହାରକୁ ବାହାରି ପାରୁନଥିଲାବେଳେ କମ୍ପାନୀ କିପରି ଶ୍ରମିକମାନଙ୍କୁ ଏହି ତୈଳବିଶୋଧନାଗାରରେ କାର୍ଯ୍ୟକରାଉଛନ୍ତି ତାହା ଏଠାରେ ବିସ୍ମୟ ସୃଷ୍ଟିକରିଛି । ସରକାରଙ୍କର ଶ୍ରମିକ ସୁରକ୍ଷା ଆଇନ୍ ଓ ନିୟମକୁ ପୁଞ୍ଜଲଏଡ୍ କମ୍ପାନୀ କର୍ତ୍ତୃପକ୍ଷ ଖୋଲାଖୋଲିଭାବେ ଉଲଂଘନ କରୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ତେବେ ଏହି ଦୃଘଟଣା ପରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକାରୀଣି ସଦସ୍ୟ ଗତିକୃଷ୍ଣ ଶତପଥି ପ୍ରଥମେ ପହଞ୍ଚି ସ୍ଥାନୀୟ ଗାଁ ଲୋକଙ୍କ ସହ ମିଶି ବିଶୋଧନାଗାର ମୁଖ୍ୟ ଫାଟକ ସମ୍ମୁଖରେ କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ । ଅନ୍ୟପକ୍ଷରେ ଏହି ଘଟଣାରେ ବିଜେପିର ସ୍ଥାନୀୟ ଯୁବନେତା ସମ୍ପଦ ସ୍ୱାଇଁ ଓ ପ୍ରକାଶ ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମୃତକଙ୍କ ପରିବାରକୁ କ୍ଷେତିପୂରଣ ଅନୁକମ୍ପାରାଶି ଦାବି ପରିବର୍ତ୍ତେ ପିଜେପିର ୨ନେତୃତ୍ୱଙ୍କ ଛାୟା ଯୁଦ୍ଧ ଭିନ୍ନ ପରିବେଶ ସୃଷ୍ଟି କରିଥିଲା । ଫଳରେ ସେହି ଅଞ୍ଚଳରେ ଶବ ରାଜନୀତି ଏବେ ଜୋର ଧରିଛି । ସ୍ମରଣ ଥାଉକି ମୃତକଙ୍କ ଗ୍ରାମ କାବଲପୁର୍ ଗଣ୍ଡିକିପୁର ପଞ୍ଚାୟତରେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିଙ୍କ ବିଜୟ ହୋଇଥିଲା । ଏବଂ ଉକ୍ତ ସରପଞ୍ଚ ଗତିକୃଷ୍ଣଙ୍କର ସମର୍ଥକ ବୋଲି ଜଣାଯାଏ । ଏହି ଘଟଣାରେ ଦୁଇ ବିଜେପି ନେତାଙ୍କ ଲଢେଇରେ ଆଇଓସିଏଲ ଓ ପୋଲିସ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି । ତେବେ ଅପରାହ୍ନରେ ଆଇଓସିଏଲ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନାପରେ ପ୍ରତିଶ୍ରୁତି ମିଳିଲାପରେ ଧାରଣା ପ୍ରତ୍ୟାହୃତ ହୋଇଥିବାର ଖବର ମିଳିଛି ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**କେନ୍ଦୁଝର :** କେନ୍ଦୁଝର ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡ଼ା ଗ୍ରାମର ଗୁରୁଚରଣ ନାଏକ ନିଜ ଗ୍ରାମ ନିକଟ ଜଙ୍ଗଲରେ ଟସର ଚାଷ କରିଥିବା କାମ ଦେଖି ଫେରୁଥିବା ବେଳେ ଏକ ମାଈଭାଲୁ ଓ ତାର ଦୁଇଛୁଆ ଏକତ୍ରିତ ହୋଇ ଗୁରୁଚରଣଙ୍କୁ ଆକ୍ରମଣ କରିବାରୁ ତାଙ୍କର ଡାହାଣ ଗୋଡରୁ ଏକ ମାଂସପିଣ୍ଡୁଳା କାଢ଼ି ନେବାରୁ ସେ ଅତି ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି । କିନ୍ତୁ ପରିତାପର ବିଷୟ ଏହିପରି ପ୍ରତିଦିନ ଘଟଣା ଘଟୁଥିଲେ ମଧ୍ୟ ବନ ବିଭାଗ କର୍ମଚାରୀଙ୍କ ଦେଖା ମିଳୁନି । ନିୟମ ଅନୁଯାୟୀ ଭାଲୁ କାମୁଡିବା ଓ ଅନ୍ୟ ବନ୍ୟଜନ୍ତୁ କାମୁଡିଲେ କିମ୍ବା କ୍ଷୟକ୍ଷତି କଲେ ପ୍ରଶାସନ ତରଫରୁ ସାହାଯ୍ୟ କରିବା କଥା । କିନ୍ତୁ ଏଠାରେ କୌଣସି ବନ ବିଭାଗ କର୍ମଚାରମାନଙ୍କର ଦେଖା ମିଳିନଥାଏ ।

## ଜିଇସି ଛାତ୍ର ଆନ୍ଦୋଳନ ସ୍ଥଗିତ

**କେନ୍ଦୁଝର :** କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରେ ସ୍ଥାୟୀ ଅଧ୍ୟାପକ ଅଭାବ ନେଇ ଗତ ୩୦ ତାରିଖରୁ ଚାଲିଥିବା ଛାତ୍ର ଆନ୍ଦୋଳନ ସ୍ଥଗିତ ରଖାଯାଇଛି । ଘଟଣାରୁ ପ୍ରକାଶ ଯେ, ଗତ ୩୦ ତାରିଖରୁ ଛାତ୍ରଛାତ୍ରୀମାନେ କଲେଜରେ ତାଲା ପକାଇ ଆନ୍ଦୋଳନ ଚଳାଇଥିଲେ । ସୂଚନା ପାଇ ବିଭାଗୀୟ ସଚିବ ଅଜୟ କୁମାର ନାୟକ କଲେଜକୁ ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାସତ୍ତ୍ୱେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ଜାରି ରଖିଥିଲେ । ତେବେ ଏହାକୁ ଅନ୍ୟଏକ ଛାତ୍ରଗୋଷ୍ଠୀ ବିରୋଧ କରିବା ସହିତ କଲେଜରୁ ତାଲା ଖୋଲିବା ପାଇଁ ଦାବି କରିଥିଲେ । ଆଗକୁ ପରୀକ୍ଷା ଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହି ଆନ୍ଦୋଳନକୁ ବନ୍ଦ କରିବାକୁ କହିଥିଲେ । ଏଥିସହ କେନ୍ଦୁଝର ଜିଲ୍ଲାପାଳ ଡା.ଏନ୍ ତିରୁମାଲା ନାଏକଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ । ଫଳରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା ପାଇଁ ଉପଜିଲ୍ଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନା ଅଧିକାରୀ ଶୁଭ୍ରାଂଶୁ ମିଶ୍ର କଲେଜକୁ ଯାଇଥିଲେ । ସେହିପରି ଛାତ୍ରମାନଙ୍କର ଏକ ପ୍ରତିନିଧି ଦଳ କେନ୍ଦୁଝର ଏସ୍‌ପି ରାଜେଶ ପଣ୍ଡିତଙ୍କ ସହିତ ଆଲୋଚନା କରିଥିଲେ । ପ୍ରଶାସନ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ପାଇଁ ପଦକ୍ଷେପ ନେଇଥିବାରୁ ଆନ୍ଦୋଳନରୁ ଓହରି ଯିବା ପାଇଁ ଏସ୍‌ପି ଶ୍ରୀ ପଣ୍ଡିତ କହିଥିଲେ । ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ ।

## ବଜ୍ରପାତରେ ଜଣେ ଗୁରୁତର

**କେନ୍ଦୁଝର :** କେନ୍ଦୁଝର ସଦର ଥାନା ନେଲୁଙ୍ଗ ଗ୍ରାମ ନିକଟରେ ବଜ୍ରପାତରେ ଜଣେ ଗୁରୁତର ଆହତ ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଆମ୍ବୁଆପଶି ଗ୍ରାମର ରତ୍ନାକର ନାଏକ ନେଲୁଙ୍ଗରେ ଥିବା ତାଙ୍କ ଚାଷ ଜମିକୁ ଯାଇଥିଲେ । ଏହି ସମୟରେ ବଜ୍ରପାତ ହୋଇଥିଲା । ଏଥିରେ ସେ ଆହତ ହୋଇଥିଲେ । ଖବର ପାଇ ତାଙ୍କ ପରିବାର ଲୋକେ ସଙ୍ଗେ ସଙ୍ଗେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ନେଇଯାଇଥିଲେ । ବର୍ତ୍ତମାନ ତାଙ୍କ ଅବସ୍ଥା ଭଲଥିବା ଜଣାପଡିଛି ।

# ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ୧୬ ହଜାର ସ୍କୁଲରେ ନାହିଁ ଘର

**ଭୁବନେଶ୍ୱର :** ଓଡ଼ିଶାର ୧୬ ହଜାର ସ୍କୁଲରେ ନାହିଁ ରୋଷେଇ ଘର । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆରମ୍ଭ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି ରୋଷେଇ ଘର ନିର୍ମାଣ ହୋଇ ନ ପାରିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ । ଡ଼ିସେମ୍ବର ମଧ୍ୟରେ ରୋଷେଇ ଘର ନିର୍ମାଣ ଶେଷ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ବିଡ଼ମ୍ବନା ହେଉଛି ଯେଉଁଠି ଗତ ୨୦୦୬ରୁ ଆଗୁଆ ଅନୁଦାନ ଦିଆଯାଇଥିବା ସତ୍ତ୍ୱେ ରୋଷେଇ ଘର ନିର୍ମାଣ ସରିଲା ନାହିଁ, ସେଠି ମାତ୍ର ୪ ମାସ ମଧ୍ୟରେ ଏହି ନିର୍ମାଣ କିପରି ସରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସଚିବାଳୟରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍କୁଲ ଓ ଅଙ୍ଗନବାଡ଼ି ରୋଷେଇ ଘର ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ରଞ୍ଜନା ଚୋପ୍ରା ରାଜ୍ୟରେ ୫୮ହଜାର ୨୧୪ଟି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁଥିବା ଏବଂ ଏଥିରେ ପ୍ରାୟ ୪୭ ଲକ୍ଷ ଛାତ୍ରୀଛାତ୍ରୀ ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ଦେଇଛନ୍ତି । ଶ୍ରୀମତୀ ଚୋପ୍ରା ବୈଠକରେ ଦେଇଥିବା ସୂଚନା ଅନୁସାରେ

## ଡିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ

ରାଜ୍ୟରେ ୪୨ ହଜାରରୁ ଅଧିକ ବିଦ୍ୟାଳୟରେ ପକ୍କା ରୋଷେଇଘର ନିର୍ମାଣ ସରିଛି ଏବଂ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି । ଅବଶିଷ୍ଟ ପ୍ରାୟ ୧୬ ହଜାର ପାଖାପାଖି ବିଦ୍ୟାଳୟରେ ନୂତନ ରୋଷେଇଘର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ପ୍ରତି ରୋଷେଇଘର ନିର୍ମାଣ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା ଯୋଗାଇ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି । ଏହା ସହ ରୋଷେଇ ଘରର ପ୍ଲାନ ଓ ଡିଜାଇନ, ପାଣିର ଉତ୍ସ ଏବଂ ଏହାର ସଠିକ ବିନିଯୋଗ ନେଇ ନିର୍ଦ୍ଧାରିତ ନିୟମାବଳୀ ଜିଲା ଓ ବ୍ଲକଗୁଡ଼ିକୁ ପଠାଯାଇଥିବା ସେ କହିଛନ୍ତି । ସେହିପରି ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବଦାନ୍ୟ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଉଥବା କେନ୍ଦ୍ରୀୟ ରେଷେଇଘର ମାଧ୍ୟମରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଅଧିକ ସଂଗଠିତ ଏବଂ ସଂପ୍ରସାରିତ କରିବା ଉପରେ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି । କେନ୍ଦ୍ରୀୟ ରୋଷେଇ ମାଧ୍ୟମରେ ମଧ୍ୟାହ୍ନ ଭୋଜନ ଯୋଗାଣ ବାବଦରେ ନିଷ୍ପତ୍ତି ନେବା ବେଳେ ସଂପୃକ୍ତ ରୋଷେଇଶାଳ ଠାରୁ ବିଦ୍ୟାଳୟର ଦୂରତା, ବିଦ୍ୟାଳୟକୁ ଯିବା ପାଇଁ ଥିବା ରାସ୍ତା, ରୋଷେଇ ସ୍ଥାନରୁ ବିଦ୍ୟାଳୟରେ ପହଞ୍ଚିବାକୁ ଲାଗୁ ଥିବା ସମୟ, ପିଲାମାନଙ୍କୁ ତାଜା ଖାଦ୍ୟ ପରିବେଷଣ ଆଦି ଉପରେ ଦୃଷ୍ଟି ଦେବା ସହ କୌଣସି ସଂସ୍ଥାକୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରିବା ପୂର୍ବରୁ ସେମାନଙ୍କ ଆର୍ଥିକ ବିଶ୍ୱସନୀୟତା ଏବଂ ଅନୁଭୂତି ଆଦିକୁ ସଠିକ ଭାବେ ତନଖି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପ୍ରତି ପ୍ରାୟ ୭ଟି କେନ୍ଦ୍ରୀୟ ରୋଷେଇଶାଳ ନିର୍ମାଣ ସଂସ୍ଥା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ମଧ୍ୟାହ୍ନ ଭୋଜନ ପାଇଁ କରାଯାଇଥିବା ବ୍ୟୟବରାଦ ସହ ଏହି ସଂସ୍ଥାଗୁଡ଼ିକ ନିଜସ୍ୱ ପାଣ୍ଠିରୁ ଆଂଶିକ ଅର୍ଥ ବିନିଯୋଗ କରି ପିଲାଙ୍କ ନିମନ୍ତେ ସୁଷମ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ୩ଲକ୍ଷ ୨୬ ହଜାରରୁ ଅଧିକ ଛାତଛାତ୍ରୀଙ୍କୁ ଏହି ବ୍ୟବସ୍ଥା ମାଧ୍ୟମରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ।

## ହାତୀ ଆକ୍ରମଣରେ ସୁରକ୍ଷାକର୍ମୀ ମୃତ

**ଝୁମ୍ପୁରା :** ବାରିଆ ଜଙ୍ଗଲରେ ହାତୀ ଆକ୍ରମଣରେ ଆହତ ବ୍ୟାଙ୍କ ସୁରକ୍ଷାକର୍ମୀ ବାଇଧର ଦେହୁରୀଙ୍କର ମୃତ୍ୟୁ ହୋଇଯାଇଛି । ଘଟଣାରୁ ପ୍ରକାଶ ଯେ, ବାରିଆ ଜଙ୍ଗଲରେ ୨୩ଟି ହାତୀ ଆସିଥିବାର ଶୁଣି ବାଇଧର ବ୍ୟାଙ୍କ କାମ ସାରି ସଂଧ୍ୟା ୫ଟା ବେଳେ ସେଠାକୁ ଯାଇଥିଲେ । ସେଠାରେ ଏକ ଦନ୍ତାହାତୀ ତାଙ୍କୁ ଦଳି ପକାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଫଷରଷ୍ଟ ଗାଡିରେ ପ୍ରଥମେ କେନ୍ଦୁଝର ଡାକ୍ତରଖାନା ଓ ପରେ କଟକ ବଡଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବାଇଧର ଜଣେ ଅବସରପ୍ରାପ୍ତ ସୈନିକ ଥିଲେ । ଅବସର ପରେ ସେ ଉଖୁଣ୍ଡା ଷ୍ଟେଟବ୍ୟାଙ୍କରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ମୃତ୍ୟୁରେ ଉଖୁଣ୍ଡା ଓ ତୁରୁମୁଙ୍ଗା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

# ଆଧାର ସଂଯୋଗକୁ ଡରୁଛନ୍ତି ଶିକ୍ଷକ

**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଆଧାରକାର୍ଡ ସଂଯୋଗ କରିବାପାଇଁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ତାଗିଦ ଆସୁଛି । ଉଦ୍ଦେଶ୍ୟ ରହିଛି ଛାତ୍ରଛାତ୍ରୀଙ୍କ ବାସ୍ତବ ରିପୋର୍ଟ ଅନୁଯାୟୀ କେନ୍ଦ୍ରୀୟ ଯୋଜନା ପ୍ରସ୍ତୁତ କରାଯିବ । ମାତ୍ର ଏହାକୁ ରାଜ୍ୟରେ ଜାଣିଶୁଣି ଶିକ୍ଷକ ଓ ଶିକ୍ଷା ଅଧିକାରୀମାନେ ବିଳମ୍ବ କରୁଛନ୍ତି । ଯଦି ବାସ୍ତବ ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଯିବ ତେବେ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଛାତ୍ରଛାତ୍ରୀଙ୍କ ମିଥ୍ୟା ଉପସ୍ଥାପନ ଦର୍ଶାଇ ଆତ୍ମସାତ୍ କରିହେବ ନାହିଁ । ଏହାକୁ ନେଇ ଶିକ୍ଷକ ଓ ଶିକ୍ଷା ଅଧିକାରୀମାନେ ତ୍ରିଶଙ୍କୁ ଅବସ୍ଥାରେ ପଡିଥିବାବେଳେ ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେଉଛି । ଛାତ୍ରଛାତ୍ରୀଙ୍କୁ ତୁରନ୍ତ ଆଧାରକାର୍ଡ ସଂଯୋଗ କରିବାପାଇଁ ବିଭାଗ ପକ୍ଷରୁ ବାରମ୍ବାର ବୈଠକ ବସିବା ସହିତ ବିଭାଗୀୟ ସଚିବ କଡ଼ା ନିର୍ଦ୍ଦେଶ ଜାରି କରୁଛନ୍ତି । ହେଲେ ଆଧାରକାର୍ଡ ସଂଯୋଗ ଅବଧି ଇତିମଧ୍ୟରେ ତିନିଥର ଗଡି ଗଲାଣି । ଏହାପଛରେ ରହିଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା । କାଳେ ସବୁ ଛାତ୍ରଛାତ୍ରୀଙ୍କୁ ଆଧାରକାର୍ଡ ସଂଯୋଗ କରିଦେଲେ ଆଉ ଯୋଜନା ବାବଦ ଅର୍ଥକୁ ଆତ୍ମସାତ୍ କରିହେବ ନାହିଁ ସେହି ଭୟରେ ଏବେ ସବୁ ଜିଲାରେ ଶିକ୍ଷକମାନେ ଏହାକୁ କରାଇ ନଦେବାପାଇଁ ଏକ ପ୍ରକାର ଅଲିଖିତ ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଜୁଲାଇ ଓ ଅଗଷ୍ଟରେ ବିଭାଗୀୟ ସଚିବ ଓ ଓପେପା ନିର୍ଦ୍ଦେଶକ ଭିଡ଼ିଓ କନଫରେନ୍ସିଂ ଜରିଆରେ ସବୁ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ



ଦେଇଥିଲେ ହେଁ ପ୍ରକ୍ରିୟା ଆଗକୁ ବଢୁନାହିଁ । ସୂଚନା ଅନୁଯାୟୀ ସରକାରଙ୍କ ଫର୍ମ ଅନୁଯାୟୀ ଯଦି ଛାତ୍ରଛାତ୍ରୀଙ୍କୁ ଆଧାରକାର୍ଡ ସଂଯୋଗ କରାଯିବ । ପ୍ରାଥମିକ ପର୍ଯ୍ୟାୟରେ ବିଶ୍ୱସ୍ତରରୁ ମିଳିଥିବା ସୂଚନା ଅନୁଯାୟୀ ବ୍ଲକସ୍ତରରେ ୨ରୁ ୩ହଜାର ଛଦ୍ମବେଶୀ ଛାତ୍ରଛାତ୍ରୀ ବାହାରୁଛନ୍ତି । ଏହି ହିସାବକୁ ନେଲେ ପ୍ରତି ଜିଲାରେ ଅତି କମ୍‌ରେ ୩୦ ହଜାରରୁ ଅଧିକ ଛଦ୍ମବେଶୀ ଛାତ୍ରଛାତ୍ରୀ ବାଦ୍ ପଡ଼ିବେ । ତେବେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାପାଇଁ ବଜେଟ୍‌ରେ ସିଂହଭାଗ ଅର୍ଥ ବରାଦ୍ କରାଯାଉଛି । ନିର୍ଦ୍ଦେଶ ରହୁଛି ଯେ ଯୋଜନାକୁ ସିଧାସଳଖ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା । ଯୋଜନା ଅନୁଯାୟୀ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ଦିଆଯିବା ସହିତ ସାଇକଲ, ମଧ୍ୟାହ୍ନଭୋଜନ ଓ ବୃତ୍ତି ଭଳି ପ୍ରୋତ୍ସାହନ ଦେବାର ମଧ୍ୟ ବ୍ୟବସ୍ଥା ରହୁଛି । ହେଲେ ଏହି ଅର୍ଥକୁ ଠିକଣା ବାଟରେ ଲଗାଇବା ପରିବର୍ତ୍ତେ ଦୁରୁପଯୋଗ କରାଯାଉଥିବାରୁ ଯୋଜନାର ସଫଳତା ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିପାରୁ ନାହିଁ । ସରକାରୀ ଅର୍ଥ ହରିଲୁଟ୍ ହୋଇ ଚାଲିଛି । କେଉଁଠି ଗୋଟିଏ ପିଲାକୁ ନେଇ ଦୁଇଦୁଇଟି ବିଦ୍ୟାଳୟରେ ଉପସ୍ଥାନ ଦେଖାଯାଇ ଛଦ୍ମ ବିଦ୍ୟାର୍ଥୀ ସୃଷ୍ଟି କରାଯାଇ ଯୋଜନାକୁ ବାଟମାରଣା କରାଯାଉଛି ତ ଆଉ କେଉଁଠି ବିନା ବିଦ୍ୟାର୍ଥୀରେ ବିଦ୍ୟାଳୟ ଚାଲୁଛି । ଦୀର୍ଘବର୍ଷ ଧରି ଏଭଳି ହରିଲୁଟ୍ ଚାଲିଥିଲେ ହେଁ ଅଧିକାରୀଙ୍କ ଦୃଷ୍ଟି ପଡୁ ନଥିଲା । ଏବେ ଆଧାରକାର୍ଡ ସଂଯୋଗ ସବୁ ଗୁମରକୁ ଖୋଲି ଦେବ । ତେବେ ଏହାକୁ କିଭଳି ରୋକାଯାଇ ପାରିବ ସେଥିପାଇଁ ଶିକ୍ଷକମାନେ କସରତ ଆରମ୍ଭ କରି ଦେଇଛନ୍ତି । କେତେକ ଜିଲାରେ ମିଥ୍ୟା ରିପୋର୍ଟ ଦେଇ ସରକାରଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ ହୋଇଛି । ନିକଟରେ ଓପେପା ପକ୍ଷରୁ ଭିଡିଓ କନଫରେନ୍ସିଂ ବେଳେ ପୁରୀ ଜିଲାରେ ଏଭଳି ତ୍ରୁଟିକୁ ନେଇ ପ୍ରଶ୍ନ ଉଠିଛି । ଯଦି ବାସ୍ତବରେ ଛାତ୍ରଛାତ୍ରୀଙ୍କୁ ଆଧାରକାର୍ଡ ସଂଯୋଗ କରାଯାଏ ତେବେ ଅତିକମ୍‌ରେ ୧୦ଲକ୍ଷ ଛାତ୍ରଛାତ୍ରୀ କମିଯିବେ ବୋଲି ବିଭାଗର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ।

# ପବିତ୍ର ହ୍ରଦ




ପ୍ରକୃତିର ରହସ୍ୟମୟ ରୂପ। ଯେଉଁ ଆଡେ ଚାହିଁଲେ ସେପଟେ ରହସ୍ୟମୟ ଉପାଦାନର ଉପସ୍ଥିତି। ଜଳ, ସ୍ଥଳ ଓ ଆକାଶରେ ସତେ ଯେମିତି ଭରି ରହିଛି ଅନେକ ରହସ୍ୟ। ଆଉ ଯୁଗଯୁଗ ଧରି ମଣିଷ ଏହି ରହସ୍ୟମୟ ଉପାଦାନର ଖିଅ ଖୋଜିବାରେ ବ୍ୟସ୍ତ। ଅନେକ କ୍ଷେତ୍ରରେ ମଣିଷ ବିଜ୍ଞାନର ସହଯୋଗରେ ରହସ୍ୟର ଖିଅକୁ ଉନ୍ମୋଚନ କରିଥିଲେ ମଧ୍ୟ ଆହୁରି ଅନେକ ରହସ୍ୟ ଏବେବି ରହିଛି ଅଡୁଆ ହୋଇ। ଏପରି ଏକ ରହସ୍ୟ ଯାହା ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ। ବ୍ରିଟିଶ କଲମ୍ବିଆ କାନାଡରେ ରହିଛି ଏକ ହ୍ରଦ। ଯାହାକୁ କୁହାଯାଏ ସ୍ପଟେଡ ଲେକ୍। ଏହି ହ୍ରଦ ପାଖକୁ ଗଲେ ଆପଣ ଦେଖିପାରିବେ ହ୍ରଦ ଜଳରେ ରହିଛି ଅନେକ ଦାଗ। ସେଥିପାଇଁ ତା'ର ନାମ ରଖାଯାଇଛି ସ୍ପଟେଡ୍ ଲେକ୍। ସାଧାରଣ ମଣିଷର ମନରେ ଏହାକୁ ନେଇ ପ୍ରଶ୍ନ ଆସିବା ସ୍ୱାଭାବିକ। କାରଣ ଆମେ ସମସ୍ତେ ଜାଣିଛେ ଜଳ ହେଉଛି ସ୍ୱଚ୍ଛ। ତେବେ ଏହି ହ୍ରଦର ଜଳରେ ଏମିତି ଦାଗ ଦେଖାଯାଉଛି କେମିତି ? ଓସୟୁସ୍ ସହର ନିକଟରେ ରହିଛି ଏହି ହ୍ରଦ। ଗ୍ରୀଷ୍ମ ଋତୁରେ ହ୍ରଦର ଜଳ ସାମାନ୍ୟ ଶୁଖିଯିବା ପରେ ଏହି ହ୍ରଦରେ ଏପରି ଦାଗ ଦେଖିବାକୁ ମିଳିଥାଏ। ଆଉ ଏହି ଦାଗ ବିଭିନ୍ନ ବର୍ଣ୍ଣର ମଧ୍ୟ ଦେଖାଯାଏ। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଏହି ହ୍ରଦକୁ ନେଇ ଚର୍ଚ୍ଚା ମଧ୍ୟ ହୋଇଥିଲା। କୁହାଯାଏ ଏହି ହ୍ରଦରେ ରହିଛି ଅନେକ ବିଶେଷ ଗୁଣ ସମ୍ପୂର୍ଣ୍ଣ ଖଣିଜ ଲବଣ। ଯାହା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଗୁଳିଗୋଳା ନିର୍ମାଣରେ ବ୍ୟବହାର ହୋଇଥିଲା।

କିନ୍ତୁ ଏହି ସ୍ଥାନରେ ବାସ କରୁଥିବା ଅଧିବାସୀମାନଙ୍କ ପାଇଁ ଏହି ହ୍ରଦ ହେଉଛି ଖୁବ୍ ପବିତ୍ର। ଏହି ହ୍ରଦର ଔଷଧୀୟ ଗୁଣଥିବା ସେମାନେ ବିଶ୍ୱାସ କରନ୍ତି। ଓକନଆଗନ ଉପତ୍ୟାକାରେ ବାସ କରୁଥିବା ଅଧିବାସୀମାନଙ୍କର ରହିଛି ଅନେକ ବିଶ୍ୱାସ। ବିଶେଷକରି ଏହି ଅଞ୍ଚଳରେ ବାସ କରୁଥିବା ଭାରତୀୟ ବଂଶୋଦ୍ଭବମାନେ ଏହି ହ୍ରଦକୁ ଖୁବ୍ ପବିତ୍ର ବୋଲି ମାନିଥାନ୍ତି। ଆଉ ଏହି ହ୍ରଦର ଜଳ ଓ ଏହାର କାଦୁଅରେ ପ୍ରଚୁର ପରିମାଣର ଔଷଧୀୟ ଗୁଣ ଥିବା ସେମାନେ ବିଶ୍ୱାସ କରିଥାନ୍ତି। ଏପରିକି ବିଭିନ୍ନ ପ୍ରକାର କ୍ଷତ ଠାରୁ ଆରମ୍ଭ କରି ଆଣ୍ଠୁଗଣ୍ଠି ସମସ୍ୟାରେ ମଧ୍ୟ ଏହି ହ୍ରଦର ଜଳ ଓ ଏହାର କାଦୁଅ ବ୍ୟବହାର କଲେ ସୁଫଳ ମିଳୁଥିବା କଥା ବିଶ୍ୱାସ କରାଯାଏ। ତେଣୁ ସେଠାରେ ବାସ କରୁଥିବା ଭାରତୀୟ ବଂଶୋଦ୍ଭବମାନଙ୍କ ପାଇଁ ଏହା ଖୁବ୍ ପବିତ୍ର। ତେଣୁ ଏହି ପବିତ୍ର ହ୍ରଦକୁ ନେଇ ନିହାତି ରହସ୍ୟ ଲୁଚି ରହିଥିବା ବିଶ୍ୱାସ କରାଯାଏ। କାରଣ ଅନେକ ଗବେଷକ ଏହି ହ୍ରଦରେ ବିଭିନ୍ନ ଖଣିଜ ଲବଣର ଉପସ୍ଥିତି କଥା ପ୍ରମାଣିତ କରିଥିବା ବେଳେ ଏଠାରେ ବାସ କରୁଥିବା ଅଧିବାସୀଙ୍କ ପାଇଁ ଏହି ସ୍ପଟେଡ୍ ଲେକ୍ ହେଉଛି ଏକ ପବିତ୍ର ହ୍ରଦ ଯାହା ସେମାନଙ୍କୁ ବିଭିନ୍ନ ରୋଗରୁ ଉପଶମ ଦେଇଥାଏ।

ବିଶାଳ ପ୍ରକୃତିରେ ରହିଛି ଅନେକ ଅଡୁଆ ରହସ୍ୟ। ଆଉ ସେହି ରହସ୍ୟର ଖିଅ ଖୋଜୁଖୋଜୁ ଯୁଗପରେ ଯୁଗ ବିତିଗଲାଣି। ହେଲେ ମଣିଷର ଅନେକ ବିଶ୍ୱାସକୁ ନେଇ ସବୁବେଳେ ଚର୍ଚ୍ଚା ହୋଇଥାଏ। କାନାଡାର ସ୍ପଟେଡ୍ ଲେକ୍‌କୁ ନେଇ ସ୍ଥାନୀୟ ଅଧିବାସୀମାନଙ୍କର ମଧ୍ୟ ରହିଛି ଅନେକ ବିଶ୍ୱାସ। ଆଉ ବିଶ୍ୱାସ ଆଧାରରେ ହିଁ ଏହି ସ୍ପଟେଡ୍ ଲେକ୍ ସେମାନଙ୍କ ପାଇଁ ପାଲଟିଛି ଏକ ପବିତ୍ର ହ୍ରଦ। ଆଉ ହ୍ରଦର ଔଷଧୀୟ ଗୁଣକୁ ନେଇ ମଧ୍ୟ ରହିଛି ଅନେକ କାହାଣୀ ଓ କିମ୍ବଦନ୍ତୀ। କାହାଣୀ ଅନୁସାରେ ଏହି ହ୍ରଦର କୂଳରେ ଅନେକ ଦିନ ତଳେ ଦୁଇ ଆଦିବାସୀ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ହୋଇଥିଲା। ଆଉ ଯୁଦ୍ଧ ପରେ ଏହିଠାରେ ହିଁ ସେମାନଙ୍କ ମଧ୍ୟରେ ସନ୍ଧି ହୋଇଥିଲା। ଆଉ ସେମାନେ ଏହି ହ୍ରଦର ଜଳ ଓ କାଦୁଅକୁ ବ୍ୟବହାର କରି ଯୁଦ୍ଧ ଜନିତ କ୍ଷତରୁ ମୁକ୍ତି ପାଇଥିଲେ। ପ୍ରାୟ ୪୦ ବର୍ଷ ପାଖାପାଖି ଏହି ପବିତ୍ର ହ୍ରଦ ସ୍ଥାନୀୟ ସ୍ମିଥ୍ ପରିବାରର ମାଲିକାନାରେ ରହିଥିଲା ଆଉ ଏହି ହ୍ରଦର କୂଳରେ ଏହି ପରିବାର ଏକ ସ୍ପା ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ ହେଲେ ତାଙ୍କର ଏହି ନିଷ୍ପତ୍ତିକୁ ସ୍ଥାନୀୟ ଅଧିବାସୀମାନେ ପ୍ରବଳ ବିରୋଧ କରିଥିଲେ। କାରଣ ସେମାନେ ଏହି ହ୍ରଦକୁ ଏକ ଅଲୌକିକ ଓ ପବିତ୍ର ହ୍ରଦ ବୋଲି ଗ୍ରହଣ କରିଥାନ୍ତି। ତେଣୁ ଏହି ହ୍ରଦର ଜଳ କିମ୍ବା କାଦୁଅକୁ ବ୍ୟବସାୟିକ ଭାବେ ବ୍ୟବହାର କରିବାକୁ ସେମାନେ ଘୋର ବିରୋଧ କରିଥିଲେ ଆଉ ଶେଷରେ ଆମେ କହିପାରିବା ବିଶ୍ୱାସର ହିଁ ବିଜୟ ହୋଇଥିଲା। ୨୦୦୧ ମସିହାରେ ଏହି ହ୍ରଦକୁ ସ୍ମିଥ ପରିବାର ନିକଟରୁ କ୍ରୟ କରାଗଲା। ଆଉ ହ୍ରଦର ଚାରିପଟେ ବାଡ ନିର୍ମାଣ କରାଗଲା। ଏବେ ଏହି ପବିତ୍ର ହ୍ରଦକୁ ସର୍ବସାଧାରଣଙ୍କୁ ଯିବା ପାଇଁ ଅନୁମତି ଦିଆଯାଉନାହିଁ। ହେଲେ ଆପଣ ଏହା ପାର୍ଶ୍ୱରେ ଥିବା ରାସ୍ତାରେ ଛିଡା ହୋଇ ଏହି ହ୍ରଦକୁ ଦେଖି ପାରିବେ।

କାନାଡାର ଏହି ସ୍ପଟେଡ ଲେକ ତାର ଏହି ଔଷଧୀୟ ଗୁଣ ପାଇଁ ଅନେକ ଦିନ ଧରି ଚର୍ଚ୍ଚାରେ ରହିଥିଲା। ଆଉ ଏବେବି ସ୍ଥାନୀୟ ଅଧିବାସୀମାନଙ୍କର ଏହି କିଲୁକ୍ ହ୍ରଦ ସେମାନଙ୍କ ବିଶ୍ୱାସର ପ୍ରତୀକ ସାଜିଛି। ଅବଶ୍ୟ ଏହି ସ୍ପଟେଡ ଲେକ୍‌କୁ ନେଇ ଅନେକ ଗବେଷଣା କରାଯାଇଛି। ଆଉ ଏହାର ଔଷଧୀୟ ଗୁଣକୁ ନେଇ ମଧ୍ୟ ନୂଆ ତଥ୍ୟ ବିଜ୍ଞାନୀ ମଣିଷ ଖୋଜି ପାଇଛି। କିଛି ଗବେଷକ ମାନଙ୍କ ମତରେ ଏହି ହ୍ରଦରେ ମ୍ୟାଗ୍ନେସିୟମ ସଲଫେଟ, କ୍ୟାଲ୍‌ସିୟମ ଓ ସୋଡିୟମ ସଲଫେଟ ଆଦି ଖଣିଜ ଭରପୁର ହୋଇ ରହିଛି ସେହିପରି ଏଥିରେ ସିଲଭର ଓ ଟାଇଟାନିୟମ ରହିଥିବା ମଧ୍ୟ ଜଣାଯାଏ। ଏହାଛଡ଼ା ଅନେକ ପରିମାଣର ଖଣିଜ ଲବଣ ମଧ୍ୟ ଏହି ହ୍ରଦରେ ରହିଛି। ହେଲେ ଏତେ ଖଣିଜରେ ପରିପୂର୍ଣ୍ଣ ଏହି ହ୍ରଦ କିନ୍ତୁ ଲୋକ ବିଶ୍ୱାସରେ ନିଜ ଔଷଧୀୟ ଗୁଣ ପାଇଁ ପବିତ୍ର ପାଲଟିଛି। ଯାହା ବିଜ୍ଞାନ ଓ ବିଶ୍ୱାସ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି।



ଉପସ୍ଥାପନା
ଜାହ୍ନବୀସୁତ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖେଳ ...

ତାହାକୁ ନେଇ ଦୁଇମାସ ହେଲା ଓଡ଼ିଶାରେ ରାଜନୈତିକ ଭୂକମ୍ପ ହେଉଛି। ଆମେ ୧୨୦ ସିଟ୍ ଜିତିବୁ ବୋଲି ଆମ ଓଡ଼ିଆ ଲୋକଙ୍କୁ କହିଛୁ। ଏଥିରେ ନବୀନ ବାବୁ ଏବଂ ତାଙ୍କ ତୋଷାମଦକାରୀମାନେ କାହିଁକି ସନ୍ଦେହ ପ୍ରକଟ କରୁଛନ୍ତି ? ଆମର ଏହି ମିଶନ ତାଙ୍କୁ କଷ୍ଟ ଦେଉଛି କାହିଁକି ? ନବୀନ ବାବୁ ବୃଦ୍ଧ ବୟସରେ ବାଲ୍ୟଲୀଳା କରୁଛନ୍ତି। ସମ୍ବେଦନଶୀଳ ନବୀନ ବାବୁ ଗରିବ ଓଡ଼ିଆଙ୍କ ଦୁଃଖ ଯନ୍ତ୍ରଣା ବୁଝି ପାରିବେ ନାହିଁ। ତେଣୁ ବିଜେଡି ନେତାମାନେ ଆଉ କିଛିଦିନ ମଉଜମସ୍ତି କରିଯାଆନ୍ତୁ। ଶାସନ ନିଶ୍ଚିତ ବଦଳିବ ଓ ଓଡ଼ିଶାର ବିକାଶ ହେବ। ୨୦୧୯ରେ ବିଜେପିକୁ କ୍ଷମତାଶୀଳ କରିବାକୁ କର୍ମୀମାନଙ୍କୁ ଶାହା କହିଥିଲେ। ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଗଲେ ଏହାକୁ ଯେଭଳି ବଦଳାଯାଏ, ସେହିଭଳି ଓଡ଼ିଶା ଶାସନର ପୋଡା ଟ୍ରାନ୍ସଫର୍ମରକୁ ବଦଳାଇବାକୁ ସଂକଳ୍ପ ନିଅ। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ନବୀନ ସରକାରଙ୍କୁ ତାଚ୍ଛଲ୍ୟ କରିବାକୁ ପଛାଇ ନଥିଲେ। ଆଗାମୀ ସାଧାରଣ ନିର୍ବାଚନର ସମୟ ଯେତେ ପାଖେଇ ଆସୁଛି ଓଡ଼ିଶାରେ ସେତିକି ସେତିକି ରାଜନୈତିକ ଉଷ୍ମତା ଭରୁଛି ଭାରତୀୟ ଜନତା ପାର୍ଟି। ବିଜୁ ଜନତା ଦଳକୁ ପରାସ୍ତ କରି ଶାସନ ଭାର ହାତକୁ ନେବା ପାଇଁ ବିଜେପି ପକ୍ଷରୁ ଯେଭଳି ତତ୍ପରତା ପ୍ରକାଶ ପାଇଲାଣି ତାହା ଯୁଦ୍ଧ ଡାକରାଠୁ କମ୍ ମନେ ହେଉନି। ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ଏହାକୁ ଆହୁରି ଶାଣିତ କରିଦେଇଛି। ଅମିତଙ୍କ ଆଗମନ ପରେ ରାଜ୍ୟ ବିଜେପିର ନେତୃମଣ୍ଡଳୀ ଓ କର୍ମୀଙ୍କ ମନରେ ଭରିଯାଇଛି ଅପୂର୍ବ ଉନ୍ମାଦନା, ବିଶ୍ୱାସ ଓ ଭରସା। ସବୁ ଭିତରେ ରହସ୍ୟମୟ ହୋଇଉଠିଛି ୧୨୦ର ସଂଖ୍ୟା ଗଣିତ। ଓଡ଼ିଶାରେ ୧୨୦ ଆସନ ଦଖଲ କରିବା କଥା କହି ପୂର୍ବରୁ ଅମିତ ଶାହା ଶାସକ ବିଜୁ ଜନତା ଦଳ ଆଖିରୁ ନିଦ ହଜେଇ ଦେଇଥିଲେ। ବେଳେ ସମ୍ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ବଂଶବାଦ ଶାସନ ବୋଲି ପୁଣି ଗୋଟେ ନୂଆ କେଁ ପୁରାଇଛନ୍ତି। ଏହାରି ଭିତରେ ଓଡ଼ିଶାରେ ମେଣ୍ଟ ହେବନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି। ଯାହାକୁ ନେଇ ଉଭୟ ବିଜେପି ଓ ବିଜେଡି ମଧ୍ୟରେ କଥା କଟାକଟି ଚାଲିଛି। କିନ୍ତୁ ସଂଖ୍ୟାର ଗୋଲକ ଧନ୍ଦାରେ ଏବେ ଛନ୍ଦି ହୋଇପଡିଛି ଶାସକ ବିଜେଡି। ଅମିତଙ୍କ ସଂଖ୍ୟା ଗଣିତ ବିଜେଡି ପାଇଁ ସୃଷ୍ଟି କରିଛି ସଂଶୟ, ସନ୍ଦେହ ଓ କଳ୍ପନାଜଳ୍ପନାର ନୂଆ ବାତାବରଣ। ରାଜନୀତିରେ କେହି ସ୍ଥାୟୀ ଆସନ ବା ସ୍ଥାୟୀ ଭୋଟର ସୃଷ୍ଟି କରିବା ଅସମ୍ଭବ। ତେଣୁ ଓଡ଼ିଶା ରାଜନୀତିର ପଶାପାଲିରେ ଆଗକୁ କିଏ ଜିତିବ ତାହା ଏବେ ପ୍ରଶ୍ନଘେରରେ। କାରଣ ଅତୀତରେ ବିପୁଳ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ଦଳ ମଧ୍ୟ ଏଠାରେ ପରାଜୟର ସ୍ୱାଦ ଚାଖିଥିବା ଇତିହାସ ସାକ୍ଷୀ ରହିଛି। ଅହଂକାର ଓ ଔଦ୍ଧତ୍ୟ ରାଜନୀତିର ପରାମ ଶତ୍ରୁ ବୋଲି ସମସ୍ତେ ଜାଣନ୍ତି। ତେଣୁ ସଂଖ୍ୟା ଗଣିତରେ ବିବ୍ରତ ବିଜେଡି ଆଗକୁ କିଭଳି ପଦକ୍ଷେପ ନେଉଛି ତାହା ଦେଖିବା କଥା। କିନ୍ତୁ ଇତିହାସ କହେ ୧୯୮୫ରେ ୧୧୭ ଆସନ ଜିଣିଥିବା ରାଜ୍ୟ କଂଗ୍ରେସ ପରବର୍ତ୍ତୀ ନିର୍ବାଚନରେ ପାଇଥିଲା ମାତ୍ର ୧୦ ଆସନ।

### 'ପ୍ରଭାବ ...

କଠୋର ସମାଲୋଚନାର ଉତ୍ତର ଅତ୍ୟନ୍ତ ନମ୍ର ଓ ସଂକ୍ଷେପରେ ଦେଇ ନବୀନ କିଛି ପ୍ରଭାବ ପଡ଼ିବ ନାହିଁ ବୋଲି କହିଛନ୍ତି। ଶାହାଙ୍କ ଆକ୍ଷେପ ଓ ଆଗାମୀ ନିର୍ବାଚନରେ ପ୍ରଭାବ ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନରେ ନବୀନ କୌଣସି ମନ୍ତବ୍ୟ ଦେବାକୁ ଉଚିତ୍ ମଣି ନାହାନ୍ତି। ତେବେ ବିଜେପି ୧୨୦ ଆସନ ଦଖଲ ନେଇ ସେ ସନ୍ଦେହ ପ୍ରକଟ କରିବାକୁ ନେଇ ଶାହାଙ୍କ ଉକ୍ତିକୁ ନେଇ ନବୀନ ମୋ ବୟସକୁ ନେଇ ସେ କାହିଁକି ସନ୍ଦେହ କରୁଛନ୍ତି ବୋଲି ପାଲଟା ପ୍ରଶ୍ନ କରିଛନ୍ତି । ବିଜେପି ଓଡ଼ିଶାରେ ୧୨୦ ଆସନ ଦଖଲ କରିବ ବୋଲି ଶାହା କରିଥିବା ଘୋଷଣାକୁ ନେଇ ଦିନକ ତଳେ ସନ୍ଦେହ ପ୍ରକଟ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏତେ ଅଧିକ ଆସନ ବିଜେପି ପାଇବା ନେଇ ସେ ସନ୍ଦୀହାନ ବୋଲି କହିଥିଲେ। ଶାହା ଏହାର ପ୍ରତ୍ୟୁତ୍ତର ରଖିଥିଲେ। ଯେଉଁମାନେ ବୃଦ୍ଧ ଓ ବୟସ୍କ ସେମାନଙ୍କୁ ଏହି ସଂଖ୍ୟା ଦୁର୍ବୋଧ୍ୟ ଓ କଷ୍ଟକର ହୋଇପାରେ,ମାତ୍ର ଯୁବକମାନଙ୍କ ପାଇଁ ଏହି ସଂଖ୍ୟା ଅତି ସହଜ ବୋଲି ଶାହା ପରୋକ୍ଷରେ ଆକ୍ଷେପ କରିଥିଲେ। ସ୍ୱଭାବତଃ ସ୍ୱଳ୍ପଭାଷୀ ନବୀନ ତାଙ୍କର ସଂକ୍ଷିପ୍ତ ଉତ୍ତରରେ ଶାହାଙ୍କୁ ଢ଼େର କଥା କହି ଦେଇଛନ୍ତି। ତାଙ୍କର ବୟସକୁ ନେଇ ଉଠୁଥିବା ପ୍ରଶ୍ନକୁ ସେ ଏଡ଼ାଇ ଯାଇ ଦଳ ଓ ରାଜ୍ୟ ଚଳାଇବାକୁ ଢ଼େର ସମର୍ଥ ବୋଲି ପରୋକ୍ଷରେ ବାର୍ତ୍ତା ଦେଇଛନ୍ତି। ପୁଣି ଓଡ଼ିଶାକୁ ଶାହାଙ୍କ ଗସ୍ତ ଆଗାମୀ ନିର୍ବାଚନରେ କିଛି ପ୍ରଭାବ ପକାଇବ ନାହିଁ ବୋଲି ଉଲ୍ଲେଖ କରି ଲଢ଼େଇ ପାଇଁ ବିଜେପିର ପ୍ରସ୍ତୁତି ଏବଂ ତାଙ୍କ ଦଳର ସାମର୍ଥ୍ୟକୁ ଆକଳନ କରିବାରେ ବିଜେପିର ଅସାମର୍ଥ୍ୟକୁ ମଧ୍ୟ ପ୍ରକାରାନ୍ତରେ ଆକ୍ଷେପ କରିଛନ୍ତି। ଗତ ୧୭ ବର୍ଷ ଧରି ଓଡ଼ିଶାରେ ବିଜେଡ଼ି ଶାସନ କରୁଛି ଏବଂ ନବୀନ ଏହାର ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ରହିଛନ୍ତି । ବିଜେପି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶକ୍ତି କେନ୍ଦ୍ର ହୋଇଥିବାବେଳେ ବିଜେଡ଼ି ପାଇଁ ନବୀନ ହେଉଛନ୍ତି ପରମାଣୁ ରିଆକ୍ଟର। ସାରା ଦେଶରେ ମୋଦି ଝଡ଼ ୨୦୧୪ ନିର୍ବାଚନରେ କଂଗ୍ରେସ ସହ ବହୁ ଆଞ୍ଚଳିକ ଦଳକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବାବେଳେ ନବୀନ ପାଚେରିକୁ ଭେଦି ଓଡ଼ିଶାରେ ପ୍ରବେଶ କରିବାକୁ ସମର୍ଥ ହୋଇ ପାରି ନ ଥିଲା। ୫/୬ ଲୋକସଭା ଓ ୪୦ରୁ ଊର୍ଦ୍ଧ୍ୱ ବିଧାନସଭା ଆସନ ଜିତିବାକୁ ଆଶା ବାନ୍ଧିଥିବା ବିଜେପିକୁ ଗୋଟିଏ ଲୋକସଭା ଓ ୧୦ ବିଧାନସଭା ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଏବେ ଜିଲ୍ଲା ପରିଷଦ ନିର୍ବାଚନର ସଫଳତା ବିଜେପିକୁ ଓଡ଼ିଶାରେ ସରକାର ଗଠନ ପାଇଁ ଅନୁପ୍ରେରିତ କରିଥିବାବେଳେ ବିଜେଡ଼ି ଯେଉଁ ବ୍ୟୁହ ରଚନା କରିଛି ତାହା ଭେଦ କରିବାକୁ ବିଜେପି କେତେ ସମର୍ଥ ହେବ ତାହା ଭବିଷ୍ୟତ ହିଁ କହିବ।

### ଶାସକ ଦଳର ...

ଗୃହ ମଧ୍ୟରେ ଶାସକ ଦଳର ଆଚରଣ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରି କହିଥିଲେ, ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି ଏବଂ ଚାଷୀ ସମସ୍ୟା ନେଇ କଂଗ୍ରେସ ଦଳ ତରଫରୁ ମୁଲତବୀ ନୋଟିସ୍ ଦିଆଯାଇଥିଲା। ଏହାକୁ ବାଚସ୍ପତି ଗ୍ରହଣ ମଧ୍ୟ କରିଥିଲେ। ତେବେ ଏହି ବିଷୟକୁ ଆଲୋଚନା କରାଇନଦେବା ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯିବା ଏକ ଘୃଣ୍ୟ ପଦକ୍ଷେପ। ଶାସକ ବିଜେଡିର ସଦସ୍ୟ ମାନେ ରକ୍ଷକ ହୋଇ ଭକ୍ଷକ ସାଜୁଛନ୍ତି ଏବଂ ଗୃହକାର୍ଯ୍ୟରେ ସହଯୋଗ କରିବା ପରିବର୍ତ୍ତେ ରାଜନୀତିକ ଉଦ୍ଦେଶ୍ୟ ରଖି ବାଧା ସୃଷ୍ଟି କରୁଛନ୍ତି। ଚାଷୀଙ୍କ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ନେତା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ବିଧାନସଭାର ସର୍ବଦଳୀୟ କମିଟି ଦୁଇ ଦୁଇଥର ଏହି ପ୍ରସଙ୍ଗ ବିଷୟରେ ଆଲୋଚନା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ସମୟ ମାଗିଥିଲେ ସୁଦ୍ଧା ତାଙ୍କ କାର୍ଯ୍ୟାଳୟ ଏନେଇ ସମୟ ଦେଇନଥିଲେ। ଓଲଟା ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ବଦଳରେ କେନ୍ଦ୍ର କୃଷିମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ଚିଠିରେ ପରାମର୍ଶ ଦିଆଯାଇଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଚାଷୀ ସମସ୍ୟା ଭଳି ଏକ ସମ୍ବେଦନଶୀଳ ବିଷୟକୁ ନେଇ ଆଲୋଚନା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଖରେ ସମୟ ନାହିଁ। ଏହା ଦୁର୍ଭାଗ୍ୟପୂର୍ଣ୍ଣ କଥା। ତେଣୁ ବିଧାନସଭାରେ ସର୍ବସମ୍ମତ ଭାବରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

### ସ୍ମାର୍ଟସିଟି ...

ଏଥିପାଇଁ ମୁଖ୍ୟସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ମାର୍ଟ କାର୍ଡ ସମ୍ପର୍କିତ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟସଚିବ ଶ୍ରୀ ପାଢ଼ୀ ଏହି ସ୍ମାର୍ଟ କାର୍ଡ ପ୍ରକଳ୍ପକୁ ଜନସାଧାରଣଙ୍କ ମଧ୍ୟରେ ଗ୍ରହଣୀୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଭୁବନେଶ୍ୱରରେ ସହରରେ ୩୨୫ଟି ପିଓଏସ୍ ମେସିନ୍ ଲାଗିବ। ପିପିପି ମୋଡ୍‌ରେ କାର୍ଯ୍ୟକାରୀ ହେଉଥିବା କମନ ପେମେଣ୍ଟ୍ କାର୍ଡ ପ୍ରକଳ୍ପ ପାଇଁ ଆଇସିଆଇସିଆ ବ୍ୟାଙ୍କକୁ ଟେଣ୍ଡର୍ ପ୍ରଦାନ କରାଯାଇଛି। ଆସନ୍ତା ଜାନୁଆରୀ ୧ ସୁଦ୍ଧା ଏହି ପ୍ରକଳ୍ପକୁ ଶେଷ କରିବାକୁ ଟେଣ୍ଡରଧାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ସିଟିବସ୍, ପୌରନିଗମର ଦେୟ, ପାର୍କିଂ ଫି, ଖୁଚୁରା ବିକ୍ରୟ କେନ୍ଦ୍ର ସହିତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ କମନ୍ ପେମେଣ୍ଟ୍ କାର୍ଡ ସିଷ୍ଟମ୍ 'ସିପିଏସ୍‌ସି' ତଥା ଏକକ ସ୍ମାର୍ଟ କାର୍ଡ ପ୍ରଚଳନ ପାଇଁ ପୂର୍ବରୁ ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଘରୋଇ ସଂସ୍ଥାକୁ ନିୟୋଜିତ କରିବାକୁ 'ବିଏସ୍‌ସିଏଲ୍' ପ୍ରସ୍ତାବ ଦେଇଥିଲା। ବିଏମ୍‌ସି ଅଞ୍ଚଳରେ ଏକକ ଦେୟ ସ୍ମାର୍ଟ କାର୍ଡ ସମ୍ପର୍କରେ 'ବିଏସ୍‌ସିଏଲ୍' ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲା। ବୈଠକରେ 'ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରେନିଂ ଅଫ୍ ଦ ଟ୍ରେନର୍ସ' ସ୍ଥାପନ, ନଖରା ନିକଟରେ ଶସ୍ତା ବାସଗୃହ ଓ ସୈନିକ ସ୍କୁଲ୍ ନିକଟରେ ବସ୍ତି ବାସିନ୍ଦାଙ୍କ ପାଇଁ ଆବାସ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିରେ ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍, ପିପିପି ପ୍ରକଳ୍ପ ସଚିବ ପ୍ରଦୀପ ଜେନା, ଶିଳ୍ପ ସଚିବ ସଂଜୀବ ଚୋପ୍ରା, ସାଧାରଣ ପ୍ରଶାସନ ସ୍ୱତନ୍ତ୍ର ସଚିବ ଅଶୋକ ମୀନା, ରାଜସ୍ୱ ସଚିବ ଚନ୍ଦ୍ରଶେଖର କୁମାର, ପର୍ଯ୍ୟଟନ ସଚିବ ମୋନା ଶର୍ମା, ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରେମକୁମାର ଝା ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱରର ଅଢ଼େଇ ଲକ୍ଷ ଲୋକ ବିଏମ୍‌ସିର ବିଭିନ୍ନ ସେବା ପାଇଁ ସ୍ମାର୍ଟ କାର୍ଡ ଦ୍ୱାରା ଦେୟ ପ୍ରଦାନ କରିବାର ଲକ୍ଷ୍ୟ ସ୍ଥିର ହୋଇଛି। ଏହି ପ୍ରକଳ୍ପରେ ବ୍ୟାଙ୍କ୍ ପକ୍ଷରୁ ୫ ଲକ୍ଷ କାର୍ଡ ପ୍ରସ୍ତୁତ କରାଯିବାକୁ ସ୍ଥିର ହୋଇଛି। ଗ୍ରାହକମାନେ ମାତ୍ର ୫୦ଟଙ୍କା ମୂଲ୍ୟରେ ବ୍ୟାଙ୍କ୍‌ଠାରୁ ଏହି କାର୍ଡ ପାଇପାରିବେ। ତେବେ ଗ୍ରାହକଙ୍କୁ ସର୍ବନିମ୍ନ ୨ଶହ ଟଙ୍କାର ଟପ୍ ଅପ୍ ଟଙ୍କା ନିଜ ଆକାଉଣ୍ଟ୍‌ରେ ପ୍ରଥମେ ରଖିବାକୁ ପଡ଼ିବ। ଗତ ଡିସେମ୍ବର ୧୬ରେ ସ୍ମାର୍ଟ କାର୍ଡ ପ୍ରଚଳନ ପାଇଁ ଆୟୋଜିତ ବୈଠକରେ ପେଟିଏମ୍, ଆଇଟିଜେଡ୍ କ୍ୟାସ୍, ଇଜି ପେ, ଆଇସିଆଇସିଆଇ ଓ ଫୋନ୍ ପେ ଭଳି ସଂସ୍ଥା ଯୋଗ ଦେଇଥିଲେ। 'ବିଏସ୍‌ସିଏଲ୍'ର ସ୍ମାର୍ଟ କାର୍ଡ ପ୍ରସ୍ତୁତି ସମ୍ପର୍କରେ ଏହି ସଂସ୍ଥାଗୁଡ଼ିକ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ କ୍ୟାସଲେସ୍ କାରବାରକୁ ଅଗ୍ରାଧିକାର ଦିଆଯାଉଥିଲା ବେଳେ ଏହି ଦିଗରେ ଅଗ୍ରସର ହୋଇଛି ବିଏସ୍‌ସିଏଲ୍।

### ତଦନ୍ତ ହେଲେ ...

ଖବର ମୁତାବକ ଏଠାରେ ଥିବା ସରକାରଙ୍କ କିଭଳି ଭାବେ ଏହି ଜମିର କିସମ ପରିବର୍ତ୍ତନ କରାଯାଇ ବିଲ୍ଡରମାନଙ୍କୁ ଟେକି ଦିଆଯାଇଛି ତାହା ବିସ୍ମୟ ସୃଷ୍ଟି କରୁଛି। ୨୦୦୯/୧୦ ମସିହାରେ ଭୁବନେଶ୍ୱର ତହସିଲ ଅଫିସରେ ଦାୟିତ୍ୱରେ ଥିବା ଜଣେ ଅତିରିକ୍ତ ତହସିଲଦାର ଆଇନ ଆଖିରେ ଆଙ୍ଗୁଳି ଗେଞ୍ଜି ଏଭଳି କରିବାକୁ ସକ୍ଷମ ହୋଇଥିଲେ। ନିଜର କ୍ଷମତା ବାହାରେ ଥିବା କିଛି କାର୍ଯ୍ୟକୁ ବୁଦ୍ଧି ଖଟାଇ ଏହି ବାବୁଜଣଙ୍କ ନିଜ ହାତକୁ ଦାୟିତ୍ୱ ଆଣିବା ପରେ ସେ ଏଭଳି କରିଥିଲେ। ଯାହାଫଳରେ ଉକ୍ତ ସରକାରୀ ଜମିର କିସମ ବଦଳିଗଲା ଓ ଏହି ଜମି କିଛି ଲୋକଙ୍କ ବ୍ୟକ୍ତିଗତ ମାଲିକାନାକୁ ଚାଲିଗଲା। ଏତିକିରେ ସରିଲାନି ବାବୁଙ୍କ କଲମ ମୁନର ଖେଳ। କିସମ ପରିବର୍ତ୍ତନ ହୋଇ ବ୍ୟକ୍ତିଗତ ମାଲିକାନାକୁ ଯାଇଥିବା ସରକାରୀ ଜମିର ମୂଳଚାଳ କରି ନାମୀଦାମୀ ବିଲ୍ଡରଙ୍କୁ ବିକ୍ରି କରିବାରେ ଏହି ବାବୁଙ୍କର ଯଥେଷ୍ଟ ହାତ ରହିଛି। ଘଟଣା ପଛରେ ଏକ ବିରାଟ ଷଡଯନ୍ତ୍ର ଓ ର୍ୟାକେଟ୍ କାମ କରିଥିବାର ଖବର ମିଳିଛି। ଯାହାଫଳରେ ତତ୍କାଳୀନ ଅତିରିକ୍ତ ତହସିଲଦାର ଜଣକ କୋଟି କୋଟି ଟଙ୍କା ବେଆଇନ୍ ଅର୍ଥ ଉପାର୍ଜନ କରି ଏକ ବିଳାସମୟ ଜୀବନ ଯାପନ କରୁଛନ୍ତି। ସରକାରୀ ଜମି ହଡପକାରୀ ଏହି ବାବୁଜଣକ ପଦୋନ୍ନତି ପାଇ ଏବେ ତହସିଲଦାର ଭାବେ ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି। ଅନେକ ପ୍ରଭାବଶାଳୀ ବ୍ୟକ୍ତି ତଥା ରାଜନେତାଙ୍କ ଛତ୍ରଛାୟାରେ ଥାଇ ସେ ଏଭଳି କାରନାମା ଦେଖାଉଛନ୍ତି ବୋଲି ମଧ୍ୟ ଜଣାପଡିଛି। ସୂଚନା ଅନୁସାରେ ଏହି ସରକାରୀ ବାବୁ ଏବେ ଜଗତସିଂହପୁର ଜିଲ୍ଲାର ଏକ ତହସିଲ ଅଫିସରେ ହାକିମ ଭାବେ କାର୍ଯ୍ୟ କରୁଛନ୍ତି। ବାବୁଙ୍କ ଉପରେ ଶାସକ ଦଳର ଜଣେ ଟାଣୁଆ ମନ୍ତ୍ରୀଙ୍କ ଆଶୀର୍ବାଦ ରହିଥିବା କଥା ସାମ୍ନାକୁ ଆସିଛି। ସେଥିପାଇଁ ସେ ଆଇନକୁ ମଧ୍ୟ ଡରୁନାହାନ୍ତି। 'ଏକମାତ୍ର'ର ହସ୍ତଗତ ହୋଇଥିବା ତଥ୍ୟରେ ଏହି ବାବୁଙ୍କ କଳାକାରନାମାର ଏଭଳି କିଛି ସାଂଘାତିକ ଘଟଣା ଅଛି, ଯାହା କଳାରାହାଙ୍ଗ ମୌଜାରେ ହୋଇଥିବା ସରକାରୀ ଜମି ହଡପର ଅସଲ ଗୁମର ପଦାରେ ପକାଇଦେବ। ପରବର୍ତ୍ତୀ ସମୟରେ ଏହାର ସବିଶେଷ ବିବରଣୀ ଓ ଅସଲ ତଥ୍ୟ ପ୍ରକାଶ ପାଇବ।

### ଧରାପଡୁଛି ...

ଏ ସମ୍ପର୍କରେ ସୂଚନା ଦେଇ ହରିଆଣା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସତୀଶ୍ ମେହରା କହିଛନ୍ତି, ପୁଲିସ୍ ଓ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ କଡାସୁରକ୍ଷା ମଧ୍ୟରେ ତଲାସି ଅଭିଯାନ ଚାଲିଛି। ବିଭିନ୍ନ ବିଭାଗର କେତେକ ବରିଷ୍ଠ ଅଧିକାରୀ ସେଠାରେ ଉପସ୍ଥିତ ରହିଛନ୍ତି। ପଞ୍ଜାବ ଓ ହରିଆଣା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ଏହି ତଲାସି ଅଭିଯାନକୁ ଅବସରପ୍ରାପ୍ତ ଜିଲ୍ଲା ଓ ସେସନ୍ସ୍ ବିଚାରପତି ଏକେଏସ୍ ପାୱାର ତଦାରଖ କରୁଛନ୍ତି। ଇତି ମଧ୍ୟରେ ୭ ହଜାର ଟଙ୍କାର ପୁରୁଣା ନୋଟ୍ ଓ ୧୨ ହଜାର ନୂଆ ନୋଟ୍, ଲେବୁଲ୍ ନଥିବା ମେଡିସିନ୍, କମ୍ପ୍ୟୁଟର ହାଡଡିସ୍କ ଡ୍ରାଇଭ୍, ନମ୍ବରପ୍ଲେଟ ନଥିବା ଲେକ୍‌ସସ୍ କାର୍, ଓବି ଭ୍ୟାନ୍ ପ୍ରଭୃତି ଜବତ ହୋଇଛି। ଇତି ମଧ୍ୟରେ ଫେରେନ୍‌ସିକ୍ ଟିମ୍ ଡେରାରେ ପହଞ୍ଚିଛନ୍ତି ବୋଲି ପାୱାର କହିଛନ୍ତି। ତଲାସି ଅଭିଯାନ ଆରମ୍ଭ ହୋଇଥିଲା ବେଳେ ଏହାର ଭିଡ଼ିଓଗ୍ରାଫି ଚାଲିଛି। ୮୦୦ ଏକର ବିଶିଷ୍ଟ ଡେରା ମୁଖ୍ୟଆଶ୍ରମରେ ପ୍ରାୟ ଏକସପ୍ତାହ ପର୍ଯ୍ୟନ୍ତ ତଲାସି ଅଭିଯାନ ଚାଲିବ। ଏହି ସମୟରେ ବିଭିନ୍ନ ପ୍ରକୋଷ୍ଠର ତାଲା ଖୋଲିବା ପାଇଁ ୨୨ ଜଣ କମାରଙ୍କୁ ନିୟୋଜିତ କରାଯାଇଛି। ୪୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ସହ ସନ୍ଧାନୀ କୁକୁରଙ୍କୁ ନିୟୋଜିତ କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ କର୍ଫ୍ୟୁ ଜାରି ହେବା ସହ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଡେରା ମୁଖ୍ୟ ଗୁରମିତ୍ ଏହି ଆଶ୍ରମରେ ବେଶ୍ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ଆଶ୍ରମ ପରିସରରେ ପ୍ୟାରିସ୍‌ର ଆଇଫେଲ୍ ଟାୱାର, ତାଜ୍‌ମହଲ, ଡିସ୍‌ନେଲ୍ୟାଣ୍ଡ ମଡେଲ୍ ରହିଛି। ଆଶ୍ରମ ପରିସରରୁ ମିଳିଥିବା ପ୍ଲାଷ୍ଟିକ୍ ନୋଟ୍ ସେହି ପରିସରରେ କାରବାର ହେଉଥିଲା। ବାବା ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ ହୋଇ ଏବେ ରୋହତକ୍‌ର ସୁନାରିଆ ଜେଲ୍‌ରେ ଅଛନ୍ତି।

### 'ନକ୍ସଲ କାର୍ଯ୍ୟକୁ ...

ଦୀର୍ଘ ୨ ଘଣ୍ଟା ଧରି ବୈଠକରେ ନକ୍ସଲ ସମସ୍ୟା ଏବଂ ଏହାର ପ୍ରତିକାର ନେଇ ଆଲୋଚନା ହୋଇଥିଲା। ବୈଠକ ପରେ ଡିଜି ଡାକ୍ତର ଶର୍ମା କହିଥିଲେ, ରାଜ୍ୟର ନକ୍ସଲ ସମସ୍ୟା ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କିଛି ବର୍ଷ ହେବ ରାଜ୍ୟର ନକ୍ସଲ ସମସ୍ୟା ଅନେକ ମାତ୍ରାରେ ସୁଧୁରିଛି। ନିକଟରେ ନକ୍ସଲଙ୍କର ଗତିବିଧିରେ କେତେଟା ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ନକ୍ସଲ ପ୍ରଭାବିତ ଜିଲାର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବହୁ ପରିମାଣରେ ସୁରକ୍ଷା କର୍ମୀଙ୍କ ମୁତୟନ ଯୋଗୁଁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଫଳରେ ସେମାନେ ତାଙ୍କର ସ୍ଥାନ ପରିବର୍ତ୍ତନ କରୁଛନ୍ତି। ମାଓବାଦୀମାନେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲାରେ ନୂତନ କରିଡର ଗଠନ କରିଥିବା ଗୁଇନ୍ଦା ତଥ୍ୟ ମିଳିଛି। ଏସବୁ ଉପରେ ନଜର ରଖାଯାଇଛି ଏବଂ ମୁକାବିଲା ପାଇଁ ପୁଲିସ ମଧ୍ୟ ତାହାର ରଣନୀତି ପ୍ରସ୍ତୁତ କରୁଛି। ସେମାନଙ୍କ କାର୍ଯ୍ୟକଳାପକୁ ଆଉ ଆଗକୁ ବଢ଼ିବାକୁ କୌଣସି ସୁଯୋଗ ଦିଆଯିବ ନାହିଁ ବୋଲି ସେ କହିଥିଲେ। ସେହିପରି ରାଜ୍ୟରେ ମୁତୟନ ଥିବା କେନ୍ଦ୍ରୀୟ ସୁରକ୍ଷା ବଳ ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ସହିତ କିଭଳି ତ୍ରୁଟିଶୂନ୍ୟ ସମନ୍ୱୟ ରଖି ସ୍ଥାନୀୟ ପୁଲିସ ଓ ଏସ୍‌ଓଜି କିଭଳି ଅପରେସନ୍ କରିବେ ସେନେଇ ବୈଠକରେ ଆଲୋଚନା ହୋଇଥିବା ଡିଜି ସୂଚନା ଦେଇଥିଲେ। ପୁଲିସ ବଳର ଆବଶ୍ୟକ ଭିତ୍ତିଭୂମି ଓ ଗମନାଗମନ ସମସ୍ୟାକୁ କିପରି ଓ କେତେ କମ ସମୟରେ ଦୂର କରାଯିବ ସେନେଇ ଆଲୋଚନା ହୋଇଥିଲା। ଏହା ନକ୍ସଲ ମୁକାବିଲା କ୍ଷେତ୍ରରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କ ମନୋବଳ ବୃଦ୍ଧି କରିବ ବୋଲି ସେ ମତ ଦେଇଥିଲେ। ସେହିପରି ନକ୍ସଲ ପ୍ରଭାବିତ ଅଞ୍ଚଳର ତୃଣମୂଳ ସ୍ତରକୁ ସେ ଖୁବ୍‌ଶୀଘ୍ର ଯାଇ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି। ପୂର୍ବରୁ ଯେଉଁ ଦୁଇ ବାଟାଲିଅନ୍ କେନ୍ଦ୍ରୀୟ ସୁରକ୍ଷା କର୍ମୀ ଆବଶ୍ୟକତା ନେଇ କେନ୍ଦ୍ରକୁ ଦାବି କରାଯାଇଥିଲା ତାହା ଏବେ ମଧ୍ୟ ପୂରଣ ହୋଇନାହିଁ। ରାଜ୍ୟରେ ଓଡ଼ିଶା କ୍ୟାଡର ମାଓବାଦୀଙ୍କ ସଂଖ୍ୟା ବହୁ ନଗଣ୍ୟ। ଛତିଶଗଡ଼, ଝାଡଖଣ୍ଡ ଓ ତେଲେଙ୍ଗାନା କ୍ୟାଡର ମାଓବାଦୀଙ୍କର ରାଜ୍ୟରେ ଅଧିକ ପ୍ରାଧାନ୍ୟ ରହିଛି। ତେଣୁ ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ଅଧିକ ନଜର ରଖାଯାଇଛି। ୨୦୧୬-୧୭ ଅଗଷ୍ଟ ମାସ ସୁଦ୍ଧା ରାଜ୍ୟର ୩୯ଟି ନକ୍ସଲ କାର୍ଯ୍ୟକଳାପକୁ ପଣ୍ଡ କରାଯାଇଥିବା ବେଳେ ୫୦ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେହିପରି ୫୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ।

### ଶାନ୍ତି ପାଇଁ ...

ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ପରେ ବୈଦେଶିକ ସଚିବ ଏସ୍ ଜୟଶଙ୍କର ସାମ୍ବାଦିକମାନଙ୍କୁ କହିଛନ୍ତି, ଗଠନମୂଳକ ଆଲୋଚନା ହୋଇଛି ଏବଂ ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟ ନେଇ ଆଲୋଚନା କରାଯାଇଛି। ଭାରତ ଓ ଚୀନ୍ ସମ୍ପର୍କରେ ଉନ୍ନତି ପାଇଁ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦୁଇ ନେତା ଡୋକ୍‌ଲାମ୍ ବିବାଦକୁ ପଛରେ ପକାଇ ଆଲୋଚନା କଲେ କି ବୋଲି ପ୍ରଶ୍ନ ହେବାରୁ ସେ କହିଛନ୍ତି, 'ପଛକୁ ନ ଅନାଇ ଆଗକୁ ଅଗ୍ରସର ହେବା ଲକ୍ଷ୍ୟ'ରେ ଆଲୋଚନା ହୋଇଛି। ଜୟଶଙ୍କର ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ମିଳିତ ଅର୍ଥନୈତିକ ଗ୍ରୁପ୍, ସୁରକ୍ଷା ଗ୍ରୁପ୍ ଓ ରଣନୀତିକ ଗ୍ରୁପ୍ ଗଠନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ଦୁଇ ଦେଶ ଏ କ୍ଷେତ୍ରରେ ଅଗ୍ରସର ହୋଇପାରିବେ। ପାରସ୍ପରିକ ବିଶ୍ୱାସ ଉପରେ ମଧ୍ୟ ଦୁଇ ନେତା ଅଧିକ ଗୁରୁତ୍ୱ ଦେଇଛନ୍ତି। ଏ ଦୃଷ୍ଟିରୁ ଦୁଇ ଦେଶର ସେନା ମଧ୍ୟରେ ଯୋଗାଯୋଗ ଓ ସହଯୋଗ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ଦ୍ୱାରା ନିକଟରେ ସୀମାରେ ଯେଭଳି ପରିସ୍ଥିତି ସୃଷ୍ଟିହେଲା, ତା'ର ପୁନରାବୃତ୍ତି ଘଟିବ ନାହିଁ। ଜୟଶଙ୍କର କହିଛନ୍ତି, ଦୁଇ ପଡ଼ୋଶୀ ରାଷ୍ଟ୍ର ପ୍ରମୁଖ ଶକ୍ତି ହୋଇଥିବାରୁ ସେମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିବ, କିନ୍ତୁ ପରସ୍ପରକୁ ସମ୍ମାନ ଦେଇ ଏହାକୁ ଏଭଳି ପରିଚାଳନା କରାଯିବା ଦରକାର, ତାହା ଯେପରି ବିବାଦର ରୂପ ନନେବ। ଦୁଇ ନେତାଙ୍କ ମଧ୍ୟରେ ଏହା ସ୍ଥିର ହୋଇଛି। ଅପରପକ୍ଷରେ ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ସୁଆଙ୍ଗ୍ ବେଜିଂରେ ସାମ୍ବାଦିକମାନଙ୍କୁ କହିଛନ୍ତି, "ଚୀନ୍ ପଞ୍ଚଶୀଳ ନୀତି ଅନୁଯାୟୀ ଭାରତ ସହ କାର୍ଯ୍ୟ କରିବାକୁ ଚାହେଁ ବୋଲି ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଛନ୍ତି। ଚୀନ୍ ଓ ଭାରତ କେହି କାହା ପାଇଁ ବିପଦ ନୁହଁନ୍ତି, ବରଂ ପରସ୍ପର ପାଇଁ ସୁଯୋଗର କ୍ଷେତ୍ର ବୋଲି ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ କହିଛନ୍ତି।" ସୁଆଙ୍ଗ୍ ଆହୁରି କହିଛନ୍ତି, "ଆମେ ଆଶାକରୁଛୁ ଭାରତ ଚୀନ୍‌ର ବିକାଶକୁ ଯଥାର୍ଥ ଦୃଷ୍ଟିଭଙ୍ଗୀ ନେଇ ବିବେଚନା କରିବ।" ଉଲ୍ଲେଖଯୋଗ୍ୟ ଯେ, ମୋଦି-ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଗତ ଜୁଲାଇରେ ଜର୍ମାନୀରେ ଜି-୨୦ ଶୀର୍ଷ ବୈଠକ ସମୟରେ ଅନୌପଚାରିକ ସାକ୍ଷାତ ହୋଇଥିଲା। କିନ୍ତୁ ଜୁନ୍‌ରେ ଦୁହିଁଙ୍କ ମଧ୍ୟରେ ଶେଷ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ସେତେବେଳେ ରୁଷିଆର ଅସ୍ତାନାରେ ସାଂଘାଇ ସହଯୋଗ ସଂଗଠନ ବୈଠକ ଅବସରରେ ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏଥର ଡୋକ୍‌ଲାମ୍ ବିବାଦ ନେଇ ଦୁଇ ଦେଶ ମଧ୍ୟରେ ଯେଉଁ ତିକ୍ତତା ଦେଖାଦେଇଥିଲା, ତାହା ଦୂର କରିବାରେ ମୋଦି-ଜିନ୍‌ପିଙ୍ଗ୍‌ଙ୍କ ଫଳପ୍ରଦ ଦ୍ୱିପାକ୍ଷିକ ଆଲୋଚନା ସହାୟକ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି।

### ଆମେରିକାକୁ ...

ଉତ୍ତର କୋରିଆ କହିଛି, ଇଏମପି ଆକ୍ରମଣରେ ଆମେରିକାର ସମସ୍ତ ପାୱାର ଗ୍ରୀଡ୍ (ଶକ୍ତିକେନ୍ଦ୍ର)କୁ ଅଚଳ କରିଦିଆଯିବ। ଏହାଦ୍ୱାରା ସମଗ୍ର ଆମେରିକା ମାସାଧିକ କାଳ ଅନ୍ଧାର ହୋଇଯିବ। ଅନ୍ଧାର ଦ୍ୱାରା ଦେଶର ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ରୂପେ ଅଚଳ ହୋଇଯିବ। କେବଳ ସେତିକି ନୁହେଁ; ଶକ୍ତି ଅଭାବରୁ ସାଧାରଣ କାର୍ଯ୍ୟ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇପଡିବା ସହିତ ବଡ଼ ବଡ଼ ସହରେ ଅପରାଧ ଏକପ୍ରକାର ମହାମାରୀ ଭଳି ବ୍ୟାପିଯିବ। ଅନ୍ଧକାରର ସୁଯୋଗ ନେଇ ଅପରାଧୀ ଓ ଦୁର୍ବୃତ୍ତମାନେ ଲୁଟ୍‌ତରାଜ ଆରମ୍ଭ କରିଦେବେ। ଶକ୍ତିଶାଳୀ ଇଏମପି ଆକ୍ରମଣ ଯୋଗୁଁ ଆମେରିକାରେ ଶକ୍ତିକେନ୍ଦ୍ର କେବଳ ଅକାମୀ ହୋଇପଡିବନି; ବରଂ ଏଭଳି ସ୍ଥିତିରୁ ସୁଧୁରିବାକୁ ମାସ ମାସ ତଥା ବର୍ଷ ବର୍ଷ ସମୟ ଲାଗିଯାଇପାରେ ବୋଲି କେତେକ ବିଶେଷଜ୍ଞ ଆଶଙ୍କା କରିଛନ୍ତି। ସୋମବାର ଉତ୍ତର କୋରିଆ ଏହାର ୬ଷ୍ଠ ତଥା ସବୁଠାରୁ କ୍ଷମତା ସମ୍ପନ୍ନ ପରମାଣୁ ବୋମା (ଉଦ୍‌ଜାନ ବୋମା) ପରୀକ୍ଷା କରିଥିଲା। ଏହି ଉଦ୍‌ଜାନ ବୋମାକୁ ଉତ୍ତର କୋରିଆ ଏହାର ଦୂରଗାମୀ କ୍ଷେପଣାସ୍ତ୍ରରେ ସଂଯୋଗ କରି ଆମେରିକାକୁ ନିଶାଣ କରିବାର ଧମକ ଦେଇଥିଲା। ଅନ୍ୟପକ୍ଷରେ ଆମେରିକାର ଡେମୋକ୍ରାଟ୍ ସିନେଟର ତଥା ପୂର୍ବାଞ୍ଚଳ ଓ ବିଶ୍ୱ ସାଇବର ସିକ୍ୟୁରିଟି ସବ୍‌କମିଟି ବରିଷ୍ଠ ସଦସ୍ୟ ଇଡୱାର୍ଡ ଜେ. ମାର୍କେଙ୍କ କହିବାନୁଯାୟୀ, ମାର୍କିନ ରାଷ୍ଟ୍ରର ପାୱାର ଗ୍ରୀଡ୍ ଉପରେ ଆତଙ୍କବାଦୀ ଏବଂ ଉତ୍ତରକୋରିଆ ଭଳି ସ୍ୱେଚ୍ଛାଚାରୀ ରାଷ୍ଟ୍ର ପକ୍ଷରୁ ବଡ଼ ଧରଣର ଆକ୍ରମଣ ଆଶଙ୍କା ରହିଛି। ଏହା ଜାତୀୟ ସୁରକ୍ଷା ପ୍ରତି ଏକ ବଡ଼ ଆହ୍ୱାନ। ତେବେ ଆମେରିକା ମଧ୍ୟ ଏହାର ମୁକାବିଲା ଲାଗି ଆବଶ୍ୟକ ବ୍ୟବସ୍ଥା କରିଛି। କିଭଳି କ୍ଷେପଣାସ୍ତ୍ର ଆକ୍ରମଣ ଦ୍ୱାରା ହଠାତ୍ ସୃଷ୍ଟି ହେଉଥିବା ପ୍ରଚଣ୍ଡ ଶକ୍ତିଶାଳୀ ବିଦ୍ୟୁତ୍ ଚୁମ୍ବକୀୟ କ୍ଷେତ୍ରକୁ କିଭଳି ପ୍ରଭାବହୀନ କରାଯାଇପାରିବ ସେଥିଲାଗି ବ୍ୟୟବହୁଳ ଯନ୍ତ୍ରପାତି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନରେ ଲଗାଯାଇଛି, ଯାହାକି ଏସବୁ କ୍ଷେତ୍ରକୁ ସୁରକ୍ଷା ଦିଆଯାଇପାରିବ ଏବଂ ବିସ୍ଫୋରଣ ପର ଶକ୍ତିଶାଳୀ ବିଦ୍ୟୁତ୍ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟିକୁ ପ୍ରତିହତ କରିପାରିବ ବୋଲି ମାର୍କେ କହିଛନ୍ତି।

### ନୀଳ ତିମି ...

ଅତ୍ୟନ୍ତ ହିଂସ୍ର ଓ ଭୟାନକ ଏହି ଖେଳ ବିରୋଧରେ ସବୁଠି ସ୍ୱର ଉଠୁଥିଲେ ବି ଏହା ତୀବ୍ରତର ହୋଇପାରିନାହିଁ। ଫଳରେ ମୃତ୍ୟୁର ଜାଲ ବସାଇବାକୁ ବ୍ଲୁ-ହ୍ୱେଲ୍ ଆଡମିନ୍ ଛାତ୍ରଛାତ୍ରୀଙ୍କୁ ପଥଭ୍ରଷ୍ଟ କରି ମରଣ ମୁହଁକୁ ଠେଲି ଚାଲିଛି। ଏହା କେବଳ ଜଣିକିଆ ଖେଳନୁହେଁ। ଏଥିରେ ଗୋଟିଏ ଗୋଟିଏ ଗ୍ରୁପ୍ ମଧ୍ୟ ସାମିଲ ରହୁଛନ୍ତି। ଘରଠୁ ଦୂରରେ ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଏହା ବେଶ୍ ଆକୃଷ୍ଟ କରୁଥିବା ଜଣାପଡିଛି। ଫଳରେ ଏଭଳି ଖେଳ ଫନ୍ଦିରେ ପଡିଥିବା ଛାତ୍ରଛାତ୍ରୀଙ୍କ ମନରେ କ୍ୟାରିୟର ଚିନ୍ତା ଅପେକ୍ଷା ମୃତ୍ୟୁ ଚିନ୍ତା ଅଧିକ ଭରିଯାଉଛି। ଏହାର ଶିକାର ହେଉଥିବା ପିଲାମାନେ ଅଳ୍ପଦିନ ମଧ୍ୟରେ ବିଷାଦଗ୍ରସ୍ତ ହୋଇପଡିବା ସହ ନିଃସଙ୍ଗ ଜୀବନଯାପନର ପନ୍ଥା ଖୋଜୁଛନ୍ତି। ସତେ ଯେମିତି ଆତଙ୍କର କଳାବାଦଲ ହସଭରା ମୁହଁରେ ଅଜାଡି ହୋଇପଡୁଛି। ଅଭିଭାବକ ବା ବାପା ମା' ମାନେ ଏହାର ସୁରାକ ପାଇବା ଆଗରୁ ପିଲାଏ ମୃତ୍ୟୁର ସହଯାତ୍ରୀ ହୋଇପଡୁଛନ୍ତି। ଏବେ ଏଥିନେଇ ସମାଜକୁ ଚେତିବାର ଆବଶ୍ୟକତା ଦେଖାଦେଇଛି। ସୌଭାଗ୍ୟକ୍ରମେ ଏଥିରୁ ବର୍ତ୍ତିଯାଇଥିବା ପିଲାମାନେ ଯେଭଳି ତଥ୍ୟ ରଖୁଛନ୍ତି ତାହା ଅତ୍ୟନ୍ତ ଲୋମହର୍ଷଣକାରୀ। ନିକଟରେ କଟକ ମର୍କତନଗରର ଜଣେ ଇଞ୍ଜିନିୟରିଂ ଛାତ୍ର ମୃତ୍ୟୁ ପୂର୍ବରୁ ପୋଲିସ ଦ୍ୱାରା ଉଦ୍ଧାର ପାଇଛି। ଇଞ୍ଜିନିୟରିଂ ପଢୁଥିବା କେନ୍ଦୁଝରର ଏହି ଛାତ୍ର ଜଣକ ପୋଲିସ ଆଗରେ ସ୍ୱୀକାର କରିଛି ଯେ, ସେ ବ୍ଲୁ-ହ୍ୱେଲ୍ ଗେମ୍ ଖେଳୁଥିଲାଏବଂ ଆଡମିନ୍‌ର ନିର୍ଦ୍ଦେଶ ନପାଇବା ପର୍ଯ୍ୟନ୍ତ ଆତ୍ମହତ୍ୟା କରିନଥିଲା। ଏଭଳି ଘଟଣା ଜଣାପଡିଥିଲା ଜଣେ ସହପାଠୀଙ୍କ ଦ୍ୱାରା। ସେ ଏହି ଛାତ୍ର ଜଣକୁ ମାନସିକ ଚାପରେ ରହୁଥିବା ଦେଖି ଟ୍ୱିଟ୍‌ର କରି ପୋଲିସ କମିଶନର ୱାଇବି ଖୁରାନିଆଙ୍କୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଶ୍ରୀ ଖୁରାନିଆ ସଙ୍ଗେ ସଙ୍ଗେ ଡିସିପି ଅଖିଳେଶ ସିଂହଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଡିସିପି ଶ୍ରୀ ସିଂହ ତୁରନ୍ତ ଘଟଣାର ତଦନ୍ତ କରିବା ସହିତ ଛାତ୍ରଙ୍କୁ ଠାବ କରିଥିଲେ। ଏହାପରେ ପୋଲିସ ଜଣେ ମହନସ୍ତତ୍ତ୍ୱବିତ୍‌ଙ୍କ ସହାୟତାରେ ଏହି ଛାତ୍ରଙ୍କୁ କାଉନସିଲିଂ କରିଥିଲେ। ତେବେ ସେହିଭଳି ଅନ୍ୟଏକ ଘଟଣା ଘଟିଛି ରାଜସ୍ଥାନର ଯୋଧପୁର ଅଞ୍ଚଳରେ। ଯୋଧପୁର ସ୍ଥିତ କଇଲାନା ହ୍ରଦକୁ ଜଣେ ୧୭ ବର୍ଷର ଝିଅ ଡେଇଁ ପଡିଥିଲା। ସେଠାରେ ଉପସ୍ଥିତ କିଛି ସ୍ଥାନୀୟ ଲୋକେ ଝିଅକୁ ପାଣିରୁ ଉଦ୍ଧାର କରିବା ସହ ପୋଲିସ ଜିମା ଦେଇଥିଲେ। ସୌଭାଗ୍ୟକ୍ରମେ ମୃତ୍ୟୁ ମୁହଁରୁ ଉଦ୍ଧାର ପାଇଥିବା ଏହି ଝିଅଟି କହିଥିଲା ' ମୁଁ ପାଣିକୁ ନ ଡେଇଁଲେ ମୋ ମା' ମରିଯିବ... ମୋତେ ମୋ କାର୍ଯ୍ୟ ଶେଷ କରିବାକୁ ଦିଅ'...। ପରେ ଜଣାପଡିଲା ଯେ, ଝିଅଟିକୁ ବ୍ଲୁ-ହ୍ୱେଲ୍ ଆଡମିନ୍ ମୃତ୍ୟୁର ଧମକ ଦେବା ସହ ସିଏ ନ ମଲେ ତା'ର ବାପା ମା'କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲା। ଝିଅଟିର ହାତରେ ସେତେବେଳେ ଛୁରୀରେ କଟାଯାଇ ନୀଳତିମିର ଚିତ୍ର ଅଙ୍କା ଯାଇଥିବା ଦେଖାଯାଇଥିଲା। ଗତ କିଛିଦିନ ତଳେ ସମ୍ବଲପୁର ସହରରେ ମଧ୍ୟ ଏଭଳି ଏକ ଘଟଣା ଘଟି ଜଣେ ଛାତ୍ରୀଙ୍କ ଜୀବନ ଯାଇଥିବା ଜଣାପଡିଛି। ତେଣୁ ଏଭଳି ଏକ ଭୟାନକ ଖେଳ ନିକଟରୁ ନିଜ ପିଲାଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ ତାକୁ ନେଇ ସମସ୍ତେ ଚିନ୍ତିତ। ଅନ୍ୟପକ୍ଷରେ ଇଣ୍ଟରନେଟ୍‌ରେ ଉପଲବ୍ଧ ଘାତକ 'ବ୍ଲୁ-ହ୍ୱେଲ୍' ଗେମ୍‌ରୁ ରାଜ୍ୟର ପିଲାମାନଙ୍କୁ ଦୂରେଇ ରଖିବା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ବିଶେଷଜ୍ଞମାନଙ୍କ ପରାମର୍ଶ ନେବେ ବୋଲି ଆଇଟି ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା କହିଛନ୍ତି। ଏଭଳି ଅନ୍‌ଲାଇନ୍ ଗେମ୍ କବଳରୁ ପିଲାମାନଙ୍କୁ କିଭଳି ସୁରକ୍ଷିତ ରଖିହେବ ସେ ଦିଗରେ ଅନୁଧ୍ୟାନ କରାଯାଉଛି। ସେହିପରି ଗୃହ ବିଭାଗ ରାଜ୍ୟରେ ବଢୁଥିବା ସାଇବର ଅପରାଧର ମୁକାବିଲା ପାଇଁ ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ସାଇବର ଥାନା ଖୋଲିବାକୁ ନିଷ୍ପତ୍ତି ନେଇଛି।

# ଜମି କିଣାବିକା ନଗଦଶୂନ୍ୟ ହେବା ଉଚିତ୍ କି ?

ସରକାରୀ ନିର୍ଦ୍ଦେଶ ମୁତାବକ ସେପ୍ଟେମ୍ବର ପହିଲାରୁ ସାରା ରାଜ୍ୟରେ ଜମି କିଣାବିକାକୁ ସମ୍ପୂର୍ଣ୍ଣ ନଗଦଶୂନ୍ୟ (କ୍ୟାସଲେସ୍) କରାଯାଇଛି । ଏଥିପାଇଁ ସାଧାରଣଲୋକଙ୍କ ସମେତ ଏହି କାରବାରରେ ଜଡିତ ବ୍ୟକ୍ତିବିଶେଷ, ମୋହରିର, ଆଇନ୍‌ଜୀବୀ ଓ ଗୃହ ନିର୍ମାଣକାରୀ ସଂସ୍ଥାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଏଥିପାଇଁ ବିଭିନ୍ନ ସ୍ଥାନରେ

**ଉଦ୍ୟମ**

ଆନ୍ଦୋଳନ, ବିକ୍ଷୋଭ ଆରମ୍ଭ ହୋଇଯାଇଛି । ରାଜଧାନୀ ସମେତ ବିଭିନ୍ନ ସବ୍‌ରେଜିଷ୍ଟ୍ରାର ଅଫିସରେ ଜମି କିଣାବିକା ଏକପ୍ରକାର ଠପ୍ ହୋଇଯାଇଛି । ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଆପଣମାନେ କିଭଳି ଗ୍ରହଣ କରୁଛନ୍ତି ଏବଂ ଜମି କିଣାବିକାରେ କ୍ୟାସଲେସ୍ ବ୍ୟବସ୍ଥା ଲାଗୁ ହେଲେ ସାଧାରଣ ଲୋକ କିଭଳି ଉପକୃତ ହେବେ ଏହାକୁ ନେଇ 'ଏକମାତ୍ର' ପକ୍ଷରୁ ଜନମତ ସଂଗ୍ରହ କରାଯାଇଥିଲା । ଏଥିପାଇଁ ସୋସିଆଲ ମିଡିଆ ଏବଂ ବ୍ୟକ୍ତିଗତ ସ୍ତରରେ ମଧ ମତାମତ ସଂଗ୍ରହ କରିଥିଲୁ, ଯାହା ଏଠାରେ ଆମେ ଉପସ୍ଥାପିତ କରିଛୁ ।



**ଶୈଳେନ୍ଦ୍ର କୁମାର ସାମଲ**
*ଡିଆଇଜିଆର, ଓଡ଼ିଶା*

ରାଜ୍ୟର ସମସ୍ତ ରାଜସ୍ୱ ଅଫିସ ଯଥା ତହସିଲ, ସବରେଜିଷ୍ଟ୍ରାର ଓ ଆର୍‌ଆଇ ଅଫିସ୍ ଗୁଡ଼ିକରେ କୌଣସି ନଗଦ ଅର୍ଥ କାରବାର ହେବନାହିଁ ବୋଲି ରାଜ୍ୟ ସରକାର ନୂଆ ନିୟମ ପ୍ରଣୟନ କରିଛନ୍ତି । ଏହାଦ୍ୱାରା ବିଭାଗୀୟ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଆସିବା ସହିତ ସାଧାରଣ ଲୋକେ ବିଶେଷ ଉପକୃତ ହୋଇପାରିବେ । କାରଣ ପୂର୍ବରୁ ସବ୍‌ରେଜିଷ୍ଟ୍ରାର ଅଫିସରେ ଯେକୌଣସି କାମ ବାବଦକୁ କେତେ ଟଙ୍କା ସରକାରୀ ଜମା ତାହା ଲୋକେ ଜାଣିପାରୁ ନଥିଲେ । କିନ୍ତୁ ଏବେ ଏହି ନୂଆ ବ୍ୟବସ୍ଥା ଦ୍ୱାରା ତାହା ସହଜରେ ଜଣାପଡିବ । ବିଭାଗକୁ ଦୁର୍ନୀତିମୁକ୍ତ କରିବା ଲକ୍ଷ୍ୟରେ ସରକାର ଏଭଳି ବ୍ୟବସ୍ଥା କରିଛନ୍ତି ଓ ଏହା ଏକ ବଡ ପରିବର୍ତ୍ତନର ବାର୍ତ୍ତା ଦେଉଛି ।



**ଅରୁଣ କୁମାର ଦାସ**
*ଜିଲ୍ଲା ନିବନ୍ଧକ, ଖୋର୍ଦ୍ଧା*

କ୍ୟାସ୍‌ଲେସ୍ ନିୟମ ସରକାରଙ୍କ ଏକ ଭଲ ପଦକ୍ଷେପ । ଏହାକୁ କାର୍ଯ୍ୟ କରାଇବା କ୍ଷେତ୍ରରେ ସାମୟିକ ସମସ୍ୟା ଉପୁଜିଲେ ବି ଏହା ନିଶ୍ଚିତ ସାଧାରଣ ଲୋକଙ୍କ ହିତସାଧନ କରିପାରିବ । ବର୍ତ୍ତମାନ ସଠିକ୍ ଭିତ୍ତିଭୂମି ନଥିବାରୁ ଏଭଳି ଅସୁବିଧା ଦେଖାଦେଇଛି । ହେଲେ ଏହି ସମସ୍ୟା ବେଶୀଦିନ ରହିବନାହିଁ । ତେଣୁ ନଗଦ ଦେଣ ନେଣ ଅପେକ୍ଷା ଇ-କାରବାର ଅତ୍ୟନ୍ତ ଭଲ ଏବଂ ସୁବିଧାଜନକ । ଏହାଦ୍ୱାରା ଜମି ବିକା କିଣାରେ ସ୍ୱଚ୍ଛତା ଆସିବା ସହିତ ଦୁର୍ନୀତି ଦୂର ହୋଇପାରିବ । ସଚେତନତା ଅଭାବରୁ ଲୋକ ଏହାକୁ ବିରୋଧ କରୁଥିଲେ ବି ପରେ ନିଶ୍ଚୟ ବୁଝିପାରିବେ । ଆଗାମୀ ଦିନରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ଗୁଡ଼ିକରେ ନିଶ୍ଚିତ ଭାବେ ନଗଦ ଶୂନ୍ୟ ଟଙ୍କା କାରବାର ହୋଇପାରିବ । ବର୍ତ୍ତମାନ ହେଉଥିବା ଅସୁବିଧାକୁ ଦୂର କରିବା କ୍ଷେତ୍ରରେ ରାଜସ୍ୱ ବିଭାଗ ପ୍ରୟାସ ଜାରି ରଖିଛି । ତେଣୁ କ୍ୟାସ୍ ଲେସ୍ ବ୍ୟବସ୍ଥା ଭବିଷ୍ୟତରେ ନିଶ୍ଚୟ ସୁଫଳ ପ୍ରଦାନ କରିବ ।



**ହେମେନ୍ଦ୍ର ନାରାୟଣ ମହାନ୍ତି**
*ଅନୁ ନିବନ୍ଧକ, ଖଣ୍ଡଗିରି*

ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ନଗଦ ଶୂନ୍ୟ କାରବାର ହେଲେ ଏଠାରେ ଅଧିକ ସ୍ୱଚ୍ଛତା ଆସିପାରିବ ଏବଂ ଜମି କିଣାବିକାରେ ହେଉଥିବା ଦୁର୍ନୀତି ଆଉ ହୋଇପାରିବ ନାହିଁ । ତେଣୁ ସରକାରଙ୍କ ଏହି କ୍ୟାସ୍ ଲେସ୍ ବ୍ୟବସ୍ଥା ନିଶ୍ଚୟ ଏକ ଭଲ ପଦକ୍ଷେପ ।



**ମାନସ ରଞ୍ଜନ ମହାପାତ୍ର**
*ଚେୟାରମ୍ୟାନ୍, ଓଡ଼ିଶା ବାର କାଉନସିଲ*

ବର୍ତ୍ତମାନ ପରିପ୍ରେକ୍ଷୀରେ ରେଭିନ୍ୟୁ ଅଫିସ ଗୁଡିକରେ ନଗଦଶୂନ୍ୟ କାରବାର ବାଧ୍ୟତାମୂଳକ ହେବା ଅନୁଚିତ୍ । ଏଇଥିପାଇଁ ଯେ, ସରକାର ନୂଆ ଆଇନ୍ ଆଣିବା ଆଗରୁ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇ ନାହାନ୍ତି । ସଚେତନତା ନାହିଁ କିମ୍ବା ଭିତ୍ତିଭୂମି ନଥାଇ ରାଜସ୍ୱ କାର୍ଯ୍ୟାଳୟ ଗୁଡ଼ିକରେ କ୍ୟାସ୍ ଲେସ୍ କାରବାର ବାଧ୍ୟତାମୂଳକ କରାଯିବା ଠିକ୍ ନୁହେଁ । ଗ୍ରାମାଞ୍ଚଳ ଗୁଡିକରେ ପର୍ଯ୍ୟାପ୍ତ ବ୍ୟାଙ୍କ ସେବା ମିଳୁନାହିଁ ଏବଂ ରାଜ୍ୟର ୯୦% ଲୋକଙ୍କର ଇ-ଦେଣନେଣ ଉପରେ ଆଦୌ ଧାରଣା ନାହିଁ । ଏଭଳି ସ୍ଥିତିରେ କ୍ୟାସ୍ ଲେସ୍ ଭଳି ଏକ ନିର୍ଦ୍ଦେଶନାମା ଜାରୀ କରାଯିବା ଆଦୌ ଗ୍ରହଣୀୟ ନୁହେଁ । ରାଜ୍ୟରେ ଶିକ୍ଷିତ ଓ କମ୍ପ୍ୟୁଟର ଅଭ୍ୟାସକାରୀଙ୍କ ସଂଖ୍ୟାକୁ ହିସାବ ନକରି ନିୟମ ପ୍ରଣୟନ କରିଦେଲେ ବ୍ୟବସ୍ଥାରୁ ସୁଫଳ ମିଳିବନାହିଁ । ଏହାଦ୍ୱାରା ସାଧାରଣ ଗରିବ ଓ ନିରୀହ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ବ୍ୟାଙ୍କ କାରବାର ଉପରେ ଧାରଣା ନଥିବା ଲୋକେ କ୍ୟାସ୍ ଲେସ୍ ପରିଚାଳନାକୁ ବୁଝି ନପାରି ଅଯଥା ହଇରାଣ ହେବେ । ଅନ୍ୟପକ୍ଷରେ ଆର୍‌ବିଆଇ ଗାଇଡଲାଇନ୍ ଅନୁସାରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ କାରବାର ଉପରେ କୌଣସି ପ୍ରତିବନ୍ଧକ ନାହିଁ । ଛୋଟ ଛୋଟ କାରବାରକୁ ନଗଦଶୂନ୍ୟ କରାଗଲେ ଜମି କିଣାବିକାରେ ବହୁ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି । କାରଣ ଠିକଣା ବେଳେ ବ୍ୟାଙ୍କରୁ ଡ୍ରାଫ୍ଟ ପ୍ରସ୍ତୁତ କରି ଏହାକୁ ଠିକ୍ ସମୟରେ ସବ୍‌ରେଜିଷ୍ଟ୍ରାର ଅଫିସରେ ଜମା କରିବା ସମ୍ଭବପର ନୁହେଁ । ତେଣୁ ଉପଯୁକ୍ତ ଭିତ୍ତଭୂମି ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ଏହି ଆଇନ୍‌କୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ କରାନଯାଉ । ତେଣୁ ଖୋଦ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପ୍ରଥମେ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟକୁ ନଗଦଶୂନ୍ୟ କରିବା ସହ ଇ-କାରବାର ସମ୍ବନ୍ଧରେ ନିଜର ଦକ୍ଷତାର ପ୍ରମାଣ ଦିଅନ୍ତୁ । ଏହାଦ୍ୱାରା ଲୋକେ ଏଥିରୁ ଶିକ୍ଷା ଲାଭ କରିବେ ଏବଂ ବିଭାଗର ନିୟମ ପ୍ରତି ଧ୍ୟାନ ଦେବେ । ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟି ନଦେଇ କେବଳ ନିର୍ଦ୍ଦେଶନାମା ଜାରୀ କରିଦେଲେ ଏଥିରୁ ଆଦୌ ସୁଫଳ ମିଳିବ ନାହିଁ ।



**ତାପସ ଦାସ**
*ସେକ୍ରେଟାରୀ*
*ଭୁବନେଶ୍ୱର ବାର୍ କାଉନସିଲ୍*

ସରକାରଙ୍କର କ୍ୟାସ୍‌ଲେସ୍ ବ୍ୟବସ୍ଥା ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହାକୁ ଆମ୍ଭେ ଗ୍ରହଣ କରୁଛୁ । କିନ୍ତୁ, ସରକାର ଏହାକୁ କରିବା ପୂର୍ବରୁ ରେଜିଷ୍ଟ୍ରାର ଅଫିସ୍‌ରେ ଉପଯୁକ୍ତ ଭିତ୍ତିଭୂମି, ଅଧିକ ସଂଖ୍ୟକ କର୍ମଚାରୀ, କମ୍ପ୍ୟୁଟର ବ୍ୟବସ୍ଥା କରିବା ସହିତ ଏହି ଅଫିସରେ ବ୍ୟାଙ୍କ କାଉଣ୍ଟର ଇତ୍ୟାଦି ବ୍ୟବସ୍ଥା କରିବା ପରେ ଏହି ନିୟମକୁ ଲାଗୁ କରିଥିଲେ ଭଲ ହୋଇଥାନ୍ତା । ଗ୍ରାମାଞ୍ଚଳରେ ଥିବା ରାଜସ୍ୱ ଅଫିସ ଗୁଡିକ ପାଖରେ କୌଣସି ବ୍ୟାଙ୍କ ସୁବିଧା ନାହିଁ । ସେଠାରେ ଲୋକ କିପରି କ୍ୟାସ୍‌ଲେସ୍‌ରେ ରେଜିଷ୍ଟ୍ରି କରିବେ ? ତେଣୁ ବର୍ତ୍ତମାନ ପାଇଁ ଏହାକୁ ବନ୍ଦ କରି ଭିତ୍ତିଭୂମି ସଜାଡି ନିୟମକୁ କାର୍ଯ୍ୟକାରୀ କରାନ୍ତୁ ।



**ବିନାୟକ ଦାଶ**
*ସାଧାରଣ ନାଗରିକ*

କ୍ୟାସ୍‌ଲେସ୍ ଏକ ଭଲ ପଦକ୍ଷେପ । କିନ୍ତୁ, ଭାରତ ଭଳି ବୃହତ ଓ ବିବିଧତାପୂର୍ଣ୍ଣ ଦେଶରେ, ସବୁ କାର୍ଯ୍ୟରେ, ସବୁ ଅଞ୍ଚଳରେ ବର୍ତ୍ତମାନ ସମୟରେ ଲାଗୁହେବା ସମ୍ଭବ ନୁହେଁ । ଭାରତ, ସିଙ୍ଗାପୁର ନୁହେଁ, ଆମେରିକା ଏକ ଉନ୍ନତ ଦେଶ ହୋଇ ମଧ କ୍ୟାସ୍‌ଲେସ୍‌କୁ ସବୁ କ୍ଷେତ୍ରରେ କାର୍ଯ୍ୟକାରୀ କରିପାରିନାହିଁ । ଭାରତରେ ଏବେବି ୩୫% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି, ସେମାନେ ବ୍ୟାଙ୍କ କ'ଣ ଜାଣନ୍ତିନାହିଁ । ସେହିପରି, ପାଖାପାଖି ୩୫ ରୁ ୪୦% ଲୋକ ନିରକ୍ଷର କିମ୍ବା କଷ୍ଟେମଷ୍ଟେ ଦସ୍ତଖତ କରିବା ଛଡ଼ା ଆଉ କିଛି ଜାଣନ୍ତି ନାହିଁ । ଦ୍ୱିତୀୟରେ, ଏବେବି ବ୍ଲକ କିମ୍ବା ଜିଲ୍ଲା ମୁଖ୍ୟାଳୟକୁ ଛାଡ଼ିଲେ ଅଧିକାଂଶ ପଞ୍ଚାୟତରେ ବ୍ୟାଙ୍କ ବ୍ୟବସ୍ଥା ନାହିଁ । ଗ୍ରାମାଞ୍ଚଳ ବ୍ୟାଙ୍କରେ ଅଧିକାଂଶ ସମୟ ଲିଙ୍କ୍ ନଥାଏ, ଫଳରେ ଗରିବ ଲୋକଟିଏ ବ୍ୟାଙ୍କକୁ ଆସିଲେ ତା'ର ଦିନକର ମଜୁରୀ ହରାଏ । ତୃତୀୟରେ, ସରକାର ଏବେ ମଧ ବ୍ୟାଙ୍କର ଅନ୍‌ଲାଇନ୍ ଟଙ୍କା ନେଣଦେଣ ବ୍ୟବସ୍ଥାକୁ ବିପଦମୁକ୍ତ କରିପାରୁନାହାନ୍ତି । ଅପରାଧୀମାନେ ଲୋକଙ୍କୁ ଫୋନ୍ କରି ଏଟିଏମ୍ କାର୍ଡ ନମ୍ବର ଓ ପାସ୍‌ୱାର୍ଡ ମାଗୁଛନ୍ତି । ଆଉ ଜଣେ ଯଦି ଏସବୁ ଦେଇଦେଲା, ତା' କଷ୍ଟ ଉପାର୍ଜିତ ଟଙ୍କା ଚଳୁ ହୋଇଯାଉଛି । ଗାଁ ଗଣ୍ଡାର ଗରିବ ଲୋକ, ବିଶେଷ କରି ମହିଳାମାନେ ସାଧାରଣତଃ ଏହି ଅପରାଧର ବେଶୀ ଶିକାର ହେଉଛନ୍ତି । ଗରିବ ଲୋକଟିଏ ନିଜ ଝିଅ ବାହାଘର କି ଡାକ୍ତରଖାନା ଖର୍ଚ୍ଚ କରିବାକୁ ଜମି ଖଣ୍ଡେ ବିକି ଯଦି ଏହି ପ୍ରକାରରେ ଟଙ୍କା ଗୁଡିକ ହରେଇଲା, ତେବେତ କଥା ସରିଲା । ତା'ପାଖରେ ଆତ୍ମହତ୍ୟା କରିବା ଛଡା ଆଉ କିଛି ବାଟ ରହିବନି । ଏସବୁ ବିଷୟକୁ ସରକାର ବିଚାରକୁ ନବା ଉଚିତ୍ । It's a People's Government. ସରକାର ନିଜର ସୁବିଧା ପାଇଁ ଲୋକଙ୍କୁ ହଇରାଣରେ ପକାଇବା ଉଚିତ୍ ନୁହେଁ । ଆଗ, ଲୋକଙ୍କୁ ଯଥେଷ୍ଟ ଭାବରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହ ଅଭ୍ୟସ୍ତ କରାଇବା କଥା, ବ୍ୟାଙ୍କ ଭିତ୍ତିଭୂମି ବଢ଼େଇବା କଥା । ତା'ପରେ କ୍ୟାସଲେସ୍ ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ ଲାଗୁହେବା ଉଚିତ୍ । ବର୍ତ୍ତମାନ ପରିସ୍ଥିତିରେ ଏହା ଏକ ବିକଳ୍ପ ବ୍ୟବସ୍ଥା ହୋଇପାରେ, ଯାହାର ସୁବିଧା ଅଛି ସେ ଏହାକୁ ଆପଣାଇପାରେ । କିନ୍ତୁ, ଏହା ଏକମାତ୍ର ବିକଳ୍ପ ହେବା ଉଚିତ୍ ନୁହେଁ ।



**ପବିତ୍ର ମୋହନ ରାଉତରାୟ**
*ଚେୟାରମ୍ୟାନ୍, ଶ୍ରୀକ୍ରିଷ୍ଣ ଇଣ୍ଟରନ୍ୟାସନାଲ ସ୍କୁଲ*

ବିମୁଦ୍ରାକରଣ ଭଳି ରାଜସ୍ୱ ଅଫିସ୍ ଗୁଡ଼ିକରେ କ୍ୟାସ୍ ଲେସ୍ ବ୍ୟବସ୍ଥାର ପ୍ରଚଳନ ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ରାଜ୍ୟ ସରକାର ସମସ୍ତଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି । କାରଣ ସହରାଞ୍ଚଳକୁ ବାଦ୍ ଦେଲେ ଓଡ଼ିଶାର ଗ୍ରାମାଞ୍ଚଳରେ ଏଭଳି କିଛି ସ୍ଥାନ ଅଛି ଯେଉଁଠାରେ ସାଧାରଣ ବ୍ୟାଙ୍କଟିଏ ନାହିଁ କିମ୍ବା ଇଣ୍ଟରନେଟ୍ ସୁବିଧା ନାହିଁ । ବୈଷୟିକ ଦୃଷ୍ଟିକୋଣରୁ ସବୁଲୋକଙ୍କର ଏ ଦିଗରେ ଜ୍ଞାନ ନାହିଁ । ତେଣୁ କ୍ୟାସ୍ ଲେସ୍ ବ୍ୟବସ୍ଥାର ସଫଳତା ପାଇଁ ଲୋକଙ୍କୁ ସଚେତନ କରାଇବା ସହିତ ସରକାର ଜମି କିଣାବିକା ବେଳେ ହେଉଥିବା ଟଙ୍କା କାରବାରରେ ମଧ ସ୍ୱଚ୍ଛତା ଆଣିବା ଦରକାର । ଛୋଟ ଛୋଟ ଦେଣନେଣ କ୍ଷେତ୍ରରେ ଏହି ବ୍ୟବସ୍ଥା ଲୋକଙ୍କୁ ବହୁ ଅସୁବିଧାରେ ପକାଇବ । ସେଭଳି ବଡ ବଡ ଦେଣଦେଣ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାର ଅଫିସରେ ଜମା କରାଯାଉଥିବା ବ୍ୟାଙ୍କ ଡ୍ରାଫ୍ଟ କ୍ଲିୟରିଂ ନହେବା ପର୍ଯ୍ୟନ୍ତ ଏହା ଲଟକି ରହିବ । ରୁଟି, କପଡା ଓ ଘର ଭଳି ଜମିର ମୂଲ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ମଧ ସ୍ୱଚ୍ଛତା ଆସିବା ଦରକାର । କାରଣ ଗୋଟିଏ ଜମିର ଘରୋଇ ମୂଲ୍ୟ ଯାହା ତାହା ସରକାରୀ ମୂଲ୍ୟ ନୁହେଁ । ତେଣୁ ଏ କ୍ଷେତ୍ରରେ ହେଉଥିବା ଟଙ୍କା କାରବାରରେ ମଧ ସମାନତା ନାହିଁ । ସରକାର ଏ ଦିଗପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ସ୍ୱଚ୍ଛତା କେବଳ ସବ୍‌ରେଜିଷ୍ଟ୍ରାର ଅଫିସରେ ନହୋଇ ସବୁ କ୍ଷେତ୍ରରେ ହେବା ଉଚିତ୍ । ସେହିଭଳି ରାଜ୍ୟରେ ବେନାମୀ ସମ୍ପତ୍ତି କିଣାବିକା କରୁଥିବା ଲୋକଙ୍କୁ ମଧ ସରକାର ଠାବ କରି ସେମାନଙ୍କ ଠାରୁ ନିୟମ ମୁତାବକ ଅର୍ଥ ଆଦାୟ କରିପାରିଲେ କ୍ୟାସ୍ ଲେସ୍ ବ୍ୟବସ୍ଥା ଅଧିକ ଫଳପ୍ରଦ ହୋଇପାରିବ ବୋଲି ମୋର ବିଶ୍ୱାସ ।



**ଆତ୍ମପ୍ରକାଶ ମହାନ୍ତି**
*ଆଇନ୍‌ଜୀବୀ*

ଏହା ଏକ ବିକୃତ ଚିନ୍ତାଧାରା । ଏଥିରୁ ପ୍ରମାଣ ହୁଏ ସରକାରଙ୍କ ତାଙ୍କ ରାଜ୍ୟବାସୀଙ୍କ ଉପରେ ଧାରଣା ନାହିଁ ବା ରେଜିଷ୍ଟ୍ରେସନ ଅଫିସରେ ଥିବା ସିଷ୍ଟମ ଉପରେ ଧାରଣା ନାହିଁ । ଏଣୁ ତୁରନ୍ତ ଏହାକୁ ବନ୍ଦ କରାଯାଉ ।



**ଲିଙ୍ଗରାଜ ସାହୁ**
*ଆବାହକ, ଭୁବନେଶ୍ୱର ଲୟର୍ସ ଗ୍ରୁପ୍*

ଏହି ଘଟଣା ପରେ ଗତ ବୁଧବାର ବୋର୍ଡ ଅଫ୍ ରେଭିନ୍ୟୁର ଆଇଜିଆର ଲେଟର ନମ୍ବର-ଭିଆଇଆଇ ୨୭/୨୧୭-୩୨୭୯ ତା.୬-୯-୨୦୧୭ରେ ଗୋଟେ ନୂଆ ଅର୍ଡର କରିଛନ୍ତି । ୧୦ ହଜାର ଭିତରେ କ୍ୟାସ୍ ଡିପୋଜିଟ୍ ହୋଇପାରିବ । ନୂଆ ଏଟିଏମ୍ ମେସିନ୍ ଲାଗିବା ପର୍ଯ୍ୟନ୍ତ କିନ୍ତୁ ଏଥିରେ ସମସ୍ୟା ସମାଧାନ ହେବନାହିଁ । ଯଦି ସରକାର ସବୁ ସବରେଜିଷ୍ଟ୍ରାର ଅଫିସ୍ ଓ ତହସିଲରେ ଗୋଟେ ଗୋଟେ ବ୍ୟାଙ୍କ ଏକ୍ସଟେନ୍ସନ କାଉଣ୍ଟର ଖୋଲିବେ ବା କ୍ୟାସ୍‌ଲେସ୍‌କୁ ବିକଳ୍ପ ଭାବେ ବ୍ୟବହାର କରିବେ ତେବେ କିଛି ଅସୁବିଧା ନାହିଁ । ନଚେତ୍ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେବେ ।



**କଳିଙ୍ଗ କେଶରୀ ରଥ**
*ବିଲ୍ଡର*

ରାଜସ୍ୱ ବିଭାଗର ଏହି ନୂଆ ଆଇନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଏହାଦ୍ୱାରା ଜମି କିଣାବିକାରେ ଅଧିକ ସ୍ୱଚ୍ଛତା ଆସିପାରିବ । ରେଜିଷ୍ଟ୍ରି ବେଳେ ନଗଦ ଟଙ୍କା କାରବାର ହେଉଥିବା ଯୋଗୁଁ ଯେଭଳି ଅସୁବିଧା ସୃଷ୍ଟି ହୁଏ ତାହା ଆଉ ହେବନାହିଁ । ଅଧିକ ଟଙ୍କା ପଇସା ସାଙ୍ଗରେ ନେଇ ଯିବା ମଧ ବିପଦଜନକ ଥିଲା । ତେଣୁ ନୂଆ ଆଇନ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିଛି । କ୍ୟାସ୍‌ଲେସ୍ କାରବାର ହେଲେ ଦେଶରୁ ଦୁର୍ନୀତି ହଟିବ । ତେଣୁ ଏହି ଆଇନ ପ୍ରତି ମୋର ସମର୍ଥନ ଓ ସମ୍ମାନ ରହିଛି ।



**ମନୋଜ ବଳିୟାର ସିଂହ**
*ଆଇନଜୀବୀ*

ରାଜସ୍ୱ ବିଭାଗ ପ୍ରଥମେ ସବ୍‌ରେଜିଷ୍ଟ୍ରି ଅଫିସ୍‌ରେ ଏକ ବ୍ୟାଙ୍କ ଏକ୍ସଟେନ୍‌ସନ୍ କାଉଣ୍ଟର ଖୋଲନ୍ତୁ । ତେବେ ଲୋକେ ଏହି ବ୍ୟବସ୍ଥାକୁ ସହଜରେ ଗ୍ରହଣ କରିନେବେ ।



**ଉଦୟକର ସାହୁ**
*ବିଲ୍ଡର*

ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ କ୍ୟାସ୍‌ଲେସ୍ ବ୍ୟବସ୍ଥା ଅଧିକ ସମସ୍ୟା ସୃଷ୍ଟି କରିଛି । କାରଣ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରି ଅଫିସ୍‌ରେ ଜମା କରିବା ସମ୍ଭବପର ହେଉନାହିଁ । ଯାହାଫଳରେ ଦୂରଦୂରାନ୍ତରୁ ଏହି କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ । ବିଶେଷକରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା କ୍ଷେତ୍ରରେ ଯେଭଳି ବିଳମ୍ବ କରୁଛନ୍ତି ଏହାଦ୍ୱାରା ସମସ୍ତଙ୍କର ଅସୁବିଧା ହେବ । ଛୋଟ ଛୋଟ କାରବାର କ୍ଷେତ୍ରରେ ଏହା ବିଶେଷ ଅଡୁଆ ସୃଷ୍ଟି କରିବ । ତେଣୁ ଏହି ଆଇନ୍ ପ୍ରତ୍ୟାହାର ହେବା ଦରକାର ।



**ପ୍ରଭାକର ମଲ୍ଲିକ**

ଏହି ବ୍ୟବସ୍ଥା ରାଜସ୍ୱ ବିଭାଗର ସଠିକ୍ ପରିଚାଳନା ନୁହେଁ । ପ୍ରଥମେ ବିଭାଗ ଭିତ୍ତିଭୂମି ପ୍ରସ୍ତୁତ କରୁ ଏବଂ କ୍ୟାସ୍‌ଲେସ୍ ବ୍ୟବସ୍ଥା ଲାଗୁ କରୁ । ଏ ଦିଗରେ ଜନସାଧାରଣଙ୍କୁ ସଚେତନ କରାଇଲେ ସମସ୍ତଙ୍କୁ ଲାଭ ମିଳିବ ।



**ଅକ୍ଷୟ ଦାସ**
*ଆଇନଜୀବୀ*

ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ମନ୍ତ୍ରୀ ଓ ଅଧିକାରୀମାନଙ୍କୁ ନିବେଦନ ସେମାନେ ନିଜେ ଟିକେ ରେଜିଷ୍ଟ୍ରେସନ ଅଫିସରେ କ୍ୟାସ୍‌ଲେସ୍ ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ଆନୁସଙ୍ଗିକ ଭିତ୍ତିଭୂମିର ବ୍ୟବସ୍ଥା କ'ଣ କରିଛନ୍ତି ତାହା ଜନସାଧାରଣଙ୍କୁ ଅବଗତ କରାଇଛନ୍ତି କି ?



**ସନ୍ତୋଷ କୁମାର ନାଥ**
*ପୂର୍ବତନ ସରପଞ୍ଚ, କଳାରାହାଙ୍ଗ ଗ୍ରାମ ପଞ୍ଚାୟତ*

କ୍ୟାସ୍‌ଲେସ୍ ବ୍ୟବସ୍ଥା ଭଲ ହୋଇଥିଲେ ବି ଏହା ଲାଗୁହେବା ଦ୍ୱାରା ଗରିବ ଲୋକ ବିଶେଷ ହଇରାଣ ହେବେ । ବଡ ବଡ କାରବାର କ୍ଷେତ୍ରରେ ଏହା ଅସୁବିଧା ସୃଷ୍ଟି କରିବନାହିଁ । ହେଲେ ସାଧାରଣ ଲୋକଙ୍କ ପାଇଁ ଏହା କାର୍ଯ୍ୟ କରିବା ପୂର୍ବରୁ ଏ ଦିଗରେ ସରକାର ପୁନର୍ବିଚାର କରିବା ଆବଶ୍ୟକ । ଛୋଟ ମୋଟ କାରବାର ପାଇଁ ଏହି ବ୍ୟବସ୍ଥା ଲାଗୁ ନହେଉ । ଏଥିପାଇଁ ଏକ ଲିମିଟ୍ ରହିବା ଦରକାର ଯେଉଥିରେ ଗରିବ ଲୋକେ ଆଦୌ ପ୍ରଭାବିତ ହେବେନାହିଁ କିମ୍ବା କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ ।



**ବିଶ୍ୱମ୍ଭର ଦାଶ**
*ଆଇନଜୀବୀ*

ରାଜସ୍ୱ ମନ୍ତ୍ରୀଙ୍କର ରେଜିଷ୍ଟ୍ରେସନ ଉପରେ କୌଣସି ଜ୍ଞାନ ନାହିଁ । ଥିଲେ ଏଭଳି କାର୍ଯ୍ୟ କରିନଥାନ୍ତେ । ତୁରନ୍ତ ଏହାକୁ ବନ୍ଦ କରନ୍ତୁ । ନଚେତ୍ ନିଆଁ ଜଳିବ । ଆର୍‌ବିଆଇ ୨ଲକ୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ଫ୍ରି କରିଛନ୍ତି । ତେଣୁ ସେଭଳି ଭାବେ ୨ଲକ୍ଷ ଉପରକୁ କ୍ୟାସଲେସ୍ ହେଉ ।



**ବିମଳଚନ୍ଦ୍ର ପ୍ରଧାନ**
*ସାମ୍ବାଦିକ*

ଇଲେକ୍ଟ୍ରି ଅଫିସରେ ବିଲ୍ ଦେବା ପାଇଁ କ୍ୟାସ୍‌ଲେସ୍ ସୁବିଧା ନାହିଁ । ରେଜିଷ୍ଟ୍ରି ଅଫିସରେ ଅଛି ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି